NITIDIN
# ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20
12 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
FRIDAY
18 APRIL 2025
ଶୁକ୍ରବାର
୧୮ ଏପ୍ରିଲ୍ ୨୦୨୫
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 10 • ISSUE 328 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୦ • ସଂଖ୍ୟା ୩୨୮ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଓଡ଼ିଶାରେ ଯୋଗାଯୋଗ କ୍ଷେତ୍ରରେ ନୂଆ ଯୁଗର ଆରମ୍ଭ

# ଆମେରିକା ଭଳି ଚକ୍‌ମକ୍ ହେବ ଜାତୀୟ ରାଜପଥ: ଗଡ଼କରି




### ୧୫୪ କିମି ଦୀର୍ଘ ୧୯ ସଡ଼କ ପ୍ରକଳ୍ପ ଲୋକାର୍ପିତ, ଶିଳାନ୍ୟାସ

### ୪ ହଜାର କୋଟି ଟଙ୍କାର ନିବେଶ ପାଇଁ ବ୍ୟୟ ଅଟ୍ଟକଳ

### ସର୍ଭିସ୍ ରୋଡ୍ ସହ ୬ ଥାକିଆ ହେବ ଭୁବନେଶ୍ୱର-ପୁରୀ ଏନ୍‌ଏଚ୍

### ସାତପଡ଼ା-କୃଷ୍ଣପ୍ରସାଦ ମଧ୍ୟରେ ୫୦୦ କୋଟି ବ୍ୟୟରେ ୨ ପୋଲ

**ଭୁବନେଶ୍ୱର, ୧୭।୪/ଏନ୍‌ଏନ୍‌ଏସ୍:**

ଓଡ଼ିଶାରେ ଯୋଗାଯୋଗ କ୍ଷେତ୍ରରେ ନୂଆ ଯୁଗର ଆରମ୍ଭ ହୋଇଛି । ୬ ଥାକିଆ ହେବ ଭୁବନେଶ୍ୱର-ପୁରୀ ରାସ୍ତା । ଏମିତି ରାଜ୍ୟର ଜାତୀୟ ରାଜପଥଗୁଡ଼ିକ ଆମେରିକା ଭଳି ଚକମକ୍ ହେବ । ଧାର୍ଯ୍ୟ ସମୟରେ ଲକ୍ଷ୍ୟସ୍ଥଳରେ ହଞ୍ଚିବେ ଲୋକେ । ଫଳରେ ସମୟ ବଞ୍ଚିଯିବ । ଓଡ଼ିଶା ଗସ୍ତରେ ଥିବା କେନ୍ଦ୍ର ସଡ଼କ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ କଡ଼କରି ଏହି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

ଗୁରୁବାର ଶ୍ରୀ ଗଡ଼କରି ରାଜ୍ୟର ମୋଟ୍ ୧୫୪ କିମି ଦୀର୍ଘ ୧୯ଟି ସଡ଼କ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହ ମିଳିତ ଭାବେ ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ଏଥିପାଇଁ ୪ ହଜାର କୋଟି ଟଙ୍କାର ନିବେଶ ହେଉଛି । ଭୁବନେଶ୍ୱରସ୍ଥ ବରମୁଣ୍ଡାରେ ଆୟୋଜିତ ସଭାକୁ ସମ୍ବୋଧିତ କରି କେନ୍ଦ୍ର ସଡ଼କ, ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ କହିଛନ୍ତି, ପ୍ରଭୁ ଜଗନ୍ନାଥଙ୍କ ମାଟିକୁ ଆସି ଧନ୍ୟ ମନେ କରୁଛି । ଏହି ପବିତ୍ର ମାଟି ପାଇଁ ଅନେକ କାର୍ଯ୍ୟ କରିବାର ଅଛି । ଏଠି ସମ୍ବଳର ଅଭାବ ନାହିଁ । ରାଜ୍ୟରେ ରହିଛି ଖଣି, ପାଣି, ଜଙ୍ଗଲ ଓ ପ୍ରାକୃତିକ ସଂପଦର ଅପାର ସମ୍ଭାର । ଏସବୁର ବିନିଯୋଗ କରି ଓଡ଼ିଶାର ବିକାଶକୁ ନୂଆଁ ରୂପ ▶▶ ୭

## ଯୋଡ଼ିଛି ଭିତ୍ତିଭୂମି ବିକାଶରେ ନୂଆ ଫର୍ଦ୍ଦ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୭।୪/ଏନ୍‌ଏନ୍‌ଏସ୍:**

ଓଡ଼ିଶା ପାଇଁ ଆଜି ଏକ ଐତିହାସିକ ଦିନ । ଭିତ୍ତିଭୂମି ବକାଶରେ ନୂଆ ନୂତନ ଫର୍ଦ୍ଦ ଯୋଡ଼ି ହୋଇଛି । ନୂତନ ଜାତୀୟ ରାଜପଥ ନିର୍ମାଣ ହେବା ଦ୍ୱାରା ରାଜ୍ୟର ଗମନାଗମନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବା ସହିତ ଯାତାୟାତ ସୁବିଧା ହେବ । ଏଥି ସହିତ ରାଜ୍ୟର ଅର୍ଥନୀତିରେ ବିକାଶ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରକାଶ କରିଛନ୍ତି । ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଉଦ୍ୟମରେ ଓଡ଼ିଶାକୁ ୪୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱର ପ୍ରକଳ୍ପ ଭେଟି ମିଳିଛି । କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରି ଏହି ପ୍ରକଳ୍ପଗୁଡ଼ିକ ଭେଟି ଦେଇଛନ୍ତି । ଏହା ଦ୍ୱାରା ରାଜ୍ୟର ୧୯ଟି ରାସ୍ତାରେ ୪୦୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟରେ ୧୫୪ଟି ରାଜରାସ୍ତା, ବ୍ରିଜ୍ ଓ ଫ୍ଲାଏଓଭର୍ ନିର୍ମାଣ ହେବ । ଯାତାୟାତର ସୁବ୍ୟବସ୍ଥା ହେଲେ ବିକାଶ ହୋଇଥାଏ । ସେଥିପାଇଁ ରାଜ୍ୟରେ ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ଆସିଥିବାରୁ ଭିତ୍ତିଭୂମି ବିକାଶ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଖୋର୍ଦ୍ଧା,ବେଗୁନିଆ, ୧୭।୪/ଏନ୍‌ଏନ୍‌ଏସ୍:**

ରାସ୍ତାକଡ଼ରେ ଥୁଆ ହୋଇଛି ସ୍କୁଟି । ଗଛରେ ଝୁଲୁଛି ପ୍ରେମୀଯୁଗଳଙ୍କ ମୃତଦେହ । ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ୍ ବୋଡଲମା ଗ୍ରାମପଞ୍ଚାୟତ ତଥା ଜଙ୍କିଆ ଥାନା ସିକୋ ଫାଣ୍ଡି ଅନ୍ତର୍ଗତ ଗୌଡ଼ପାଟଣା ନିକଟବର୍ତ୍ତି ଖୁଣ୍ଟବନ୍ଧ ମୌଜାର ମହୁଲକୁଦିଆ ଠାରେ ଏପରି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି । ଘଟଣାସ୍ଥଳରେ ଜଙ୍କିଆ ପୁଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ତଦନ୍ତ ଆରମ୍ଭ କରିଛି ।

ଗୁରୁବାର ସକାଳେ ରାସ୍ତାକଡ଼ରେ ଏକ ସ୍କୁଟି ଥୁଆ ହୋଇଥିବା ବେଳେ ନିକଟରେ ଏକ ମଇଗଛରେ ପ୍ରେମୀଯୁଗଳଙ୍କ ମୃତଦେହ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ଦେଖିଥିଲେ । ମୃତ ପ୍ରେମୀଯୁଗଳଙ୍କ ପାଦ ଭୂମିକୁ ଲାଗି ରହିଥିବାରୁ ଏହା ଆତ୍ମହତ୍ୟା ନୁହେଁ ବୋଲି ସନ୍ଦେହ ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଯୁବକ ରାଜସୁନାଖଳା ଗୋପିନାଥପୁର ସାହିର ଅଜୟ ପ୍ରଧାନ(୪୩) ଓ ପ୍ରେମିକା ସେହି ରାଜସୁନାଖଳାର ଶାନ୍ତି ସାହୁ ▶▶ ୭

### ସଡ଼କ ସୁରକ୍ଷା, ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ ପାଇଁ ପଦକ୍ଷେପ

## ସୃଷ୍ଟିହେଲା ୨ ହଜାର ନୂତନ ପଦବୀ

**ଭୁବନେଶ୍ୱର, ୧୭।୪/ଏନ୍‌ଏନ୍‌ଏସ୍:**

ରାଜ୍ୟରେ ଟ୍ରାଫିକ୍ ଓ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଶୃଙ୍ଖଳିତ ଓ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ରାଜ୍ୟର ଟ୍ରାଫିକ୍ ଶାଖାରେ ସୃଷ୍ଟି କରାଯାଇଛି ୨ ହଜାର ନୂତନ ପଦବୀ । ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଅନୁମୋଦନ ଦେଇଛନ୍ତି । ନିଷ୍ପତ୍ତି ଅନୁଯାୟୀ ରାଜ୍ୟସ୍ତରୀୟ ▶▶ ୭

### ଯୋଡ଼ାଗଡ଼ିଆରେ ଝାଡ଼ାବାନ୍ତି

## ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆକ୍ରାନ୍ତ



**ଭଦ୍ରକ, ୧୭।୪/ଏନ୍‌ଏନ୍‌ଏସ୍:**

ଝାଡ଼ାବାନ୍ତିରେ ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଆକ୍ରାନ୍ତ ହୋଇଛନ୍ତି । ଭଦ୍ରକ ଜିଲ୍ଲା ଜଗଦଳପୁର୍ ପଞ୍ଚାୟତ ଅଧୀନ ଯୋଡ଼ାଗଡ଼ିଆ ଗ୍ରାମରେ ଏହି ଘଟଣା ଘଟିଛି ।

**ଚିକିତ୍ସା କରୁଛନ୍ତି ୩ ଡାକ୍ତରୀ ଟିମ୍**

ସ୍ଥାନୀୟ ଆଶାକର୍ମୀ ଓ ସରପଞ୍ଚ ଘଟଣା ବିଷୟରେ ଖବର ପାଇ ସିଡିଏମ୍‌ଓଙ୍କୁ ଜଣାଇଥିଲେ । ପରେ ଭଦ୍ରକ ସିଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ, ମହାମାରୀ ବିଶେଷଜ୍ଞ ଡା. ପାର୍ଥସାରଥୀ ମିଶ୍ରଙ୍କ ସହ ଭଦ୍ରକ ମେଡିକାଲ୍‌ର ୩ଟି ଟିମ୍ ଗ୍ରାମରେ ପହଞ୍ଚି ଚିକିତ୍ସା କରିଛନ୍ତି । ତେବେ ଘରକୁ ଘର ବୁଲି ▶▶ ୭

### ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସ

## ସର୍ବନିମ୍ନ ମାସିକ ପାରିଶ୍ରମିକ ୪୫ ହଜାରକୁ ବୃଦ୍ଧି

**ଭୁବନେଶ୍ୱର, ୧୭।୪/ଏନ୍‌ଏନ୍‌ଏସ୍:**

ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସଙ୍କର ସର୍ବନିମ୍ନ ମାସିକ ପାରିଶ୍ରମିକକୁ ରାଜ୍ୟ ସରକାର ୪୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି । ଏହି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ଗୁରୁବାର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର ଓଡ଼ିଶା ସ୍ପେଶାଲ୍ ଷ୍ଟ୍ରାଇକିଂ ଫୋର୍ସରେ ତିନୋଟି ନୂଆ ବାଟାଲିଅନ୍ ଗଠନ କରିଛନ୍ତି । ଏଥିରେ ମୁଖ୍ୟତଃ ପୂର୍ବତନ ଆର୍ମି ଓ ନାଭିର ସୈନିକ ଏବଂ କୈନ୍ଦ୍ରୀୟ ସଶକ୍ତ ପୁଲିସ ବାହିନୀର କର୍ମଚାରୀମାନେ ନିଯୁକ୍ତ ହୋଇଥାନ୍ତି । ବଜାରର ସ୍ଥିତି ଦେଖି ଏହି ପୁଲିସ କର୍ମଚାରୀଙ୍କର ମାସିକ ପାରିଶ୍ରମିକ ବୃଦ୍ଧି କରାଯାଇଛି । ଏ ସମ୍ପର୍କୀୟ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି ।


ନିଷ୍ପତ୍ତି ଅନୁଯାୟୀ ବିଭିନ୍ନ ପଦବୀର ପାରିଶ୍ରମିକ ନିମ୍ନମତେ ବୃଦ୍ଧି ପାଇଛି । ସିପାହୀଙ୍କ ମାସିକ ପାରିଶ୍ରମିକ ୩୦ ହଜାର ଟଙ୍କାରୁ ୪୫ ହଜାରକୁ ବୃଦ୍ଧି ପାଇଛି । ସେହିପରି ଲାନ୍‌ସ ନାଏକ, ନାଏକ, ହାବିଲ୍‌ଦାରଙ୍କ ପାରିଶ୍ରମିକ ୩୨ହଜାରରୁ ୫୦ ହଜାର, ଜୁନିଅର କମିଶନ୍‌ଡ ଅଫିସର ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି ▶▶ ୭

### ୱାକଫ୍ ସଂଶୋଧନ ଆଇନ୍ ସମ୍ପର୍କିତ ଶୁଣାଣିର ଦ୍ୱିତୀୟ ଦିନ

## ପକ୍ଷ ରଖିବାକୁ ସରକାରଙ୍କୁ ୭ ଦିନର ସମୟ

**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:**

ୱାକଫ୍ ସଂଶୋଧନ ଆଇନ୍-୨୦୨୫କୁ ଚ୍ୟାଲେଞ୍ଜ୍ କରୁଥିବା ଆବେଦନଗୁଡ଼ିକ ଉପରେ ସୁପ୍ରିମକୋର୍ଟ ୨ୟ ଦିନ (ଗୁରୁବାର) ଶୁଣାଣି କରିଛନ୍ତି । ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ଜଷ୍ଟିସ୍ କେଭି ବିଶ୍ୱନାଥନଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପିଟିସନ୍ ଉପରେ ଆବଶ୍ୟକ ଦସ୍ତାବିଜ୍ ସହ ପ୍ରାରମ୍ଭିକ ଜବାବ ଦାଖଲ




**ପରବର୍ତ୍ତୀ ଶୁଣାଣି ଯାଏ ବଳବତ୍ତର ରହିବ ପୂର୍ବାବସ୍ଥା: ସୁପ୍ରିମ୍‌କୋର୍ଟ**

କରିବାକୁ ଏକ ସପ୍ତାହ ଅର୍ଥାତ୍ ସାତ ଦିନ ସମୟ ଦେଇଛନ୍ତି । ନୂଆ ୱାକଫ୍ ଆଇନ୍‌କୁ ନେଇ ଦୁଇ ପକ୍ଷ ମଧ୍ୟରେ ଯୁକ୍ତି ହେବା ପରେ ନିଜ ପକ୍ଷ ରଖିବାକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୭ଦିନର ସମୟ ସୁପ୍ରିମକୋର୍ଟଙ୍କୁ ମଗାଯାଇଥିଲା, ଯାହାକୁ ସୁପ୍ରିମକୋର୍ଟ ଗ୍ରହଣ କରିନେଇଥିଲେ । ତେବେ କେନ୍ଦ୍ର ପକ୍ଷରୁ ଏହି ମାମଲାରେ ଦିଆଯାଇଥିବା ପ୍ରତିଶ୍ରୁତିକୁ ସୁପ୍ରିମକୋର୍ଟ ରେକର୍ଡ କରାଇଛନ୍ତି ।

ୱାକଫ୍ (ସଂଶୋଧନ) ଆଇନ ଉପରେ ଶୁଣାଣି ସମୟରେ ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ, ଏହି ୱାକଫ୍ ଆଇନରେ କିଛି ସକାରାତ୍ମକ ଦିଗ ରହିଛି । ତେଣୁ ▶▶ ୭



ପବିତ୍ର ଗୁଡ୍ ଫ୍ରାଇଡ଼େ ଅବସରରେ
ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ଗୁଡ୍ ଫ୍ରାଇଡ଼େ ପ୍ରଭୁ ଯୀଶୁଙ୍କ ବଳିଦାନର ସ୍ମାରକୀ ବହନ କରେ, ଯେ ମାନବଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଓ କ୍ଷମାର ବାର୍ତ୍ତା ପ୍ରଦାନ କରିଥିଲେ । ଏହି ଦିନଟି ପ୍ରଭୁ ଯୀଶୁଙ୍କ କ୍ରୁଶବିଦ୍ଧ ହେବାର ପବିତ୍ର ସ୍ମାରକୀ ଦିବସ, ଯାହାଙ୍କର ଜୀବନ ମାନବ ସମାଜକୁ ଦୁଃଖରୁ ମୁକ୍ତି ଦେବାକୁ ସମର୍ପିତ ଥିଲା ।

ମୁଁ ରାଜ୍ୟର ଖ୍ରୀଷ୍ଟ ଧର୍ମାବଲମ୍ବୀ ଭାଇଭଉଣୀମାନଙ୍କ ସହିତ ପ୍ରଭୁ ଯୀଶୁଙ୍କ ପ୍ରଦର୍ଶିତ ପ୍ରେମ, କରୁଣା ଓ ତ୍ୟାଗର ପଥରେ ଅଗ୍ରସର ହେବାର ସଂକଳ୍ପ ସହ ଗୁଡ୍ ଫ୍ରାଇଡ଼େ ପାଳନରେ ସାମିଲ ହେଉଛି ।

(ହରି ବାବୁ କମ୍ଭମ୍‌ପାଟି)

OIPR-15001/13/0548/2526

DADLS-15

ଗୁଡ୍ ଫ୍ରାଇଡ଼େ ଉପଲକ୍ଷେ
ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଶୁଭ ଶୁକ୍ରବାର ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ପାଇଁ ଏକ ପବିତ୍ର ଦିବସ । ମାନବ ସମାଜର କଲ୍ୟାଣ ପାଇଁ, ଯୀଶୁଖ୍ରୀଷ୍ଟଙ୍କ ସର୍ବୋଚ୍ଚ ତ୍ୟାଗ ବିଶ୍ୱରେ ଶାନ୍ତି ଓ ଭାତୃତ୍ୱର ମହାନ ଚିନ୍ତାଧାରାକୁ ବ୍ୟାପକ କରିଛି । ଆସନ୍ତୁ, ଏହି ପବିତ୍ର ଦିବସର ବାର୍ତ୍ତାକୁ ପାଳନ କରି ଏକ ଆଦର୍ଶ ସମାଜ ଗଠନ ଦିଗରେ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

### ପାକ୍ ସେନା ମୁଖ୍ୟଙ୍କ ବୟାନ୍ ଉପରେ ଭାରତର କଡ଼ା ଜବାବ

# କାଶ୍ମୀରରେ ଜବରଦଖଲ ଖାଲି କରୁ ପାକିସ୍ତାନ



**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର୍, ଭାରତ ଏବଂ ଭାରତୀୟ ସେନା ବିରୋଧରେ ଦେଇଥିବା ବିବାଦୀୟ ମନ୍ତବ୍ୟ ଉପରେ କଡା ଜବାବ ଦେଇଛି ଭାରତ। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟଶୱାଲ, ପାକିସ୍ତାନର ଦାବିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ 'କାଶ୍ମୀର ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ ଏବଂ ପାକିସ୍ତାନର ଏହାସହିତ କୌଣସି ସମ୍ପର୍କ ନାହିଁ। ଏହି ପରିପ୍ରେକ୍ଷୀରେ ସେ ପାକିସ୍ତାନକୁ ତୁରନ୍ତ କାଶ୍ମୀରରେ ଜବରଦଖଲଗୁଡ଼ିକୁ ଖାଲି କରିବାକୁ ମଧ୍ୟ କହିଛନ୍ତି।

ମୁନିର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ କହିଥିଲେ ଯେ, କାଶ୍ମୀର ହେଉଛି, ଇସଲାମାବାଦ୍‌ର ଗଳାର ଶିରା/ପ୍ରସିରା। ଏହାକୁ ଆମେ ପୂର୍ବରୁ ଭୁଲିନଥିଲୁ ଆଗକୁ ବି ଭୁଲିବୁନି। ପାକିସ୍ତାନ କେବେ ବି କାଶ୍ମୀର ଲୋକଙ୍କ ଲଢେଇରେ ସେମାନଙ୍କୁ ସମର୍ଥନ ଦେବା ଛାଡ଼ିବ ନାହିଁ। ସେ ଏହି ଅବସରରେ ଭାରତ-ପାକିସ୍ତାନ ବିଭାଜନ ସମୟକୁ ମଧ୍ୟ ଉଲ୍ଲେଖ କରିଥିଲେ। ପ୍ରତ୍ୟେକ ପାକିସ୍ତାନୀ ଏହାକୁ ମନେ ରଖିବା ଉଚିତ୍ ଏବଂ ପାକିସ୍ତାନୀ ହେବା ପାଇଁ ନିଜକୁ ଗୌରବାନ୍ୱିତ ମନେ କରିବା ଉଚିତ୍ ବୋଲି ମଧ୍ୟ ସେ କହିଥିଲେ। ସେହିପରି ସେ ଆଉ ପାଦେ ଆଗେଇ ଯାଇ କହିଥିଲେ ଯେ,୧.୩ ମିଲିଅନ୍ ସଶକ୍ତ ସେନାବାହିନୀ ଥିବା ଭାରତ ଯଦି ଆମର କିଛି କ୍ଷତି କରିପାରୁନାହିଁ, ତେବେ ସାମାନ୍ୟ ହାତଗଣତି ଆତଙ୍କବାଦୀ କ'ଣ ପାକିସ୍ତାନକୁ କ୍ଷତି ପହଞ୍ଚାଇପାରିବେ କି? ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଅସୀମ ମୁନିର କହିଛନ୍ତି ଯେ, ପାକିସ୍ତାନର ମୂଳଦୁଆ କଲମା (ଇସଲାମର ମୌଳିକ ନୀତି) ଉପରେ ସ୍ଥାପିତ ହୋଇଥିଲା। ଆମେ ପ୍ରତ୍ୟେକ ବିଷୟରେ ହିନ୍ଦୁମାନଙ୍କଠାରୁ ଭିନ୍ନ। ଆମର ଧର୍ମ ଭିନ୍ନ, ଆମର ରୀତି ଭିନ୍ନ। ଆମର ସଂସ୍କୃତି ଏବଂ ଚିନ୍ତାଧାରା ଭିନ୍ନ। ଏହା ଥିଲା ଦୁଇ-ରାଷ୍ଟ୍ର ତତ୍ତ୍ୱର ମୂଳଦୁଆ। ଇସଲାମାବାଦରେ ପ୍ରଥମ ପ୍ରବାସୀ ପାକିସ୍ତାନୀ ସମ୍ମିଳନୀରେ ଜେନେରାଲ ମୁନିର କହିଥିଲେ ଯେ ତୁମେ ତୁମର ପିଲାମାନଙ୍କୁ ପାକିସ୍ତାନର କାହାଣୀ କହିବା ଉଚିତ୍। ଆମର ପୂର୍ବପୁରୁଷମାନେ ଭାବୁଥିଲେ ଯେ ଆମେ ହିନ୍ଦୁମାନଙ୍କଠାରୁ ଭିନ୍ନ। ଆମର ଚିନ୍ତାଧାରା, ଆମର ମହତ୍ତ୍ୱାକାଂକ୍ଷା ଭିନ୍ନ। ସେଥିପାଇଁ ଆମେ ଗୋଟିଏ ଦେଶ ନୁହେଁ, ଦୁଇଟି ଦେଶ। ଆମର ପୂର୍ବପୁରୁଷମାନେ ଏହି ଦେଶ ପାଇଁ ବଳିଦାନ ଦେଇଛନ୍ତି। ଆମେ ଏହାକୁ କିପରି ସୁରକ୍ଷା ଦେବୁ ତାହା ଜାଣୁ। ମୁନିରଙ୍କ ଏପ୍ରକାର ବୟାନ୍ ଉପରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ କହିଛି, 'କାଶ୍ମୀରକୁ ନେଇ ପାକିସ୍ତାନର ଏବେ ଏକମାତ୍ର ଚିନ୍ତା ହେବା ଉଚିତ୍ ଯେ, ଅବୈଧ ଭାବରେ ଅଧିକାର କରିଥିବା କାଶ୍ମୀର ଅଞ୍ଚଳକୁ ଖାଲି କରିବା। ପାକିସ୍ତାନ ପାଇଁ ଏକ ବିଦେଶୀ ଜିନିଷ କିପରି କଟି ଶିରାରେ ଫସିପାରେ ତାହା କେବଳ ପାକିସ୍ତାନକୁ ହିଁ ଜଣା।

### ଦ୍ରୁତ ଗତିରେ ଆଗେଇ ଚାଲିଛି ଭାରତର ଅର୍ଥନୀତି : ନୀତି ଆୟୋଗ ସିଇଓ


# ୩ ବର୍ଷରେ ପଛରେ ପଡ଼ିବେ ଜର୍ମାନୀ, ଜାପାନ



**ନୂଆଦିଲ୍ଲୀ, ୧୭।୪/ଏଜେନ୍ସି:** ଭାରତର ଅର୍ଥନୀତି ଦ୍ରୁତଗତିରେ ଆଗେଇ ଚାଲିଛି। ଆଗାମୀ ୩ ବର୍ଷ ମଧ୍ୟରେ ଜର୍ମାନୀ ଓ ଜାପାନ ଭଳି ଦେଶକୁ ମଧ୍ୟ ଭାରତ ପଛରେ ପକାଇବାର ଯଥେଷ୍ଟ ସମ୍ଭାବନା ରହିଛି। ୨୦୪୭ ସୁଦ୍ଧା ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି ହେବ। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବିଭିଆର ସୁବ୍ରମଣ୍ୟମ ଗୁରୁବାର ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିବା ଅବସରରେ ଏପରି କିଛି ମତବ୍ୟକ୍ତ କରିଛନ୍ତି। ସୁବ୍ରମଣ୍ୟମ୍‌ଙ୍କ କହିବାନୁସାରେ ବର୍ତ୍ତମାନ ଭାରତୀୟ ଅର୍ଥନୀତି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି। ଆଗାମୀ ବର୍ଷର ଶେଷ ସୁଦ୍ଧା ଆମେ ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବୁ। ପରେ ଅଥାତ୍ ପରବର୍ତ୍ତୀ ବର୍ଷରେ ଆମେ ତୃତୀୟ ବୃହତ୍ତମ ଅର୍ଥନୀତି ହେବୁ।" ଭାରତ ବିଶ୍ୱ ପାଇଁ ଶିକ୍ଷାର କେନ୍ଦ୍ର ହୋଇପାରେ କାରଣ ଅନ୍ୟ ସମସ୍ତ ଜିନିଷଠାରୁ ଏହାର ସବୁଠାରୁ ବଡ଼ ସୁବିଧା ହେଉଛି ଏହାର ଗଣତନ୍ତ୍ର।

ସୁବ୍ରମଣ୍ୟମ୍ କହିଛନ୍ତି, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ସାମ୍ପ୍ରତିକ ତଥ୍ୟ ଅନୁଯାୟୀ, ଭାରତର ଅର୍ଥନୀତିର ଆକାର ବର୍ତ୍ତମାନ ୪.୩ ଟ୍ରିଲିୟନ ଆମେରିକୀୟ ଡଲାର ରହିଛି। ଯଦି ସାମ୍ପ୍ରତିକ ଅଭିବୃଦ୍ଧି ହାର ବଜାୟ ରୁହେ ତେବେ ତିନି ବର୍ଷ ମଧ୍ୟରେ ଜର୍ମାନୀ ଓ ଜାପାନ ଠାରୁ ମଧ୍ୟ ଭାରତୀୟ ଅର୍ଥନୀତି ଅଧିକ ବଡ଼ ହୋଇଯିବ। ଏହି ହିସାବରେ ୨୦୪୭ ସୁଦ୍ଧା ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଅର୍ଥନୀତି (୩୦ ଟ୍ରିଲିୟନ ଆମେରିକୀୟ ଡଲାର) ହେବାର ସମ୍ଭାବନା ରହିଛି। ସେ ଏହି ଅବସରରେ ଆଇନ ଏବଂ ହିସାବ ନିକାଶ ସମେତ ସମସ୍ତ ଭାରତୀୟ କମ୍ପାନୀଙ୍କୁ ବିଶ୍ୱ ନେତା ହେବାର ଆକାଂକ୍ଷା ରଖିବାକୁ ଆହ୍ୱାନ ଦେଇଛନ୍ତି। ନୀତି ଆୟୋଗର ସିଇଓ କହିଛନ୍ତି ଯେ, ମଧ୍ୟମ ଆୟ ଦେଶଗୁଡ଼ିକର ସମସ୍ୟା ନିମ୍ନ ଆୟ ଦେଶଗୁଡ଼ିକର ସମସ୍ୟାଠାରୁ ବହୁତ ଭିନ୍ନ। ଏହା ଗରିବଙ୍କୁ ଖାଦ୍ୟ ଦେବା କିମ୍ବା ସେମାନଙ୍କୁ ପୋଷାକ ଯୋଗାଇବା ବିଷୟବସ୍ତୁ ଆଧାରିତ ନୁହେଁ ବରଂ ଏହା ଜ୍ଞାନ ଆଧାରିତ ଅର୍ଥନୀତିକୁ କିପରି ଗଢ଼ି ତୋଳାଯାଇପାରିବ, ସେସମ୍ପର୍କରେ। ସୁବ୍ରହ୍ମଣ୍ୟମ କହିଛନ୍ତି ଯେ୍ ବିଶ୍ୱରେ କେବେ ଏପରି ପରିସ୍ଥିତି ଦେଖାଯାଇ ନାହିଁ ଯେଉଁଠାରେ ଜନସଂଖ୍ୟା ହ୍ରାସ ପାଇବ। ସେ କହିଛନ୍ତି, ଜାପାନ ୧୫,୦୦୦ ଭାରତୀୟ ନର୍ସ ଏବଂ ଜର୍ମାନୀ ୨୦,୦୦୦ ସ୍ୱାସ୍ଥ୍ୟ କର୍ମୀଙ୍କ ସେବା ନେଉଛି କାରଣ ସେମାନଙ୍କ ପାଖରେ ପେସାଦାର ଲୋକଙ୍କ ଅଭାବ ରହିଛି ଏବଂ ପାରିବାରିକ ବ୍ୟବସ୍ଥା ମଧ୍ୟ ଭାଙ୍ଗି ପଡ଼ିଛି। ଭାରତ ବିଶ୍ୱରେ କାର୍ଯ୍ୟକ୍ଷମ ବୟସର ଲୋକଙ୍କର ଏକ ସ୍ଥିର ଯୋଗାଣକାରୀ ହେବ ଏବଂ ଏହା ହିଁ ଆମର ସବୁଠାରୁ ବଡ଼ ଶକ୍ତି।

# ଦିବ୍ୟାଙ୍ଗ ନାବାଳିକାଙ୍କୁ ଦୁଷ୍କର୍ମ



**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ଉତ୍ତରପ୍ରଦେଶର ରାମପୁର ଅଞ୍ଚଳରେ ଜଣେ ୧୧ ବର୍ଷୀୟା ମୁକ ଏବଂ ବଧିର ନାବାଳିକା (ଦିବ୍ୟାଙ୍ଗ)ଙ୍କୁ ଦୁଷ୍କର୍ମ କରାଯାଇଥିବା ଭଳି ଅତ୍ୟନ୍ତ ଅମାନବୀୟ ଘଟଣା ସମ୍ପର୍କରେ ସୂଚନା ମିଳିଛି। ଅଭିଯୁକ୍ତମାନେ ନାବାଳିକାଙ୍କୁ କେବଳ ଦୁଷ୍କର୍ମ କରିଛନ୍ତି ତାହାନୁହେଁ ବରଂ ଅତ୍ୟନ୍ତ ସ୍ପର୍ଶକାତର ଭାବେ ନିର୍ଯାତନା ମଧ୍ୟ ଦେଇଛନ୍ତି। ପୀଡ଼ିତାଙ୍କ ଶରୀରରେ ଏକାଧିକ ଆଘାତର ଚିହ୍ନ ମିଳିଛି, ଯେଉଁଥିରେ ସିଗାରେଟ୍ ଜଳା ଦାଗ ଏବଂ କାମୁଡ଼ିବାର ଚିହ୍ନ ମଧ୍ୟ ରହିଛି। ନାବାଳିକାଙ୍କୁ ଗୁରୁତର ଅବସ୍ଥାରେ ଏକ ଜମିରୁ ଉଦ୍ଧାର କରାଯାଇ ମେରଠ ସ୍ଥିତ ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଏହି ମାମଲାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ସମ୍ପୃକ୍ତ ଅଞ୍ଚଳରେ ଥିବା ସିସିଟିଭି କ୍ୟାମେରାରୁ ଫୁଟେଜ ସ୍କାନ୍ କରି ଦାନ ସିଂ (୨୪), ନାମକ ଉକ୍ତ ଅଞ୍ଚଳର ଜଣେ ସ୍ଥାୟୀ ବାସିନ୍ଦାଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦାନ ସିଂହକୁ ଧରିବା ସମୟରେ ସେ ପୋଲିସ ଉପରକୁ ଗୁଳିମାଡ କରିଥିବା ବେଳେ ପୋଲିସ୍ ମଧ୍ୟ ପାଲଟା ଗୁଳି ଚଳାଇଥିଲା। ଏଥିରେ ଦାନ ସିଂହ ଗୁରୁତର ହୋଇପଡିଥିଲା। ତେବେ ତା' ବିରୋଧରେ ପୋକ୍‌ସୋ ଆଇନ୍ ଅନ୍ତର୍ଗତ ମାମଲା ରୁଜୁ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ସୃଷ୍ଟି କରିଛି ଏବଂ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି ଜୋର ଧରିଛି।

### ଦେଶର ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେଇପାରିବେନି ସୁପ୍ରିମ୍‌କୋର୍ଟ: ଧନଖଡ

# 'ଧାରା ୧୪୨ ଏବେ ଏକ ପରମାଣୁ କ୍ଷେପଣାସ୍ତ୍ର ପାଲଟିଛି'



**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍‌ଗୁଡ଼ିକୁ ମଞ୍ଜୁରି ଦେବା ପାଇଁ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ପାଇଁ ସୁପ୍ରିମକୋର୍ଟ ସମୟସୀମା ଧାର୍ଯ୍ୟ କରିବା ଉପରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ଏପରି ପରିସ୍ଥିତି ସୃଷ୍ଟି କରିପାରିବୁ ନାହିଁ ଯେଉଁଠାରେ କୋର୍ଟ ଭାରତର ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବେ। ସମ୍ବିଧାନର ଧାରା ୧୪୨ ଅନୁଯାୟୀ କୋର୍ଟକୁ ଦିଆଯାଇଥିବା ସ୍ୱତନ୍ତ୍ର କ୍ଷମତା ଏବେ ଗଣତାନ୍ତ୍ରିକ ଶକ୍ତି ବିରୁଦ୍ଧରେ ରାତିଦିନ ଉପଲବ୍ଧ ପରମାଣୁ କ୍ଷେପଣାସ୍ତ୍ର ପାଲଟିଥିବା ପ୍ରତୀତ ହେଉଛି। ଧନଖଡଙ୍କ କହିବାନୁସାରେ ନ୍ୟାୟପାଳିକା, କାର୍ଯ୍ୟପାଳିକା କାର୍ଯ୍ୟରେ ହସ୍ତକ୍ଷେପ କରିବା ଏବଂ ଏକ ସୁପର ପାର୍ଲାମେଣ୍ଟ ଚଳାଇବା ଅତ୍ୟନ୍ତ ଚିନ୍ତାଜନକ। ପ୍ରକାଶ, ଧାରା ୧୪୨ ଅନୁଯାୟୀ, ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଯେକୌଣସି ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ପ୍ରଦାନ କରିବା ପାଇଁ ଯେକୌଣସି ନିର୍ଦ୍ଦେଶ, କିମ୍ବା ରାୟ ଦେଇପାରିବେ।

ତାମିଲନାଡୁ ସରକାରଙ୍କ ପକ୍ଷରୁ ଆଗତ ପିଟିସନ୍ ଉପରେ ଶୁଣାଣି କରିବାକୁ ଯାଇ ସୁପ୍ରିମକୋର୍ଟ ପ୍ରଥମ ଥର ପାଇଁ ନିର୍ଦ୍ଦେଶ ଦେଇଥିଲେ ଯେ, ରାଜ୍ୟପାଳଙ୍କ ଦ୍ୱାରା ବିଚାର ପାଇଁ ସଂରକ୍ଷିତ ବିଲ୍ ସମ୍ପର୍କୀତ ସୁପାରିଶ ଉପରେ ନିଷ୍ପତ୍ତି ନେବା ପାଇଁ ରାଷ୍ଟ୍ରପତିଙ୍କୁ ୩ମାସର ସମୟ ଦିଆଯିବ। ଏହାର ଅର୍ଥ ରାଷ୍ଟ୍ରପତି ଏପ୍ରକାର ସୁପାରିଶ ପାଇବାର ୩ ମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ବାଧ୍ୟ ବୋଲି ସୁପ୍ରିମକୋର୍ଟ ସ୍ପଷ୍ଟ କରିଥିଲେ। ଏହି ପ୍ରସଙ୍ଗରେ ଚିନ୍ତାବ୍ୟକ୍ତ କରି ଧନଖଡ କହିଛନ୍ତି, ନ୍ୟାୟପାଳିକା ନିଜ ଉପରୁ ଉତ୍ତରଦାୟିତ୍ୱ ହଟାଇବାକୁ ଚେଷ୍ଟା କରୁଛି, କାରଣ ଦେଶର ଆଇନ ସେମାନଙ୍କ ପାଇଁ ପ୍ରଯୁଜ୍ୟ ନୁହେଁ ବୋଲି ବୋଧହୁଏ ନ୍ୟାୟପାଳିକା ଧରିନେଇଛି। ସମ୍ବିଧାନ ଅନୁଯାୟୀ ନ୍ୟାୟପାଳିକାର କେବଳ ଏକମାତ୍ର କ୍ଷମତା ହେଉଛି ଧାରା ୧୪୫(୩) ଅନୁଯାୟୀ ସମ୍ବିଧାନର ବ୍ୟାଖ୍ୟା କରିବା। ଯେଉଁ ବିଚାରପତିମାନେ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି ଏବଂ ଏକ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛନ୍ତି ସେମାନେ ହୁଏତ ସମ୍ବିଧାନର ଶକ୍ତିକୁ ଭୁଲିଯାଇଛନ୍ତି। ସୁତରାଂ ଧାରା ୧୪୫(୩)ର ବ୍ୟବସ୍ଥାରେ ସଂଶୋଧନ କରାଯିବା ପାଇଁ ଏବେ ସମୟ ଆସିଯାଇଛି।

# ଦୁର୍ଗେଶ ପାଠକଙ୍କ ଘରେ ସିବିଆଇ ଚଢ଼ଉ




**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ଆମ୍ ଆଦମୀ ପାର୍ଟି (ଆପ୍)ର ପୂର୍ବତନ ବିଧାୟକ ଦୁର୍ଗେଶ ପାଠକଙ୍କ ଘରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପକ୍ଷରୁ ଗୁରୁବାର ଚଢ଼ାଉ କରାଯାଇଛି। ବିଦେଶୀ ପାଣ୍ଠି ନିୟମ ଉଲ୍ଲଂଘନ ଅଭିଯୋଗ ଆଧାରରେ ଏହି ଚଢ଼ଉ ହୋଇଥିବା ସିବିଆଇ କହିଛି। ପ୍ରକାଶ ଦୁର୍ଗେଶ ୨୦୨୭ ଗୁଜରାଟ ବିଧାନସଭା ନିର୍ବାଚନ ପାଇଁ ଆପ୍‌ର ସହପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି। ନିଯୁକ୍ତି ହେବାର କିଛି ଦିନ ମଧ୍ୟରେ ତାଙ୍କ ବିରୋଧରେ ଫରେନ୍ କଣ୍ଟ୍ରିବ୍ୟୁସନ ରେଗୁଲେସନ ଆକ୍ଟ (ଏଫ୍‌ସିଆରଏ) ଅଧୀନରେ ରୁଜୁ ହୋଇଥିବା ଏକ ମାମଲାରେ ସିବିଆଇ ପକ୍ଷରୁ ଆଜି ଦୁର୍ଗେଶଙ୍କ ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଛି।

ପ୍ରକାଶ, ଗତ ମାସରେ ଆପ୍ ପକ୍ଷରୁ ବରିଷ୍ଠ ନେତା ଦୁର୍ଗେଶ ଏବଂ ଗୋପାଳ ରାଏଙ୍କୁ ୨୦୨୭ରେ ଗୁଜରାଟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଲାଗି ସହପ୍ରଭାରୀ ତଥା ପ୍ରଭାରୀ ଦାୟିତ୍ୱରେ ନିଯୁକ୍ତ କରାଯାଇଛି। ବିଜେପି ଶାସିତ ଏହି ରାଜ୍ୟରେ ଆପ୍ ଏହାର ଶକ୍ତି ବୃଦ୍ଧି କରିବା ଲାଗି ଏହି ଦୁଇ ନେତାଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନିଜ ରାଜ୍ୟ ଗୁଜରାଟ ହୋଇଥିବାରୁ ଆପ୍ ପାଇଁ ଏଠାରେ ଦଳୀୟ ସ୍ଥିତିକୁ ମଜଭୁତ କରିବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। କିନ୍ତୁ ଏହା ମଧ୍ୟରେ ପାଠକଙ୍କ ଘରେ ସିବିଆଇ ଚଢ଼ାଉ ପରେ ଆପ୍ ବିଜେପିକୁ ଟାର୍ଗେଟ କରିଛି। ବିଜେପି ତଦନ୍ତକାରୀ ସଂସ୍ଥାର ଅପବ୍ୟବହାର କରୁଥିବା ଆପ୍ ଅଭିଯୋଗ କରିଛି। ଗୁଜରାଟରେ, କେବଳ ଆପ୍ ବିଜେପିକୁ ଚ୍ୟାଲେଞ୍ଜ କରିପାରିବ ଏବଂ ଏହି ଚଢାଉ ସେମାନଙ୍କର ହତାଶାକୁ ଦର୍ଶାଉଛି। ଏତେ ବର୍ଷ ଧରି, ବିଜେପି ବୁଝିପାରିନାହିଁ ଯେ ଆମେ ସେମାନଙ୍କ ଧମକରେ ଭୟଭୀତ ହେବୁ ନାହିଁ,' ବୋଲି ଆପ୍ ନେତ୍ରୀ ଅତିଶୀ ଟ୍ୱିଟ୍ କରିଛନ୍ତି। ଆପ୍ ଗୁଜୁରାଟ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବା ମାତ୍ରେ, ସିବିଆଇ ଗୁଜୁରାଟ ସହ-ପ୍ରଭାରୀ ଦୁର୍ଗେଶ ପାଠକଙ୍କ ଘରେ ଚଢାଉ କରିବାକୁ ପହଞ୍ଚିଛି ବୋଲି ସେ ଉଲ୍ଲେଖ କରିଛନ୍ତି।

ପ୍ରକାଶ, ସିବିଆଇ ଦ୍ୱାରା ଦାୟର କରାଯାଇଥିବା ଏକ ଏଫ୍‌ଆଇଆରରେ ଉଲ୍ଲେଖ କରାଯାଇଛି ଯେ ବିଦେଶରେ ରହୁଥିବା ୧୫୫ ଜଣ ଲୋକ ୫୫ଟି ପାସପୋର୍ଟ ନମ୍ବର ବ୍ୟବହାର କରି ୪୦୪ ଥର ଆପକୁ ୧.୦୨ କୋଟି ଟଙ୍କାର ଦାନ ଦେଇଛନ୍ତି। ଅନେକ ଦାତା ଅଛନ୍ତି ଯେଉଁମାନେ ଦାନ ପାଇଁ ସମାନ ପାସପୋର୍ଟ ବ୍ୟବହାର କରିଛନ୍ତି।

# ଟାଇମ୍ ୧୦୦ ଶୀର୍ଷ ୧୦ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ତାଲିକାରେ ରେଶ୍ମା କେୱାଲରମାନୀ



**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ଟାଇମ୍ ପତ୍ରିକା ୨୦୨୫ ମସିହାରେ ବିଶ୍ୱର ସବୁଠାରୁ ୧୦ ପ୍ରଭାବଶାଳୀ ବ୍ୟକ୍ତିଙ୍କ ତାଲିକା ପ୍ରକାଶ କରିଛି। ଏଥିରେ ଭାରତୀୟ ବଂଶୋଦ୍ଭବ ରେଶମା କେୱାଲରମାନୀଙ୍କୁ ମଧ୍ୟ ସାମିଲ କରାଯାଇଛି। ପ୍ରକାଶ, ରେଶମା କେୱାଲରମାନୀ ଆମେରିକୀୟ ବାୟୋଟେକ୍ନୋଲୋଜି କମ୍ପାନୀ ଭର୍ଟେକ୍ସ ଫାର୍ମାସ୍ୟୁଟିକାଲସର ସିଇଓ। ତେବେ ଚଳିତ ବର୍ଷ ଏହି ତାଲିକାରେ ସାମିଲ ହୋଇଥିବା ସେ ଏକମାତ୍ର ଭାରତୀୟ। ମୁମ୍ବାଇରେ ଜନ୍ମଗ୍ରହଣ କରିଥିବା ରେଶମା ମାତ୍ର ୧୧ ବର୍ଷ ବୟସରେ ତାଙ୍କ ପରିବାର ସହିତ ଆମେରିକା ଚାଲିଯାଇଥିଲେ। ସେ ବର୍ତ୍ତମାନ ବୋଷ୍ଟନରେ ନିଜ ପରିବାର ସହ ରହୁଛନ୍ତି। ତାଙ୍କର ଦୁଇଟି ଯମଜ ପୁତ୍ର ମଧ୍ୟ ଅଛନ୍ତି। ୧୯୯୮ ମସିହାରେ, ରେଶମା କେୱାଲରମାନୀ ବୋଷ୍ଟନ ବିଶ୍ୱବିଦ୍ୟାଳୟରୁ ଲିବରାଲ ଆର୍ଟସ୍‌ଯ/ମେଡିକାଲ ଶିକ୍ଷା କାର୍ଯ୍ୟକ୍ରମ ସମାପ୍ତ କରିଥିଲେ। ଏହା ପରେ ସେ ମାସାଚୁକସେଟ୍ସ ଜେନେରାଲ ହସ୍ପିଟାଲରେ ଫେଲୋସିପ ପାଇଥିଲେ। ଏହାପରେ, ୨୦୧୫ରେ, ସେ ହାର୍ଭାର୍ଡ ବିଜନେସ ସ୍କୁଲରୁ ଜେନେରାଲ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଥିଲେ। ଜଣେ ଡାକ୍ତର ଭାବରେ, ସେ ମାସାଚ୍ୟୁସେଟ୍ସ ଜେନେରାଲ ହସ୍ପିଟାଲ, ବ୍ରିଘାମ ଏବଂ ମହିଳା ହସ୍ପିଟାଲ, ଏବଂ ମାସାଚୁସେଟ୍ସ ଚକ୍ଷୁ ଏବଂ କାନ ଇନଫର୍ମାରୀ ଏବଂ ଗଓଞ୍ଜ ସମେତ ଅନେକ ପ୍ରମୁଖ ହସ୍ପିଟାଲରେ କାର୍ଯ୍ୟ କରିଥିଲେ। ତା'ପରେ ସେ ବାୟୋଫାର୍ମା କ୍ଷେତ୍ରରେ ପ୍ରବେଶ କଲେ ଏବଂ ୧୨ ବର୍ଷରୁ ଅଧିକ ସମୟ ପାଇଁ ଆମାଜନରେ କାମ କଲେ। ରେଶମା କେୱାଲରମାନୀ ୨୦୧୭ ମସିହାରେ ଭର୍ଟେକ୍ସରେ ଯୋଗ ଦେଇଥିଲେ। ୨୦୧୮ ମସିହାରେ ସେ ଏଠାରେ ମୁଖ୍ୟ ଚିକିତ୍ସା ଅଧିକାରୀ ହୋଇଥିଲେ। ୨୦୨୦ ମସିହାରେ କମ୍ପାନୀ ତାଙ୍କୁ ସିଇଓ କରିଥିଲା। ବର୍ତ୍ତମାନ, ସେ ଭର୍ଟେକ୍ସର ନିର୍ଦ୍ଦେଶକ ମଣ୍ଡଳୀର ସଦସ୍ୟ ମଧ୍ୟ ଅଛନ୍ତି। ରେଶମାଙ୍କ ନେତୃତ୍ୱରେ କମ୍ପାନୀ ବେଶ୍ ସଫଳତା ହାସଲ କରିଛି।



# ଗାଜାଷ୍ଟ୍ରିପ୍‌ରେ ଇସ୍ରାଏଲ୍ ସେନାର ଏୟାରଷ୍ଟ୍ରାଇକ୍, ୨୩ ମୃତ

**ଗାଜାଷ୍ଟ୍ରିପ,୧୭।୪/ଏଜେନ୍ସି:** ଗାଜାଷ୍ଟ୍ରିପ୍‌ରେ ଇସ୍ରାଏଲ୍ ସେନା ପକ୍ଷରୁ ବୁଧବାର ବିଳମ୍ବିତ ରାତିରେ କରାଯାଇଥିବା ଏୟାରଷ୍ଟ୍ରାଇକ୍ ଯୋଗୁ ଗୋଟିଏ ପରିବାରର ୧୦ଜଣଙ୍କ ସମେତ ୨୩ଜଣଙ୍କ ମୃତ୍ୟୁ ହୋଇଥିବା ସମ୍ପର୍କରେ ସୂଚନା ମିଳିଛି। ଏହି ଘଟଣାକୁ ନେଇ ଜାତିସଂଘ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ରିପୋର୍ଟ ଅନୁସାରେ ଗାଜାର ଦକ୍ଷିଣ ଭାଗରେ ଥିବା ଖାନ୍ ୟୁନିସ୍ ସହରରେ ଇସ୍ରାଏଲ୍‌ର ଏହି ଏୟାରଷ୍ଟ୍ରାଇକ୍ ଯୋଗୁ ଗୋଟିଏ ପରିବାରର ୫ ଶିଶୁ, ୪ ମହିଳା ଓ ଜଣେ ପୁରୁଷଙ୍କ ମୃତ୍ୟୁ ହୋଇଥିବା ବେଳେ ଉତ୍ତର ଗାଜାରେ ହୋଇଥିବା ଏୟାରଷ୍ଟ୍ରାଇକ୍‌ରେ ୯ ଛୋଟ ପିଲାଙ୍କ ସମେତ ୧୩ ଜଣ ପ୍ରାଣ ହରାଇଛନ୍ତି। ଗାଜା ହସ୍ପିଟାଲ ପ୍ରଶାସନ ମୃତାହତଜନିତ ରିପୋର୍ଟକୁ ସୁନିଶ୍ଚିତ କରିଛି।

### ମୁର୍ଶିଦାବାଦ୍ ହିଂସା ପ୍ରସଙ୍ଗରେ ହାଇକୋର୍ଟରେ ରିପୋର୍ଟ ଦାଖଲ


# ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି: ମମତା ସରକାର

**କୋଲକାତା,୧୭।୪/ଏଜେନ୍ସି:** ୱାକଫ୍ ଆଇନ୍‌କୁ ନେଇ ମୁର୍ଶିଦାବାଦ୍ ଜିଲ୍ଲାରେ ଘଟିଥିବା ବ୍ୟାପକ ହିଂସାକାଣ୍ଡ ପ୍ରସଙ୍ଗରେ ପଶ୍ଚିମବଙ୍ଗ ସରକାର ଗୁରୁବାର କୋଲକାତା ହାଇକୋର୍ଟରେ ଏକ ରିପୋର୍ଟ ଦାଖଲ କରିଛନ୍ତି। ସରକାର ଦର୍ଶାଇଛନ୍ତି ଯେ, ହିଂସା ପ୍ରଭାବିତ ମୁର୍ଶିଦାବାଦ୍ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି। ଗୁରୁବାର ଜଷ୍ଟିସ ସୌମେନ ସେନ୍ ଏବଂ ରାଜା ବାସୁ ଚୌଧୁରୀଙ୍କ ଖଣ୍ଡପୀଠ ରାଜ୍ୟ ବିଧାନସଭା ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀଙ୍କ ଦ୍ୱାରା ଦାୟର ଏକ ଆବେଦନର ଶୁଣାଣି କରିଥିବା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ରିପୋର୍ଟ ଦାଖଲ କରାଯାଇଛି।

ଶୁଭେନ୍ଦୁ ଅଧିକାରୀ ନିଜ ପିଟିସନ୍‌ରେ ଦର୍ଶାଇଥିଲେ ଯେ, ମୁସଲିମ ବହୁଳ ଜିଲ୍ଲାରେ ସାମ୍ପ୍ରଦାୟିକ ଦଙ୍ଗା ସମୟରେ ବୋମା ବିସ୍ଫୋରଣ ଘଟିଥିଲା, ସରକାର ଜାଣିଶୁଣି ଚୁପ୍ ରହିବାକୁ ପରିସ୍ଥିତି ବ୍ୟାପକ ରୂପ ଧାରଣ କରିଥିଲା। ନିଜ ଆବେଦନରେ ସେ ହିଂସାର ତଦନ୍ତ ଜାତୀୟ ତଦନ୍ତ ସଂସ୍ଥା (ସିବିଆଇ)କୁ ହସ୍ତାନ୍ତର କରିବାକୁ ମଧ୍ୟ ଅନୁରୋଧ କରିଥିଲେ। ସେହିପରି ହିଂସା ଯୋଗୁଁ ବିସ୍ଥାପିତ ଲୋକଙ୍କୁ ସେମାନଙ୍କ ଘରକୁ ଫେରିବା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ଅନ୍ୟ ଜଣେ ଆବେଦନକାରୀ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଥିଲେ। ତେବେ ଶୁଣାଣି ସମୟରେ ରାଜ୍ୟ ସରକାର କୋର୍ଟକୁ କହିଛନ୍ତି ଯେ, ମୁର୍ଶିଦାବାଦ୍ ହିଂସା ରୋକିବା ପାଇଁ ପୋଲିସ ଏବଂ ପ୍ରଶାସନ ପକ୍ଷରୁ ପର୍ଯ୍ୟାପ୍ତ ପଦକ୍ଷେପ ନିଆଯାଇଛି। କିଛି ପ୍ରଭାବିତ ପରିବାର ପୂର୍ବରୁ ନିଜ ଘରକୁ ଫେରି ସାରିଛନ୍ତି। ସ୍ଥିତି ସ୍ୱାଭାବିକ୍ ହେଉଥିବା ରାଜ୍ୟ ସରକାର ନିଜ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଅନ୍ୟପକ୍ଷେ ଜିଲ୍ଲାର ଭୂମିଗତ ପରିସ୍ଥିତିର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି ମୁର୍ଶିଦାବାଦ୍‌ରେ ସିଆରପିଏଫ୍ ମୁତୟନକୁ ଆଉ କିଛି ସମୟ ପାଇଁ ବୃଦ୍ଧି କରିବାକୁ କେନ୍ଦ୍ର ପକ୍ଷରୁ ଉପସ୍ଥିତ ଓକିଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ଦଙ୍ଗା ପ୍ରଭାବିତ ସୁତି, ଶମସେରଗଞ୍ଜ-ଧୂଳିଆନ ଅଞ୍ଚଳରେ ପ୍ରାୟ ୧୭ କମ୍ପାନୀ କେନ୍ଦ୍ରୀୟ ବାହିନୀ ମୁତୟନ ଅଛନ୍ତି। ପ୍ରକାଶ, ୱାକଫ୍ ସଂଶୋଧନ ଆଇନର ଶୁଣାଣି ସମୟରେ, ସୁପ୍ରିମକୋର୍ଟ ବୁଧବାର (୧୬ ଏପ୍ରିଲ, ୨୦୨୫) ମୁର୍ଶିଦାବାଦ ହିଂସା ଉପରେ ମଧ୍ୟ ଚିନ୍ତା ପ୍ରକାଶ କରିଥିଲେ।

# ମହାରାଷ୍ଟ୍ରରେ ଜାତୀୟ ଶିକ୍ଷା ନୀତି ଲାଗୁ

### ପ୍ରଥମରୁ ୫ମ ଶ୍ରେଣୀ ଯାଏ ହିନ୍ଦୀ ଭାଷା ବାଧ୍ୟତାମୂଳକ



**ମୁମ୍ବାଇ,୧୭।୪/ଏଜେନ୍ସି:** ମହାରାଷ୍ଟ୍ର ସରକାର ୨୦୨୫-୨୬ ଶିକ୍ଷାବର୍ଷରୁ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ୨୦୨୦ କାର୍ଯ୍ୟକାରୀ କରିବା ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ଯୋଜନାରେ ମରାଠୀ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ହିନ୍ଦୀକୁ ବାଧ୍ୟତାମୂଳକ ତୃତୀୟ ଭାଷା ଭାବରେ ଅନ୍ତର୍ଭୁକ୍ତ କରିବା ଏକ ପ୍ରମୁଖ ବୈଶିଷ୍ଟ୍ୟ ରହିଛି। ମହାରାଷ୍ଟ୍ର ଏସ୍‌ସିଇଆର୍‌ଟି ଏବଂ ବାଲଭାରତୀ ଦ୍ୱାରା ସ୍ଥାନୀୟ ପାଠ୍ୟକ୍ରମ ବିକାଶ ସହିତ ୫+୩+୩+୪ ମଡେଲ ଗ୍ରହଣ କରିବ। ୨୦୨୫-୨୬ ଶିକ୍ଷାବର୍ଷରେ ପ୍ରଥମ ଶ୍ରେଣୀରୁ ଆରମ୍ଭ ହେବ ଏବଂ ୨୦୨୮-୨୯ ସୁଦ୍ଧା ଏହା ସମସ୍ତ ଶ୍ରେଣୀକୁ ବିସ୍ତାର କରାଯିବ। ଭାଷା ନୀତିର ଏକ ଅଂଶ ଭାବରେ ପ୍ରାରମ୍ଭିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ହିନ୍ଦୀକୁ ଏକ ବାଧ୍ୟତାମୂଳକ ତୃତୀୟ ଭାଷା ଭାବରେ ପ୍ରଚଳନ କରାଯିବ। ଏହି ପରିବର୍ତ୍ତନକୁ ସମର୍ଥନ କରିବା ପାଇଁ, ରାଜ୍ୟ ସରକାର ୨୦୨୫ ସୁଦ୍ଧା ୮୦ ପ୍ରତିଶତ ଶିକ୍ଷକଙ୍କୁ ନୂତନ ଶିକ୍ଷାଗତ ପଦ୍ଧତି ଏବଂ ଡିଜିଟାଲ୍ ଉପକରଣରେ ତାଲିମ ଦେବାକୁ ଯୋଜନା କରିଛନ୍ତି। ମହାରାଷ୍ଟ୍ର ସରକାରଙ୍କ ଏପ୍ରକାର ନିଷ୍ପତ୍ତି ଏପରି ଏକ ସମୟରେ ଆସିଛି ଯେତେବେଳେ ତାମିଲନାଡୁ ସରକାର ଏବଂ କେନ୍ଦ୍ର ସରକାରଙ୍କ ମଧ୍ୟରେ ଭାଷା ଯୁଦ୍ଧ ଜାରି ରହିଛି। କେନ୍ଦ୍ର ସରକାରଙ୍କ ହିନ୍ଦୀ ଭାଷାକୁ ବାଧ୍ୟତାମୂଳକ କରାଯିବା ପ୍ରସ୍ତାବକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ୍ ବିରୋଧ କରିଆସୁଛନ୍ତି।

### ଆମେରିକା ସରକାରଙ୍କ ପ୍ରବାସନ ନୀତି ବିରୋଧରେ ମାମଲା ରୁଜୁ

# କୋର୍ଟଙ୍କ ଦ୍ୱାରସ୍ଥ ହେଲେ ଭାରତୀୟ ଛାତ୍ର ଚିନ୍ମୟ ଦେଓର



**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ୨୧ ବର୍ଷୀୟ ଭାରତୀୟ ଛାତ୍ର ଚିନ୍ମୟ ଦେଓର ଏବେ ଆମେରିକା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛନ୍ତି। ରିପୋର୍ଟ ଅନୁସାରେ ଚିନ୍ମୟ, ଚୀନ୍ ଏବଂ ନେପାଳର କିଛି ଛାତ୍ରଙ୍କ ସହ ମିଶି ଆମେରିକାର ଗୃହ ସୁରକ୍ଷା ବିଭାଗ (ଡିଏଚ୍‌ଏସ୍) ଏବଂ ପ୍ରବାସୀ କର୍ତ୍ତୃପକ୍ଷଙ୍କ ବିରୋଧରେ ଆମେରିକୀୟ କୋର୍ଟରେ ମାମଲା ରୁଜୁ କରିଛନ୍ତି। ବାସ୍ତବରେ ଚିନ୍ମୟ ଏବଂ ଅନ୍ୟ ଦେଶର କିଛି ଛାତ୍ରମାନେ, ଆମେରିକା ସରକାର ସେମାନଙ୍କ ଛାତ୍ର ପ୍ରବାସ ସ୍ଥିତିକୁ ବେଆଇନ୍ ଭାବେ ସମାପ୍ତ କରିଦେଇଥିବା ଏବଂ ସେମାନଙ୍କୁ ସ୍ୱଦେଶ ଫେରିଯିବା ପାଇଁ ବାଧ୍ୟ କରୁଥିବା ସମ୍ପର୍କରେ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ଚିନ୍ମୟ ଦେଓରଙ୍କ ସହ ନେପାଳର ଛାତ୍ର ଯୋଗେଶ ଜୋଶୀ ଏବଂ ଚୀନ୍‌ର ୨ ଛାତ୍ର ସିଆନଗ୍ୟୁନ୍ ବୁ ଏବଂ କ୍ୟୁଇ ୟାଙ୍ଗ୍ ଆମେରିକାରେ ଅଧ୍ୟୟନ କରୁଥିବା ବେଳେ ଆମେରିକାର ସରକାରଙ୍କ ନୂଆ ପ୍ରବାସ ନୀତି ଲାଗୁ ହେବାଯୋଗୁ ସେମାନଙ୍କ ଛାତ୍ର ପ୍ରବାସ ସ୍ଥିତି ସ୍ୱତଃପ୍ରବୃତ୍ତ ଭାବେ ଉଚ୍ଛେଦ ହୋଇଯାଇଛି। ତେବେ ଏହି ଛାତ୍ରମାନେ ଏବେ ଆମେରିକା ସରକାରଙ୍କ ଛାତ୍ର ଏବଂ ବିନିମୟ ପରିଦର୍ଶକ ସୂଚନା ପ୍ରଣାଳୀ (ଏସ୍‌ଇଭିଆଇଏସ୍) ଅନ୍ତର୍ଗତ ସେମାନଙ୍କର ଛାତ୍ର ପ୍ରବାସ ସ୍ଥିତିକୁ 'ପର୍ଯ୍ୟାପ୍ତ ସୂଚନା ଏବଂ ବ୍ୟାଖ୍ୟା ବିନା' ବେଆଇନ ଭାବରେ ସମାପ୍ତ କରାଯାଇଥିବା ଅଭିଯୋଗ କରିଛନ୍ତି। ଏମାନେ ସମସ୍ତେ ଆମେରିକୀୟ ସିଭିଲ ଲିବର୍ଟିଜ୍ ୟୁନିଅନ୍ (ଏସିଏଲ୍ୟୁ) ମିଚିଗାନ୍ ମାଧ୍ୟମରେ ମାମଲା ରୁଜୁ କରିଛନ୍ତି।

ପ୍ରକାଶ, ଚିନ୍ମୟ ଦେଓର ୨୦୨୧ରୁ ୱେନ୍ ଷ୍ଟେଟ୍ ୟୁନିଭରସିଟିରେ କମ୍ପ୍ୟୁଟର ସାଇନ୍ସ ପଢୁଛନ୍ତି। ଚିନ୍ମୟ ନିଜ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଆମେରିକାରେ ରହିବା ଦିନ ଠାରୁ ଆଜି ଯାଏ କେବେବି କୌଣସି ଅପରାଧ ପାଇଁ ତାଙ୍କୁ ଅଭିଯୁକ୍ତ କିମ୍ବା ଦୋଷୀ ସାବ୍ୟସ୍ତ କରାଯାଇ ନାହିଁ। ଥରେ ଦ୍ରୁତଗତିରେ ଗାଡି ଚଳାଇବା ଏବଂ ଥରେ ପାର୍କିଂ ନିୟମ ଉଲ୍ଲଂଘନ ବ୍ୟତୀତ (ଯାହା ପାଇଁ ସେ ତୁରନ୍ତ ଜରିମାନା ଦେଇଥିଲେ), ତାଙ୍କ ବିରୁଦ୍ଧରେ କୌଣସି ନାଗରିକ ଉଲ୍ଲଂଘନ, ମୋଟର ଯାନ କୋଡ୍ ଉଲ୍ଲଂଘନ କିମ୍ବା ଇମିଗ୍ରେସନ୍ ଆଇନ ଉଲ୍ଲଂଘନର ଅଭିଯୋଗ ଆସିନାହିଁ। ଏପରିକି ସେ କୌଣସି ରାଜନୈତିକ ପ୍ରସଙ୍ଗ ଉପରେ କ୍ୟାମ୍ପସ ପ୍ରତିବାଦରେ ମଧ୍ୟ କେବେ ବି ସକ୍ରିୟ ନଥିଲେ। ତାଙ୍କର ଅପରାଧିକ, ନାଗରିକ ଏବଂ ପ୍ରବାସନ ରେକର୍ଡ ପ୍ରାୟ ସାଫ୍‌ସୁତୁରା ରହିଛି। ଏସବୁ ବାଦ୍ ତାଙ୍କ ନାମରେ ଥିବା ଏଫ୍-୧ ଭିସା ରଦ୍ଦ କରାଯାଇଥିବା ନେଇ ମଧ୍ୟ ତାଙ୍କୁ ଷ୍ଟେଟ୍ ଡିପାର୍ଟମେଣ୍ଟରୁ କୌଣସି ନୋଟିସ୍ ମିଳିନାହିଁ। ତଥାପି ଆକସ୍ମିକ ଭାବେ ଏଫ୍-୧ ଭିସା (ଛାତ୍ର ମାନ୍ୟତା) ସମାପ୍ତ ହୋଇଯାଇଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଇ-ମେଲ୍ ଯୋଗେ ସୂଚୀତ କରାଯାଇଛି। ଏସବୁ ବ୍ୟତୀତ ଯଦି ତାଙ୍କୁ ଯୁକ୍ତରାଷ୍ଟ୍ରରୁ ବାହାର କରାଯାଏ, ତେବେ ସେ ନିଜ ମା' ବାପା ଏବଂ ଭଉଣୀଙ୍କ ଠାରୁ ମଧ୍ୟ ଅଲଗା ହୋଇଯିବେ, ଯେଉଁମାନେ ସମସ୍ତେ ଆଇନଗତ ଭାବରେ ମିଚିଗାନର କ୍ୟାଣ୍ଟନରେ ବାସ କରୁଛନ୍ତି ବୋଲି ସେ ଦର୍ଶାଇଛନ୍ତି। ଚିନ୍ମୟ ଦେଓର ୨୦୦୪ରେ ନିଜ ପରିବାର ଏଚ୍-୪ ଭିସା ଆଧାରରେ ଆମେରିକାରେ ପ୍ରବେଶ କରିଥିଲେ। ମିଶିଗାନ୍‌ରେ ହାଇସ୍କୁଲ ସମାପ୍ତ କରିବା ପରେ ସେ ଏଚ୍-୪ ଭିସା ମାନ୍ୟତା ଆଧାରରେ ୱେନ୍ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ନାମ ଲେଖାଇଥିଲେ। ତେବେ ୨୦୨୨ରେ ତାଙ୍କ ଏଚ୍-୪ ଭିସା ସ୍ଥିତି ସମାପ୍ତ ହେବା ପରେ ତାଙ୍କୁ ଏଫ୍-୧ ଭିସା ହାସଲ କରିବାକୁ ଅନୁମତି ଦିଆଯାଇଥିଲା। ସମ୍ପ୍ରତି ସେ ନିଜ ପରିବାର ସହ କ୍ୟାଣ୍ଟନରେ ରହୁଛନ୍ତି।

# ବିଧାନସଭା ପରିସରରେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି



**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଆଜି ବିଧାନସଭା ପରସରରେ ପ୍ରବାଦପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡ଼ା, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚତେକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ବିଧାୟକ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ପ୍ରତାପ ଦେବ, ବିଧାୟକ ବାବୁ ସିଂ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ରହି ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ରୋଜାଲିନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସୋସିଆଲ ମିଡିଆ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ମହାନ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସରେ ବିନମ୍ର ଶ୍ରଦ୍ଧାଞ୍ଜଳି । ଜଣେ ସ୍ୱାଭିମାନୀ ଓଡ଼ିଆ ତଥା ଶିକ୍ଷା, ନାରୀ ସଶକ୍ତିକରଣ ସହ ଆଧୁନିକ ଓଡ଼ିଶା ଗଠନରେ ତାଙ୍କର ଅବଦାନ ସର୍ବଦା ପ୍ରେରଣାଦାୟୀ ।

# ସରକାରୀ ଅଧିକାରୀଙ୍କୁ ଏଆଇର ଉପଯୋଗ ସମ୍ବନ୍ଧିତ କର୍ମଶାଳା

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ରାଜ୍ୟର ସରକାରୀ ଅଫିସରମାନଙ୍କୁ 'କୃତ୍ରିମ ବୁଦ୍ଧିମତା (ଏଆଇ) ର ପ୍ରୟୋଗ ଉପରେ ବ୍ୟବହାରିକ ତାଲିମ ନିମନ୍ତେ ଲୋକସେବା ଭବନ ସ୍ଥିତ ରାଜ୍ୟ କନଭେନସନ୍ ସେଣ୍ଟରରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏବଂ ୱାଧ୍ୱାନି ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଆଜି ଯାହା କଷ୍ଟକର ମନେହେଉଛି, ଆସନ୍ତାକାଲି ତାହା ଏଆଇର ପ୍ରୟୋଗ ମାଧ୍ୟମରେ ସହଜସାଧ୍ୟ ବୋଲି ପ୍ରମାଣିତ ହେବ । ଏହା ସହିତ, ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଘଟୁଥିବା ଦ୍ରୁତ ନବସୃଜନ ଯୋଗୁଁ ଏଆଇସମ୍ପର୍କରେ ସରକାରୀ ଅଧିକାରୀମାନେ ଜାଣିବା ଓ ବୁଝିବା ଜରୁରୀ ହୋଇପଡ଼ିଛି । ଏଆଇ ସହଯୋଗରେ ସେବା ବିତରଣ ବ୍ୟବସ୍ଥାକୁ ଅଧିକ ଉନ୍ନତ, ଦ୍ରୁତ ଓ ଅଧିକ ପାରଦର୍ଶୀ କରାଇ ଜାତୀୟ ସ୍ତରରେ ଓଡ଼ିଶା କିଭଳି ନେତୃତ୍ୱ ପ୍ରତିଷ୍ଠା କରିପାରିବ, ସେଥିପାଇଁ ଏକ ସୁବର୍ଣ୍ଣ ସୁଯୋଗ ଆସିଛି ବୋଲି ମୁଖ୍ୟ ଶାସନ ସଚିବ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏଆଇକୁ ଡାଟା ସମର୍ଥିତ ଦୃଷ୍ଟିଭଙ୍ଗୀ ଆପଣାଇ ବିଭିନ୍ନ ସରକାରୀ ବିଭାଗ ଜନସେବା ବିତରଣ ବ୍ୟବସ୍ଥାକୁ କିଭଳି ପ୍ରଭାବୀ ଢଙ୍ଗରେ ପରିଚାଳିତ କରିପାରିବେ ତାହା ଥିଲା ଏହି କର୍ମଶାଳାର ମୌଳିକ ଲକ୍ଷ୍ୟ । ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ୍ ଦେବ, ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ମାନସ ପଣ୍ଡା, ୱାଧ୍ୱାନି ଫାଉଣ୍ଡେସନ ର କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରକାଶ କୁମାର ଏବଂ ଓଡ଼ିଶା ଡିଜିଟାଲ ଗଭର୍ଣ୍ଣାନ୍ସ ଇକୋସିଷ୍ଟମ୍‌ର ପ୍ରମୁଖ ହିତାଧିକାରୀ ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଏହି ପରିପ୍ରେକ୍ଷୀରେ ନାସ୍‌କମ୍ ଓ ୱାଧ୍ୱାନି ଫାଉଣ୍ଡେସନ ସହ ବୁଝାମଣାପତ୍ର ସ୍ୱାକ୍ଷର ମଧ୍ୟ କରାଯାଇଛି । ଏ.ଆଇ. ପରିଚାଳିତ ଶାସନ ବ୍ୟବସ୍ଥା ପାଇଁ ଓଡ଼ିଶା ବଳିଷ୍ଠ ପଦକ୍ଷେପ ଗ୍ରହଣ କରୁଥିବାରୁ ଆମେ ଖୁବ୍ ଉତ୍ସାହିତ ବୋଲି ୱାଧ୍ୱାନି ଫାଉଣ୍ଡେସନ୍ ସିଇଓ ପ୍ରକାଶ କୁମାର ଉଲ୍ଲେଖ କରିଥିଲେ । ଏହା ସହିତ ନୀତିଗତ ଯୋଜନା ଓ ତା'ର ମନିଟରିଙ୍ଗ ନିମନ୍ତେ ଡାଟା ପରିଚାଳିତ ନିଷ୍ପତ୍ତି ଗ୍ରହଣ, ଡିଜିଟାଲାଇଜେସନ୍ ଓ ଡିଜିଟାଲ ଟ୍ରାନ୍ସଫରମେସନ୍ ମଧ୍ୟରେ ଥିବା ପାର୍ଥକ୍ୟ, ବିଚାର ଅବସ୍ଥାରୁ ଅବଧାରଣା ଅବସ୍ଥାକୁ ଯିବାପାଇଁ ଢାଞ୍ଚା ପ୍ରସ୍ତୁତି, ଶାସନଗତ ଆହ୍ୱାନ ଏବଂ ୱାଧ୍ୱାନି ଫାଉଣ୍ଡେସନ୍ ସହ ମିଶି ସେଗୁଡ଼ିକର ବିଶ୍ଳେଷଣ ତଥା ବୈଷୟିକ ସମ୍ଭାବ୍ୟତା ଓ ବିଶେଷଜ୍ଞଙ୍କ ମତାମତ ସଂଗ୍ରହ ଉପରେ ଆଲୋଚନା କରାଯାଇଥିଲା ।

# ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କଲେ ଗଡ଼କରି

### ବିଭିନ୍ନ ଲାବୋରେଟୋରୀ ବୁଲି ଦେଖିଲେ

### ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କ ସହ କଥା ହେଲେ

### ଅତ୍ୟାଧୁନିକ ଭିତ୍ତିଭୂମିକୁ କଲେ ପ୍ରଶଂସା

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ଦିନିକିଆ ଓଡ଼ିଶା ଗସ୍ତରେ ଆସିଥିବା କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରାଳୟର ମନ୍ତ୍ରୀ ନୀତିନ ଗଡ଼କରି ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ର ପରିଦର୍ଶନ କରିଥିଲେ । ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତା ବିକାଶ ସହିତ ସେମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ କରିବାରେ ଏହି କେନ୍ଦ୍ର ବିଶେଷ ଭୂମିକା ଗ୍ରହଣ କରୁଥିବା ଜାଣି ଖୁସି ହୋଇଥିଲେ । ଏହି ଅତ୍ୟାଧୁନିକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ ।

ବିଶ୍ୱ ଦକ୍ଷତା କେନ୍ଦ୍ରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼କରି ପହଞ୍ଚିବା ପରେ ତାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ କରିଥିଲେ । ପରେ ସେ ଭର୍ଟିକାଲ ଟ୍ରାନ୍ସପୋର୍ଟେସନ, ଟ୍ରାଭେଲେଟର ଓ ଏସ୍କାଲେଟର ଲାବୋରେଟୋରୀ ସହିତ ଅଟୋମେସନ ଆଣ୍ଡ ବେସିକ୍ ରୋବୋଟିକ୍ସ ଲ୍ୟାବ୍ ଏବଂ ଅତ୍ୟାଧୁନିକ ୱେଲ୍ଡିଂରେ ଉତ୍କର୍ଷ କେନ୍ଦ୍ର ବୁଲି ଦେଖିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ବିଶ୍ୱ ଦକ୍ଷତା କେନ୍ଦ୍ରର ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକଙ୍କ ସହ କଥା ହୋଇଥିଲେ । ଏହି ଅତ୍ୟାଧୁନିକ ଲାବୋରେଟୋରୀରେ ସେମାନଙ୍କ ଦକ୍ଷତା ବିକାଶ ଏବଂ କ୍ୟାରିୟର ସ୍ୱପ୍ନ ପୂରଣ ଦିଗରେ କିପରି ସହାୟକ ହେଉଛି ସେ ବିଷୟରେ ପଚାରି ବୁଝିଥିଲେ ।



ଏହି କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦକ୍ଷତା ବିକାଶ କ୍ଷେତ୍ରକୁ ସୁଦୃଢ଼ କରାଯାଉଛି । ଯୁବପିଢ଼ିଙ୍କ ଦକ୍ଷତାକୁ ନୂଆ ଉଚ୍ଚତାକୁ ନେବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏ ଦିଗରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଏକ ବଡ଼ ଯୋଗଦାନ ରହୁଛି । ଏଠାରେ ଅତ୍ୟାଧୁନିକ ତାଲିମ ନେଇ ଛାତ୍ରଛାତ୍ରୀ ଦେଶ ବିଦେଶରେ ନିଯୁକ୍ତି ସୁଯୋଗ ପାଉଛନ୍ତି । ଆଗାମୀ ଦିନରେ ଦକ୍ଷତା ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ବିଶେଷ ପରିଚୟ ପାଇବାକୁ ଯାଉଛି । ଏହି ଅବସରରେ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

କାର୍ଯ୍ୟକ୍ରମରେ ଭୁବନେଶ୍ୱର ଲୋକସଭା କ୍ଷେତ୍ରର ସାଂସଦ ଅପରାଜିତା ଷଡ଼ଙ୍ଗୀ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ସଚିବ ଭୁପେନ୍ଦ୍ର ସିଂ ପୁନିଆ, ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା, ବିଶ୍ୱ ଦକ୍ଷତା କେନ୍ଦ୍ରର ଚିଫ୍ ସ୍କିଲ ଅଫିସର ବ୍ରୁସ୍ ପୋହ ଏବଂ ସିଓଓ ପିନାକୀ ପଟ୍ଟନାୟକ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ଭିତରେ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧକ୍ଷ ଟି ଥମ୍ବିରାଜା ଏବଂ ଉପାଧକ୍ଷା ଜିତାମିତ୍ର ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ ।

# 'ଆମ ଶିମିଳିପାଳ ଯୋଜନା'ର ଫଳପ୍ରଦ କାର୍ଯ୍ୟକାରୀତା ଉପରେ ବୈଠକ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** 'ଆମ ଶିମିଳିପାଳ ଯୋଜନା' ପାଇଁ ଚଳିତ ୨୦୨୫ ବଜେଟ୍‌ରେ ୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ଯୋଜନାର ଫଳପ୍ରଦ କାର୍ଯ୍ୟକାରୀତା ଉପରେ ଗୁରୁବାର ଖାରବେଳ ଭବନସ୍ଥିତ ବିଭାଗୀୟ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ବୈଠକରେ ଅଧ୍ୟକ୍ଷତା କରିବା ସହ କହିଛନ୍ତି ଯେ ଶିମିଳିପାଳରେ ବାଘ ଏବଂ ହାତୀ ସମେତ ବିଭିନ୍ନ ପ୍ରକାରର ବନ୍ୟପ୍ରାଣୀ, ୩୦୪ ପ୍ରଜାତିର ପକ୍ଷୀ, ୨୦ ପ୍ରଜାତିର ଉଭୟଚର ପ୍ରାଣୀ ଏବଂ ୬୨ ପ୍ରଜାତିର ସରୀସୃପ, ୧୦୭୬ ଫୁଲ ପ୍ରଜାତି ଏବଂ ୯୬ ପ୍ରଜାତିର ଅର୍କିଡ୍ ଥିବାବେଳେ ଅର୍ଦ୍ଧ-ଚିରହରିତ ଜଙ୍ଗଲ, ଆର୍ଦ୍ର ପର୍ଣ୍ଣମୋଚୀ ଜଙ୍ଗଲ, ଶୁଷ୍କ ପର୍ଣ୍ଣମୋଚୀ ଜଙ୍ଗଲ, ଉଚ୍ଚକୋଟୀର ଶାଳ ଜଙ୍ଗଲ ଏବଂ ବିସ୍ତୃତ ସବୁଜିମା ରହିଛି । ତେବେ ଏହି ଅଞ୍ଚଳ ଜଙ୍ଗଲ କ୍ଷୟ, ବିସ୍ଥାପନ ଏବଂ ସ୍ଥାନୀୟ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ସମ୍ପ୍ରଦାୟ ପାଇଁ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପଲବ୍ଧତାର ଅଭାବ ଆଦି ଚ୍ୟାଲେଞ୍ଜର ମଧ୍ୟ ସମ୍ମୁଖୀନ ହେଉଛି । ଏହାକୁ ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀ ଶିମିଳିପାଳ ଅଞ୍ଚଳର ବିକାଶ ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ରାଜନୈତିକ ଏବଂ ପ୍ରଶାସନିକ ଇଚ୍ଛାଶକ୍ତି ରହିଛି । ପ୍ରସ୍ତାବିତ ବାର୍ଷିକ ବଜେଟ୍ ଅନୁଯାୟୀ ପାଣ୍ଠିର ପ୍ରବାହ ନିୟମିତ ରହିବ ଓ ପ୍ରକଳ୍ପ ପାଇଁ ଆବଶ୍ୟକୀୟ ସଂସ୍ଥାଗତ ସହାୟତା ବ୍ୟବସ୍ଥା କରାଯାଉଛି । ଶିମିଳିପାଳକୁ ଖୁବ୍‌ଶୀଘ୍ର ଜାତୀୟ ଉଦ୍ୟାନ ମାନ୍ୟତା ମିଳିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ ପ୍ରକାଶ କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ 'ଆମ ଶିମିଳିପାଳ ଯୋଜନା'ରେ ଜନଜାତି ସମ୍ପ୍ରଦାୟଗୁଡ଼ିକର ଆର୍ଥିକ ଉନ୍ନତି ନିମନ୍ତେ ପ୍ରତିଷ୍ଠାନ ନିର୍ମାଣ, ପ୍ରାକୃତିକ ସମ୍ପଦ ଏବଂ ଜୈବ ବିବିଧତାର ସୁପରିଚାଳନକୁ ପ୍ରୋତ୍ସାହନ ଦିଆଯିବ । ପ୍ରସ୍ତାବିତ ପ୍ରକଳ୍ପ ସମ୍ବନ୍ଧରେ ଆଲୋକପାତ କରି ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପର ନିର୍ଦ୍ଦେଶକ ମିତା ବିଶ୍ୱାଳ କହିଥିଲେ ଯେ ଏହା ଏକ ବ୍ୟାପକ ପ୍ରକଳ୍ପ ହେବ ଯାହା ବନୀକରଣ, ଜୈବ-ବିବିଧତା ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ମୁକାବିଲା କାର୍ଯ୍ୟ, ଜୀବିକା ପ୍ରୋତ୍ସାହନ ଏବଂ ଆନୁଷ୍ଠାନିକ ବିକାଶ ପଦକ୍ଷେପଗୁଡ଼ିକୁ ସମନ୍ୱିତ କରିବ ଓ ଓଡ଼ିଶାରେ ଜଙ୍ଗଲ ନିକଟରେ ବାସ କରୁଥିବା ସମ୍ପ୍ରଦାୟଗୁଡ଼ିକର ସାମଗ୍ରିକ ବିକାଶ ସାଧିତ ହେବ । ଏହି ସମୀକ୍ଷା ବୈଠକରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ଓ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରେମ କୁମାର ଝା, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ମିତା ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚିବ ଉମା ନନ୍ଦୁରୀ, ଅତିରିକ୍ତ ସଚିବ ଦେବେନ ପ୍ରଧାନ, ଯୁଗ୍ମ ସଚିବ ଧରମ ହାଂସଦା, ଅତିରିକ୍ତ ସଚିବ ଉଷାରାଣୀ ଦାସ, ଯୁଗ୍ମ ସଚିବ ଦୀନକୃଷ୍ଣ କର ପ୍ରମୁଖ ଉପସ୍ଥିତ ଥିଲେ ।

### ଓଡ଼ିଶାରେ ଏନ୍ଏଚ୍ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ ପ୍ରସଙ୍ଗ

# 'ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ'

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ରାଜ୍ୟରେ ପ୍ରାୟ ୪ ହଜାର ୧୩୭ କୋଟି ଟଙ୍କାର ୧୯ଟି ଜାତୀୟ ରାଜପଥ ପ୍ରକଳ୍ପ କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ଲୋକାର୍ପଣ ଓ ଶିଳାନ୍ୟାସ ହୋଇଛି । ଆଜି ଲୋକାର୍ପଣ ଏବଂ ଶିଳାନ୍ୟାସ ହୋଇଥିବା ରାଜପଥ ପ୍ରକଳ୍ପ 'ପୂର୍ବୋଦୟ' ଯୋଜନାରେ ଓଡ଼ିଶାର ଯୋଗାଯୋଗ କ୍ଷେତ୍ରରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଏକ ଭିଡିଓ ମେସେଜ୍ ଜରିଆରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।



ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ 'ପୂର୍ବୋଦୟ ମିଶନ'ରେ ଶୁଭାରମ୍ଭ ହୋଇଥିବା ଏହି ପ୍ରକଳ୍ପଗୁଡିକ ଓଡ଼ିଶାରେ ସଡ଼କ ଭିତ୍ତିଭୂମିକୁ ମଜଭୁତ୍ କରିବ । ଲୋକଙ୍କ ଯାତାୟାତ ସହଜ ହେବ । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ହେବ । ଆମର ସ୍ଥାନୀୟ ଓ ରାଜ୍ୟ ଅର୍ଥନୀତି ଅଧିକ ମଜଭୁତ୍ ହେବ । ଆମ ସରକାର ସବକା ସାଥ୍-ସବକା ବିକାଶର ସରକାର । ଲୋକାର୍ପିତ ହୋଇଥିବା ପ୍ରକଳ୍ପଗୁଡ଼ିକ ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ସାମାଜିକ ଓ ଆର୍ଥିକ ବିକାଶରେ ମଧ୍ୟ ଅଭିବୃଦ୍ଧି ଘଟିବ । ବର୍ତ୍ତମାନ ସମୟରେ ରାଜପଥ, ଯୋଗାଯୋଗ ଏବଂ ଆନୁଷଙ୍ଗିକ ଭିତ୍ତିଭୂମିକୁ ତ୍ୱରାନ୍ୱିତ କରିପାରିଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ସାକାର ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

# ବିନ୍ଦୁସାଗରରେ ବିଜେଡି ପକ୍ଷରୁ ତିଳତର୍ପଣ



**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ ତମ ଶ୍ରାଦ୍ଧ ଦିବସ ପରିପ୍ରେକ୍ଷୀରେ ଗୁରୁବାର ବିଜେଡି ପକ୍ଷରୁ ବିନ୍ଦୁ ସାଗର ଉତ୍ତରେଶ୍ୱର ଘାଟରେ ତିଳତର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ମେୟର ସୁଲୋଚନା ଦାସ, ଏକାମ୍ରର ପୂର୍ବତନ ବିଧାୟକ ଅଶୋକ ପଣ୍ଡା, ଉତ୍ତର ବିଧାୟକ ସୁଶାନ୍ତ ରାଉତ ଏବଂ କର୍ପୋରେଟରମାନେ ଯୋଗ ଦେଇ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ । ଅପରପକ୍ଷରେ ବିଜୁ ପଟ୍ଟନାୟକ ପାର୍କରେ ନବୀନ ପଟ୍ଟନାୟକ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଅବସରରେ ବିଜେଡି ସମନ୍ୱୟ କମିଟି ଅଧ୍ୟକ୍ଷ ଦେବୀ ମିଶ୍ର, ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ସଂତୃପ୍ତ ମିଶ୍ର , ବରିଷ୍ଠ ବିଜେଡି ନେତା ବ୍ୟୋମକେଶ ରାୟ, ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ବରିଷ୍ଠ ନେତା ପ୍ରତାପ ଜେନା, ମେୟର ସୁଲୋଚନା ଦାସ୍, ପ୍ରଣବ ବଳବନ୍ତରାୟ, ମନ୍ମଥ ରାଉତରାୟ, ଉତ୍ତର ବିଧାୟକ ସୁଶାନ୍ତ ରାଉତ, ବରିଷ୍ଠ ନେତା ସୁଦାମ ମାରାଣ୍ଡି, ବରିଷ୍ଠ ନେତା ସଞ୍ଜୟ ଦାସ୍ ବର୍ମା ଓ ମୁନ୍ନା ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

### ଶଙ୍ଖ ଭବନରେ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି

# କିଛି ଲୋକ ଇତିହାସ ବଦଳାଇବାକୁ ଉଦ୍ୟମ କରୁଛନ୍ତି: ନବୀନ

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ବରପୁତ୍ରମାନଙ୍କ ତ୍ୟାଗ ଓ ଅବଦାନକୁ ନ୍ୟୁନ କରିବା ପାଇଁ ବର୍ତ୍ତମାନ କିଛି ଲୋକ ଉଦ୍ୟମ କରୁଛନ୍ତି । ଇତିହାସ ବଦଳେଇବାକୁ ସେମାନେ ଚେଷ୍ଟା କରୁଛନ୍ତି । ଇତିହାସ ହେଉଛି ଗୋଟିଏ ନିର୍ଦ୍ଦିଷ୍ଟ କାଳଖଣ୍ଡରେ ଗୋଟିଏ ଜାତିର ସାମୁହିକ ଅନୁଭବର ପରିପ୍ରକାଶ । ଏହାକୁ କେହି ବଦଳେଇ ପାରିବେ ନାହିଁ । ତେଣୁ ଏଥିରେ ସମୟ ନଷ୍ଟ ନକରି ବିକାଶ ଇତିହାସରେ ନୂଆ ଅଧ୍ୟାୟ ଯୋଡି ପାରିଲେ ରାଜ୍ୟର ମଙ୍ଗଳ ହେବ ବୋଲି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କହିଛନ୍ତି । ଗୁରୁବାର ଶଙ୍ଖ ଭବନ ଠାରେ ପାଳିତ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୨୮ ତମ ଶ୍ରାଦ୍ଧ ଦିବସରେ ଯୋଗଦେଇ ଶ୍ରୀ ପଟ୍ଟନାୟକ ଏହା କହିଛନ୍ତି ।

ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ଶ୍ରୀ ପଟ୍ଟନାୟକ ସ୍ୱର୍ଗତ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ ବିଜୁ ବାବୁ ଜଣେ ଓଡ଼ିଆ ଭାବରେ ସବୁବେଳେ ଗର୍ବ କରୁଥିଲେ । ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ତାଙ୍କର ଲକ୍ଷ୍ୟ ଥିଲା । ବିଜୁ ବାବୁଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବିଜେଡି ସରକାର ଅନେକ ପଦକ୍ଷେପ ନେଇଥିଲା । ଏହି ସମୟ ମଧ୍ୟରେ ବହୁତ ଭଲ କାମ ହୋଇଥିଲା,



ଯେଉଁଥିପାଇଁ ଓଡ଼ିଶାକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅନେକ ସ୍ୱୀକୃତି ମଧ୍ୟ ମିଳିଥିଲା । ବିଜୁ ବାବୁଙ୍କ ସ୍ମୃତିଚାରଣ କରି ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଦେଶର ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥାକୁ ଶକ୍ତିଶାଳୀ କରିବା ଓ ମହିଳା ସଶକ୍ତିକରଣ ହେଉଛି ଭାରତୀୟ

**ବିଜୁ ବାବୁଙ୍କ ଅବଦାନକୁ କେହି ଭୁଲି ପାରିବେ ନାହିଁ**


ରାଜନୀତିକୁ ବିଜୁ ବାବୁଙ୍କ ଶ୍ରେଷ୍ଠ ଅବଦାନ । ବିଜୁ ବାବୁଙ୍କ ଅବଦାନକୁ କେହି ଭୁଲି ପାରିବେ ନାହିଁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

ବିଧାୟକ ସୁଶାନ୍ତ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନେତା ଅଶୋକ ପଣ୍ଡା, ଅମର ପଟ୍ଟନାୟକ, ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଉଦବୋଧନ ଦେଇ ବିଜୁ ବାବୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଧନ୍ୟବାଦ ଦେଇଥିଲେ । ଗୁରୁବାର ସକାଳେ ବିରୋଧୀ ଦଳ ନେତା ନବୀନ ପ...ନାୟକ ବିଜୁ ପଟ୍ଟନାୟକ ପାର୍କକୁ ଯାଇ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅପର୍ଣ କରିଥିଲେ ।

# 'ନବୀନଙ୍କ ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ'

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ବିଜୁ ବାବୁଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି । ନବୀନ ପଟ୍ଟନାୟକ ଯାହା କହିଛନ୍ତି ତାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । ଶଙ୍ଖଭବନରେ ବିଜୁ ବାବୁଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ପ୍ରତିକ୍ରିୟା ପରେ ଜବାବ ରଖି ଶ୍ରୀ ସାମଲ ଏହାକ କହିଛନ୍ତି ।ଏହାଛଡ଼ା ଶ୍ରୀ ସାମଲ କହିଛନ୍ତି ଯେ ବିଜୁ ବାବୁ ଓଡ଼ିଶାର ବରପୁତ୍ର ଥିଲେ । ସ୍ୱାଧୀନତା ସଂଗ୍ରାମ ସମୟରେ ଏବଂ

**ବିଜୁ ବାବୁଙ୍କ ପ୍ରତି ଆମର ଯଥେଷ୍ଟ ସମ୍ମାନ ଅଛି**




ଯେଉଁସବୁ ଭଲ କାମ କରିଛନ୍ତି ଓଡ଼ିଶାବାସୀ ତାଙ୍କୁ ନିଶ୍ଚିତ ମନେ ରଖିବେ । ଆଜି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିବାର ଦିନ । ନବୀନ ଯାହା କହିଛନ୍ତି ତାହା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ । ଆମ ହାଡ଼ ମାଂସରେ ପୂଜ୍ୟପୂଜା ଅଛି । ବିଜୁ ବାବୁଙ୍କ ପ୍ରତି ଯେଉଁ ସମ୍ମାନ ଅଛି ରହିବ । ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଏଭଳି ବକ୍ତବ୍ୟ ଉଚିତ ନୁହେଁ । ସେ ନିଜେ କହୁଛନ୍ତି ନା ତାଙ୍କୁ କିଏ କୁହାଉଛନ୍ତି ମୁଁ ଜାଣିନି । ତାଙ୍କ ପରାମର୍ଶଦାତା ଭୁଲ ଅଛି । ନବୀନ ନିଜ ବକ୍ତବ୍ୟର ପୁନଃ ବିଚାର କରନ୍ତୁ ବୋଲି ବୋଲି ଶ୍ରୀ ସାମଲ କହିଛନ୍ତି ।

# 'ବିଜୁ ପଟ୍ଟନାୟକଙ୍କୁ ଅପମାନ କରାଯାଇଛି'

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** 'ବିଜୁ ପଟ୍ଟନାୟକଙ୍କୁ ଅପମାନିତ କରାଯାଇଛିଫ ଏହା କାହାର ଷଡ଼ଯନ୍ତ୍ର ଦିନେ ନାଦିନେ ଲୋକଲୋଚନକୁ ଆସିବ ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ।ଏହାଛଡ଼ା ସେ କହିଛନ୍ତି ଯେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ନିଆଁ ଲଗେଇ ଦେଲେ । କିନ୍ତୁ ନିଆଁ ଲାଗିବା ଦ୍ୱାରା ବିଜୁ ପଟ୍ଟନାୟକଙ୍କ ମୁହଁ କଳା ପଡ଼ିନାହିଁ । ଯେଉଁ ମାନେ ନିଆଁ ଲଗେଇଛନ୍ତି ତାଙ୍କ ମୁହଁ କଳା ହୋଇଗଲା । ବିଜୁ ପଟ୍ଟନାୟକଙ୍କ ସ୍ମୃତିକୁ ଲିଭେଇ ଦେବାକୁ ବର୍ତ୍ତମାନ ସରକାର



ପ୍ରୟାସ କରିଛନ୍ତି । ଯେଉଁ ମାନେ ତାଙ୍କୁ ଅପମାନିତ କରୁଛନ୍ତି ଲୋକେ ତାଙ୍କୁ ଜବାବ ଦେବେ ବୋଲି ଶ୍ରୀ ଆଚାର୍ଯ୍ୟ କହିଛନ୍ତି ।

### ବିଜେଡି ରାଜ୍ୟ ସଭାପତି ନିର୍ବାଚନ

# ନାମାଙ୍କନ ଭରିଲେ ନବୀନ



**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ବିଜୁ ଜନତା ଦଳର ସାଂଗଠନିକ ନିର୍ବାଚନ ପରିପ୍ରେକ୍ଷୀରେ ଗୁରୁବାର ବିଜେଡି ରାଜ୍ୟ ସଭାପତି ପଦ ପାଇଁ ନବୀନ ପଟ୍ଟନାୟକ ନାମାଙ୍କନ ଭରିଛନ୍ତି । ଏକମାତ୍ର ପ୍ରାର୍ଥୀଭାବେ ନବମ ଥର ପାଇଁ ରାଜ୍ୟ ବିଜେଡି ସଭାପତି ହେବାକୁ ନାମାଙ୍କନ ଭରିଛନ୍ତି ନବୀନ । ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ଶଙ୍ଖ ଭବନରେ ବିଜେଡି ରାଜ୍ୟ ନିର୍ବାଚନ ଅଧିକାରୀ ପ୍ରତାପ ଦେବଙ୍କ ଉପସ୍ଥିତିରେ ଶ୍ରୀ ପଟ୍ଟନାୟକ ନାମାଙ୍କନ ଦାଖଲ କରିଛନ୍ତି । ଆସନ୍ତା ଏପ୍ରିଲ ୧୯ରେ ସଭାପତିଙ୍କ ନାମ ଘୋଷଣା ହେବ ବୋଲି ଜଣାଯାଇଛି ।

ଗୁରୁବାର ୧୦ଟାରୁ ୧ଟା ପର୍ଯ୍ୟନ୍ତ ନାମାଙ୍କନ ସମୟ ଥିବା ବେଳେ ନବୀନ ପଟ୍ଟନାୟକ ଏକାକୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଦଳର ସାଂଗଠନିକ ନିର୍ବାଚନ ଚାଲିଥିବାବେଳେ ଅନ୍ୟ କେହି ପ୍ରାର୍ଥିପତ୍ର ଦାଖଲ କରି ନଥିବାରୁ ନବୀନ ପଟ୍ଟନାୟକ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ନିଶ୍ଚିତ ହୋଇଛି । କେବଳ ଔପଚାରିକ ଘୋଷଣା ବାକି । ଏନେଇ ବିଜେଡି ସାଙ୍ଗଠନିକ ନିର୍ବାଚନ ଅଧିକାରୀ ପ୍ରତାପ ଦେବ କହିଛନ୍ତି ଯେ, ନିର୍ବାଚନ ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ଷ୍ଟେଟ କାଉନସିଲ ଗଠନ କରାଯାଇଛି । ୩୫୫ ଜଣ ସଦସ୍ୟ ରହିଛନ୍ତି । ୧୯ ତାରିଖରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ବସି ସଭାପତିଙ୍କ ନାଁ ଘାଷଣା ହେବ ।

## ମା' ବୁଢ଼ୀ ଠାକୁରାଣୀ ଯାତ୍ରା

# ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼, ଦୁଲୁକୁଛି ସହର









**ବ୍ରହ୍ମପୁର,୧୭/୪/ଏନ୍ଏନ୍ଏସ୍:** ବଡ ବଜାର ଦେଶୀବେହେରାସ୍ଥିତ ଅସ୍ଥାୟୀ ମଣ୍ଡପରେ ପୂଜା ପାଉଛନ୍ତି ମା' ବୁଢ଼ୀ ଠାକୁରାଣୀ। ଦୁଇବର୍ଷ ପରେ ମା' ନିଜ ବାପ ଘରକୁ ଆସିଥିବାରୁ ସବୁଠି ଦେଖାଦେଇଛି ଉତ୍ସାହ। ଆଜି ମା' ବୁଢ଼ୀ ସାଆନ୍ତାଣୀଙ୍କ ଯାତ୍ରାର ୧୫ତମ ଦିବସରେ ଅସ୍ଥାୟୀ ପୀଠ ଜନସମୁଦ୍ର ପାଲଟିଥିଲା। ରୀତିନୀତି ପୂଜାର୍ଚ୍ଚନା ପରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ ମା' ବୁଢ଼ୀ ସାଆନ୍ତାଣୀ। ପ୍ରଥମେ ସକାଳେ ମଙ୍ଗଳ ଆଳତୀ ପରେ ପୂର୍ବାହ୍ନରେ ବାଳ ଭୋଗ, ମଧ୍ୟାହ୍ନରେ ମା'ଙ୍କୁ ଅନ୍ନଭୋଗ ଲାଗି ହୋଇଥିଲା। ଅସ୍ଥାୟୀ ମଣ୍ଡପରେ ସନ୍ଧ୍ୟା ଆଳତୀ ପରେ ମା'ଙ୍କ ଘଟ ପରିକ୍ରମା ଆରମ୍ଭ ହୋଇଥିଲା। ବିରାଟ ପଟୁଆରରେ ମା' ବୁଢ଼ୀ ସାଆନ୍ତାଣୀଙ୍କ ଘଟ ଅସ୍ଥାୟୀ ମଣ୍ଡପରୁ ବାହାରି ମହିରୀ ରାଜବାଟିକୁ ଯାଇଥିଲା। ସେଠାରେ ପୂଜାର୍ଚ୍ଚନା ପରେ ଜଉରା ସାହିସ୍ଥିତ ମାଉସୀ ମା' ଘରକୁ ଯାଇଥିଲେ। ପରେ ବଡ ବଜାର ଅଞ୍ଚଳ ହୋଇ ଖାସ୍ମା ସାହି, ପଣ୍ଡିତ ସାହି, କରଣ ସାହି, ଶଗଡିଆ ମହାରଥା ସାହି, କରଣା ସାହି, କରିବାରି ସାହି, ଖାସ୍ମା ସାହି, ନଡିଆ ମାର୍କେଟ୍ ହୋଇ ଅସ୍ଥାୟୀ ପୀଠକୁ ଫେରିଥିଲେ। ପ୍ରତି ସାହିରେ ମା'ଙ୍କୁ ଭାଗ୍ୟ ସ୍ୱାଗତ କରାଯାଇଥିଲା। ମା'ଙ୍କ ପାଦ ଧୋଇ ପାଛୋଟି ନେଇଥିଲେ ଭକ୍ତ। ବାଜା ବାଜଣା, ନାଚ ଗୀତରେ ଦୁଲୁକିଥିଲା ଅଞ୍ଚଳ। ଘଣ୍ଟ, ମୃଦଙ୍ଗ, ବାଜାବାଜଣା ମଧ୍ୟରେ ମା' ଘଟ ବୁଲିଥିବା ବେଳେ ପରଭା ନାଚ ଦେଖିବାକୁ ମିଳିଥିଲା। ବିଭିନ୍ନ ବେଶଧାରୀଙ୍କ ସହ ଶ୍ରଦ୍ଧାଳୁ ଭକ୍ତ ମଧ୍ୟ ଘଟ ଯାତ୍ରାରେ ସାମିଲ ହୋଇଥିଲେ। ଭକ୍ତଙ୍କ ପ୍ରବଳ ଭିଡ ଲାଗିଥିବାରୁ ପୁଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅନ୍ୟପକ୍ଷରେ ପ୍ରଚଣ୍ଡ ଖରା ସତ୍ତ୍ୱେ ଭକ୍ତଙ୍କ ମଧ୍ୟରେ ଦେଖାଦେଇଥିଲା ଉତ୍ସାହ। ଆଜି ଦିନ ସାରା ମା' ବୁଢ଼ୀ ସାଆନ୍ତାଣୀଙ୍କ ଆଶୀର୍ବାଦ ଭିକ୍ଷା ପାଇଁ ଅସ୍ଥାୟୀ ମଣ୍ଡରେ ଲାଗିଥିଲା ଲମ୍ବା ଧାଡି। ମାନସିକଧାରୀମାନେ ଭୋଗ ଧରି ମା'ଙ୍କୁ ପୂଜାର୍ଚ୍ଚନ କରିବା ସହ ଧର୍ମଝଣ୍ଡାରେ ହଳଦୀ ପାଣି ଲଗାଇଥିଲେ। ଅନ୍ୟପକ୍ଷରେ ଯାତ୍ରାର ମୁଖ୍ୟ ଆକର୍ଷଣ କୁହାଯାଉଥିବା ବେଶଧାରୀଙ୍କୁ ବହୁ ସଂଖ୍ୟାରେ ଦେଖିବାକୁ ମିଳିଥିଲା। ବିଭିନ୍ନ ଦେବଦେବୀଙ୍କ ସମେତ ବାଘ, ଷଡଗାଜିଆ, ପିଲାଖାଇ ଡାହାଣୀ, ରାଧା, କୃଷ୍ଣ ଆଦି ବେଶରେ ସଜ୍ଜିତ ହୋଇ ବୁଲୁଥିଲେ ମାନସିକଧାରୀ। ଯାତ୍ରାର ଅନ୍ୟତମ ଆକର୍ଷଣ କୁହାଯାଉଥିବା ମୀନା ବଜାରରେ ମଧ୍ୟ ନାହିଁ ନଥିବା ଭିଡ ପରିଲକ୍ଷିତ ହୋଇଥିଲା। ବିଭିନ୍ନ ଷ୍ଟଲରେ ଘରକରଣା ସାମଗ୍ରୀ ସାଙ୍ଗକୁ, ପିଲାଙ୍କ ଖେଳନା ଏବଂ ବିଭିନ୍ନ ବ୍ୟଞ୍ଜନର ଖାଦ୍ୟ ପସରା ପଡିଥିବା ଦେଖିବାକୁ ମିଳିଥିଲା। ଗତକାଲି ମା'ଙ୍କ ଘଟ ପରିକ୍ରମା ବେଳେ ତିନୋଟି ରଥ ଉନ୍ମୋଚିତ ହୋଇଥିଲା। ଆଗକୁ ବିଭିନ୍ନ ସାହିରେ ହୋଇଥିବା ବହୁ ବହୁ ରଥ ଓ କଳାକୁଞ୍ଜ ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି।





## ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧୋତ୍ସବ ପାଳିତ

# 'ବିଜୁବାବୁଙ୍କ ହୃଦୟ ଥିଲା ବିଶାଳ, ବ୍ୟକ୍ତିତ୍ୱ ଥିଲା ମହାନ୍'

**ଆସିକା,୧୭/୪/ଏନ୍ଏନ୍ଏସ୍:** ଯାହାଙ୍କ ନାଁ ନେଲେ ସ୍ୱତଃ ମନରେ ଆବେଗ ଚାଲିଆସେ ଓ ବ୍ୟଗ୍ରତା ବଢିଯାଏ, ସେଭଳି ଏକ ବ୍ୟକ୍ତିତ୍ୱ ଥିଲେ ଓଡିଶାର ମୁକୁଟ ବିହୀନ ସମ୍ରାଟ ବିଜୁ ପଟ୍ଟନାୟକ । ସେ ଅନ୍ତରର ସହ ଓଡ଼ିଆ ଜାତି ପାଇଁ କାର୍ଯ୍ୟ କରୁଥିଲେ । ତାଙ୍କର ହୃଦୟ ଥିଲା ବିଶାଳ ଓ ବ୍ୟକ୍ତିତ୍ୱ ଥିଲା ମହାନ୍ । ଓଡ଼ିଆ ଜାତିକୁ ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ସାଲିସ୍ ବିହୀନ ସଂଗ୍ରାମ ଜାରି ରଖିବା ସହ ଶିଳ୍ପର ବିକାଶ ଲାଗି ପାରଦ୍ୱୀପ ବନ୍ଦର ସ୍ଥାପନ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ସ୍ଥାପନ, ମହିଳାଙ୍କୁ ଅଗ୍ରାଧିକାର ଦେବା ଭଳି ବହୁ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ ବୋଲି ବହୁ ଦଳୀୟ ନେତା ପ୍ରକାଶ କରିଥିଲେ। ଆସିକା ବିଜୁ ଜନତା ଦଳ ପକ୍ଷରୁ ଗୁରବାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ଶ୍ରାଦ୍ଧସୋବ ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗଦେଇ ନେତାମାନେ ଏହା କହିଥିଲେ। ଜିଲ୍ଲା ପରିଷଦ ସଦସ୍ୟ ବି.ମନୋଜ କୁମାର ଦୋରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଆସିକା ସାଂସଦ ପ୍ରମିଳା ବିଷୋୟୀ, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜୋନ୍ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଭବାନୀ ଶଙ୍କର ମଲିକ ଓ ଦିଲୀପ କୁମାର ପାଣିଗ୍ରାହୀ, ବରିଷ୍ଠ ବିଜେଡି ନେତା ଜିତେନ୍ଦ୍ର କୁମାର ବିଷୋୟୀ, ସନ୍ତୋଷ କୁମାର ନାୟକ, ରବିନ୍ଦ୍ର କୁମାର ସାମଲ, ରଂଜନ ବିଷୋୟୀ, ବିଜେଡି ନେତ୍ରୀ ଏମ୍.ରଶ୍ମିତା ସେନାପତି ପ୍ରମୁଖ ଯୋଗଦେଇ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ସଂଗ୍ରାମମୟ ଜୀବନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ସେ ଥିଲେ ମୁକୁଟବିହୀନ ସମ୍ରାଟ, ଓଡିଶା ମାଟିର ଭାଗୀରଥ ଓ କୋଟି ଓଡିଆଙ୍କ ହୃଦୟ ଜିଣିଥିବା ସ୍ୱପ୍ନଦ୍ରଷ୍ଟା ମଣିଷ ଥିଲେ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡି ନେତା ଜୟସେନ ସ୍ୱାଇଁ, ଜିତେନ୍ଦ୍ର କୁମାର ମହାରଣା, ନିଗମାନନ୍ଦ ରାଉତ, ପ୍ରତାପ ଚନ୍ଦ୍ର ପ୍ରଧାନ, କିଶୋର ପ୍ରଧାନ, ମନୋଜ ପରିଡା, ଭରତ ନାହାକ, ରାଜେନ୍ଦ୍ର ବେହେରା, ମୁନା ବାରିକ, ମନୋରଂଜନ ନାହାକ, ସନାତନ ବିଶ୍ୱାଳ, ପ୍ରଣବ ପାଢୀ, କେ.ରବିନ୍ କୁମାର ପାତ୍ର, ନିଳାଞ୍ଚଳ ମହାରଣା, ଉଦିତ୍ ପାଢୀ, ଆକାଶ ସ୍ୱାଇଁ, ଦେବାଶିଷ ପଣ୍ଡା, ସତ୍ୟନାରାୟଣ ସାମନ୍ତରା, ବିମଳ ପ୍ରଧାନ, କୈଳାଶ ଚନ୍ଦ୍ର ପ୍ରଧାନ, କାହ୍ନୁ ଚରଣ ଦଳେଇ, ଟୁଟୁ ବିଷୋୟୀ, ଜୟନ୍ତୀ ବେହେରା, ତ୍ରିନାଥ ବେହେରାଙ୍କ ସମେତ ଦଳର ବହୁ ଦଳୀୟ ନେତା ଓ କର୍ମୀ ସାମିଲ ହୋଇଥିଲେ। ପବିତ୍ର ଋଷିକୁଲ୍ୟ ଓ ବଡନଦୀର ସଙ୍ଗମସ୍ଥଳରେ ପୁରୋହିତଙ୍କ ମନ୍ତ୍ରୋଚାରଣ ମଧ୍ୟରେ ତିଳତର୍ପଣ ସାଙ୍ଗକୁ ବିଜୁ ପଟ୍ଟନାୟକ ଛକରେ ଥିବା ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହି ଅବସରର ବିଜୁ ବାବୁଙ୍କ ଆଦର୍ଶରେ ଓଡିଶାର ସମୃଦ୍ଧି ଓ ଆଗାମୀର ଆହ୍ୱାନ ସଂପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।



## ବୁଗୁଡ଼ାରେ ବିଜୁବାବୁଙ୍କ ତିରୋଧାନ ଦିବସ



**ବୁଗୁଡ଼ା,୧୭/୪/ଏନ୍ଏନ୍ଏସ୍:** ସ୍ଥାନୀୟ ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଏ ଅବସରରେ ବ୍ଲକ କାର୍ଯ୍ୟାଳୟ ଏବଂ ନୂଆଁ ବସଷ୍ଟାଣ୍ଡ ପରିସରସ୍ଥ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ବିଚାରଧାରା, ତ୍ୟାଗ , ସେବା , ସଂଗ୍ରାମ ଓ ସ୍ୱାଭିମାନରେ ବ୍ରତୀ ହେବାକୁ ବିଜେଡି ପକ୍ଷରୁ ଶପଥ ଗ୍ରହଣ କରାଯାଇଥିଲା । ଏଥି ସହ ଅନେକ ଦଳୀୟ ନେତା ଓ କର୍ମୀ ବସଷ୍ଟାଣ୍ଡରୁ ଏକ ଶୋଭାଯାତ୍ରାରେ ବାହାରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେଠାରେ ରୋଗୀଙ୍କୁ ଫଳ ବଣ୍ଟନ କରିଥିଲେ । କାର୍ଯ୍ୟକ୍ରମରେ ପ୍ରାକ୍ତନ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଖଦାଳ ଖଟେଇ, ପୂର୍ବତନ ସରପଞ୍ଚ କବିରାଜ ଗୌଡ, ପ୍ରାକ୍ତନ ସମିତି ସଭ୍ୟ ମକୁନ୍ଦ ନାୟକ, ସରପଞ୍ଚ ସୁଶାନ୍ତ କୁମାର ପ୍ରଧାନ, ଗୋପୀନାଥ ସ୍ୱାଇଁ, ବରୁଣ ସେନାପତି, କେ.ତ୍ରିଲୋଚନ ଦୋରା, ମନୋରଞ୍ଜନ ଦାଶ, ଅମରେନ୍ଦ୍ର ସେନାପତି, ନାରାୟଣ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ଦଳୀୟ କର୍ମକର୍ତ୍ତା ଓ କର୍ମୀ ସାମିଲ୍ ରହିଥିଲେ ।

# ଆଦାନୀ ଫାଉଣ୍ଡେସନ୍ ପକ୍ଷରୁ ବଡ଼ପୁଟି ବିଦ୍ୟାଳୟରେ ପାଠ୍ୟ ଉପକରଣ ବଣ୍ଟନ



**ଛତ୍ରପୁର, ୧୭/୪/ଏନ୍ଏନ୍ଏସ୍:** କାଳିପଲ୍ଲି ପଞ୍ଚାୟତ ସ୍ଥିତ ବଡପୁଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶିକ୍ଷା ଭିତ୍ତିଭୂମିକୁ ଉନ୍ନତ କରିବାର ଲକ୍ଷ୍ୟ ନେଇ ସ୍କୁଲ ଆସବାବ ଉପକରଣ ସାମଗ୍ରୀ ବଣ୍ଟନ କରାଯାଇଛି। ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମୋଟ ୬୦ଟି ଦୁଇ ଆସନ ବିଶିଷ୍ଟ ପାଠ୍ୟ ଟେବୁଲ ସହିତ ଚେୟାର ସ୍କୁଲକୁ ହସ୍ତାନ୍ତର କରାଯାଇଥିଲା । ମୋଟ ୧୨୦ ଛାତ୍ରଛାତ୍ରୀ ଏହାକୁ ବ୍ୟବହାର କରିପାରିବେ ଯାହା ବିଦ୍ୟାଳୟର ମୋଟ ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଟେ। ଗୋପାଳପୁର ବନ୍ଦର ବିଜିନେସ ମୁଖ୍ୟ ସନ୍ଦୀପ ଜୈସୱାଲ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଛତ୍ରପୁର ବ୍ଲକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ରଥଙ୍କ ଉପସ୍ଥିତିରେ ଏହି ସାମଗ୍ରୀ ଗୁଡିକୁ ବଣ୍ଟନ କରିଥିଲେ, ଯାହାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଏହା ସହ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍କୁଲ ବ୍ୟାଗ ମଧ୍ୟ ବଣ୍ଟନ କରାଯାଇଛି। ଦୀର୍ଘ ଦିନ ହେବ ଏହି ସ୍କୁଲରେ କୌଣସି ବେଞ୍ଚ ଓ ଡ଼େସ୍କ ନଥିବା ହେତୁ ପିଲାମାନେ ଶ୍ରେଣୀ ଗୃହରେ ପାଠ ପଢିବା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିଲେ। ବିଦ୍ୟାଳୟ କମିଟି ଓ ସରପଞ୍ଚଙ୍କ ଅନୁରୋଧକ୍ରମେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଏହି ଫର୍ଣ୍ଣିଚର ଗୁଡିକୁ ଯୋଗାଇ ଦିଆଯାଇଛି। ଶ୍ରେଣୀଗୃହରେ ନୂତନ ବେଞ୍ଚ ଓ ଡ଼େସ୍କରେ ବସି ପାଠ ପଢିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନେକ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ଶ୍ରୀ ଜୈସୱାଲ କହିଥିଲେ ଯେ ଶିକ୍ଷା ହେଉଛି ସମୃଦ୍ଧିର ମୂଳଦୁଆ ଏବଂ ଆମର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକୁ ସହଯୋଗ କରି ଆମର ଭବିଷ୍ୟତ ପିଢ଼ି ପାଇଁ ଏକ ଦୃଢ଼ ଭିତ୍ତିଭୂମି ନିର୍ମାଣ କରିବା ଆଦାନୀ ଫାଉଣ୍ଡେସନର ମୂଳ ଲକ୍ଷ୍ୟ ଅଟେ । ଛାତ୍ରଛାତ୍ରୀଙ୍କୁ ଉତ୍ତମ ପାଠ୍ୟ ସୁବିଧା ଯୋଗାଇବା ସହ ସେମାନଙ୍କୁ ସଶକ୍ତ କରିବା ପାଇଁ ଆବଶ୍ୟକ ସମ୍ବଳ ନିଶ୍ଚିତ କରିବା ପ୍ରତି ଆମେ ସର୍ବଦା ବଦ୍ଧପରିକର। ଗୋପାଳପୁର ବନ୍ଦରର ପାର୍ଶ୍ୱବର୍ତ୍ତୀ ପଞ୍ଚାୟତ ଗୁଡିକରେ ଖୁବ କମ ଦିନ ଭିତରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଅନେକ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ହାତକୁ ନେଇ ଏହାକୁ କାର୍ଯ୍ୟକାରୀ କରିସାରିଛି ଯାହା ଆଦାନୀ ଫାଉଣ୍ଡେସନର ବ୍ୟାପକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଛତ୍ରପୁର ବ୍ଲକର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସଂଯୁକ୍ତା ରଥ କହିଥିଲେ, ଆଦାନୀ ଫାଉଣ୍ଡେସନ ଦ୍ୱାରା ଯୋଗାଇ ଦିଆଯାଇଥିବା ଫର୍ଣ୍ଣିଚରଗୁଡ଼ିକ ଶ୍ରେଣୀ ଗୃହରେ ପାଠ ପଢିବା ପାଇଁ ଏକ ଉତ୍ତମ ବ୍ୟବସ୍ଥା ଅଟେ। ତେଣୁ ସମସ୍ତ ଛାତ୍ରଛାତ୍ରୀ ସମ୍ପୂର୍ଣ୍ଣ ନିଷ୍ଠାର ସହିତ ପାଠ ପଢ଼ନ୍ତୁ ଯାହା ଏହି ବିଦ୍ୟାଳୟକୁ ସହଯୋଗ କରୁଥିବା ପ୍ରତ୍ୟେକ ବ୍ୟକ୍ତି ଏବଂ ସଂସ୍ଥାକୁ ଆନନ୍ଦିତ କରିବ । ବଡପୁଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଜୟଦେବ ବେହେରା କହିଥିଲେ ଯେ ଆଦାନୀ ଫାଉଣ୍ଡେସନର ଏହି ପ୍ରୟାସ ଶ୍ରେଣୀଗୃହର ଶିକ୍ଷା ପରିବେଶକୁ ଉନ୍ନତ କରିବା ସହ ଗ୍ରାମାଞ୍ଚଳରେ ଶିକ୍ଷା ପାଇଁ ଅଧିକ ଅନୁକୂଳ ଏବଂ ଆରାମଦାୟକ ପରିବେଶ ସୃଷ୍ଟି କରିବ। ପିଲାମାନଙ୍କୁ ବିଦ୍ୟାଳୟ ପ୍ରତି ଅଧିକ ଆକୃଷ୍ଟ କରିବ ଯାହା ଶ୍ରେଣୀଗୃହ ଉପସ୍ଥାପନା ବୃଦ୍ଧି କରିବାରେ ମଧ୍ୟ ସହାୟକ ହେବ । ଘରୋଇ ସ୍କୁଲରେ ଥିବା ସୁବିଧା ଭଳି ଆଜି ଆମ ସ୍କୁଲରେ ସୁବିଧା ମିଳିଛି ସେଥିପାଇଁ ଆଦାନୀ ଫାଉଣ୍ଡେସନକୁ ଆମେ ସାଧୁବାଦ ଜଣାଉଛୁ। ଏହି କାର୍ଯ୍ୟକ୍ରମରେ କାଳିପଲ୍ଲି ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଶ୍ରୀ ଚନ୍ଦ୍ରମଣି ପାତ୍ର, , କ୍ରୀଷ୍ଣା ରେଡ୍ଡୀ, ସୋମେୟା ପାତ୍ର, ପି ରଶ୍ମୀତା, ଗୋପାଳପୁର ବନ୍ଦରର ଶିଳ୍ପ ସମ୍ପର୍କ ମୁଖ୍ୟ, ଶ୍ରୀ ଭକ୍ତ ବନ୍ଧୁ ଶତପଥୀ ଏବଂ ସିଏସଆର ବିଭାଗ ମୁଖ୍ୟ ଶ୍ରୀ ଦେବଦତ୍ତ ମିଶ୍ରଙ୍କ ସହ ବହୁ ଶିକ୍ଷକ, ଅଭିଭାବକ ଏବଂ କାଳିପଲ୍ଲି ପଞ୍ଚାୟତର ବହୁ ଲୋକ ଉପସ୍ଥିତ ଥିଲେ।

# ପୁଅର ଚିକିତ୍ସା ପାଇଁ ବିଧବା ମା'ଙ୍କ ଗୁହାରି

**ଫୁଲବାଣୀ,୧୭/୪/ଏନ୍ଏନ୍ଏସ୍:** ପୁଅର ପେଟ ଦିନକୁ ଦିନ ବଢ଼ିବାରେ ଲାଗିଛି। ଚିକିତ୍ସା ପାଇଁ ବିଧବା ମା' ପାଖରେ ଅର୍ଥ ନାହିଁ। ଫଳରେ ବାଧ ହୋଇ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ମା। ସୂଚନା ଅନୁଯାୟୀ, ସଦର ବ୍ଲକ ଅନ୍ତର୍ଗତ ଦଡକି ଗ୍ରାମର ସୁଷମା ଜଣେ ବିଧବା । ଏକମାତ୍ର ପୁଅ ଦୀପୁନର ଶରୀର ଅସୁସ୍ଥ ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଡାକ୍ତର ପରୀକ୍ଷା ପରେ ଶିଶୁଟିର ଥାଲାସେମିଆ ଥିବା କହିଥିଲେ। ଏଥିସହ ତାର ପ୍ଲୀହା ବୃଦ୍ଧି ହୋଇଥିବା ମଧ୍ୟ ଜଣା ପଡିଥିଲା। ଦିନକୁ ଦିନ ପେଟର ଆକାର ବଢିବା ସହ ଯନ୍ତ୍ରଣା ମଧ୍ୟ ବଢିବାରେ ଲାଗିଛି। ଏବେ ଅପରେସନର ଆବଶ୍ୟକତା ଥିବା ଡାକ୍ତର କହୁଛନ୍ତି। ଅସହାୟ ସୁଷମାଙ୍କ ପାଖରେ ଚିକିତ୍ସା ପାଇଁ ଅର୍ଥ ନାହିଁ। ସରକାରୀ ସହାୟତା କହିଲେ କେବଳ ବିଧବା ଭତ୍ତା ମିଳୁଛି, ଯାହାକି ଘର ଚଳାଇବାରେ ସରି ଯାଉଛି। ଦିନ ମଜୁରିଆ ସୁଷମା ପୁଅର ଦେହ ଖରାପ ଯୋଗୁଁ କାମକୁ ମଧ୍ୟ ଯାଇ ପାରୁ ନାହାଁନ୍ତି। ତେଣୁ ବାଧ ହୋଇ ପୁଅର ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କ ନିକଟରେ ନିବେଦନ କରିଛନ୍ତି ସୁଷମା।



# ମେ' ୧୮ରୁ ଲାଞ୍ଜିପଲ୍ଲୀ ତାରାଦେବୀ ଠାକୁରାଣୀ ଯାତ୍ରା

**ବ୍ରହ୍ମପୁର,୧୭।୪/ଏନ୍ଏନ୍ଏସ୍:** ଆସନ୍ତା ମେ ୧୮ ତାରିଖରୁ ଲାଞ୍ଜିପଲ୍ଲୀ ତାରା ଦେବୀ ଠାକୁରାଣୀ ଯାତ୍ରା ଆରମ୍ଭ ହୋଇ ଜୁନ୍ ୭ରେ ଶେଷ ହେବ। ଯାତ୍ରା ପାଇଁ ଚଳିତ ମାସ ୩୦ ତାରିଖରେ ଶୁଭଖୁଣ୍ଟି ସ୍ଥାପନ ହେବ ବୋଲି ତାରାଦେବୀ ମନ୍ଦିର ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ସାବତ କହିଛନ୍ତି, ଯାତ୍ରା ପାଇଁ ବୁଧବାର ସକାଳେ ଗ୍ରାମବାସୀଙ୍କୁ ମାଇକ ଯୋଗେ ସୂଚନା ଦିଆଯାଇଥିଲା। ସନ୍ଧ୍ୟାରେ ପଣ୍ଡିତ ରାଜେନ୍ଦ୍ର ମୋହନ ବ୍ରହ୍ମା, ରାମାନୁଜ ବ୍ରହ୍ମା, ସୀତାରାମ ଶତପଥି ଓ ଗୋପାଳ କୃଷ୍ଣ ପାଢ଼ୀଙ୍କ ଉପସ୍ଥିତିରେ ତାରିଖ ଓ ସମୟ ନିର୍ଘଣ୍ଟ ହୋଇଛି



। ୩୦ ଏପ୍ରିଲରେ ସନ୍ଧ୍ୟା ୬.୫୨ରୁ ୯.୧୦ ମିନିଟ ମଧ୍ୟରେ ଶୁଭଖୁଣ୍ଟି ଆସିବ। ମେ' ୧୮ ରାତ୍ର ୧୦.୩୯ରୁ ମଧ୍ୟରାତ୍ର ୧୨.୪୯ ମଧ୍ୟରେ ମାଆ ମୁଖ୍ୟ ମନ୍ଦିରରୁ ବାହାରି ଅସ୍ଥାୟୀ ମଣ୍ଡପ ବିଜେ କରିବେ। ସେହିପରି ଜୁନ୍ ୭ ତାରିଖ ରାତ୍ର ୧୧.୩୫ରୁ ୧.୩୫ ମଧ୍ୟରେ ଅସ୍ଥାୟୀ ମଣ୍ଡପରୁ ବାହାରି ମୁଖ୍ୟ ମନ୍ଦିରକୁ ଯିବେ। ଏହା ସହ ମାଆଙ୍କ ଦ୍ୱିବାର୍ଷିକ ଯାତ୍ରା ଶେଷ ହେବ। ଆସନ୍ତା ୨୦ ତାରିଖରେ ଯାତ୍ରା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅସ୍ଥାୟୀ ମଣ୍ଡପରେ ଅନୁଷ୍ଠିତ ହେବ ବୋଲି ଏଠାରେ ସୂଚନା ଦିଆଯାଇଥିଲା। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଭାପତି ଭାଗବତ ପ୍ରସାଦ ସିଂଦେଓ, ସମ୍ପାଦକ ବି. ହୃଷିକେଶ ପାତ୍ର, ସାଂଗଠନିକ ସମ୍ପାଦକ କାହ୍ନୁ ଚରଣ ଚୌଧୁରୀ, କର୍ପୋରେଟର ସୋନାଲୀ ଗନ୍ତାୟତ, ବନିତା ସାହୁ, ସ୍ୱର୍ଣ୍ଣଲତା ସାବତ ପ୍ରମୁଖ ମଞ୍ଚାସୀନ ଥିଲେ।

# ପଡ଼ୋଶୀଙ୍କୁ ଆକ୍ରମଣ ଘଟଣାରେ ବାପା, ପୁଅ ଗିରଫ

**ବ୍ରହ୍ମପୁର,୧୭।୪/ଏନ୍ଏନ୍ଏସ୍:** ହିଞ୍ଜିଳି ଥାନା ରାଳବ ଗ୍ରାମରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୨ ପଡୋଶୀଙ୍କ ମଧ୍ୟରେ ବଚସା ଓ ପରେ ଆକ୍ରମଣ ଘଟିଥିଲା। ଗୋଟିଏ ପରିବାରର ବାପା ଓ ପୁଅଙ୍କ ମିଳିତ ଆକ୍ରମଣରେ ଅନ୍ୟ ଏକ ପରିବାରର ବାପା ଓ ପୁଅ ଗୁରୁତର ଆହତ ହୋଇଥିଲେ। ସଂପୃକ୍ତ ଘଟଣାରେ ହିଞ୍ଜିଳି ପୁଲିସ ଆକ୍ରମଣକାରୀ ବାପା ଓ ପୁଅଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ହିଞ୍ଜିଳି ଥାନା ରାଳବ ଗ୍ରାମ ଦେଉଳ ସାହିର ରାମଚନ୍ଦ୍ର ମୁନି (୫୨) ଓ ତାଙ୍କ ପୁଅ ଅରୁଣ ମୁନି (୨୫)। ସୂଚନା ପ୍ରକାରେ ମଙ୍ଗଳବାର ରାତି ପ୍ରାୟ ସାଢେ ୯ ଘଣ୍ଟା ସମୟରେ ହିଞ୍ଜିଳି ଥାନା ରାଳବ ଗ୍ରାମ ଦେଉଳ ସାହିର ୨ ପଡୋଶୀ ପୂର୍ଣ୍ଣଚନ୍ଦ୍ର ମୁନି ଓ ରାମଚନ୍ଦ୍ର ମୁନିଙ୍କ ମଧ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବଚସା ହୋଇଥିଲା। ପରେ ଉଭୟ ପରିବାରର ୨ ପୁଅ ଘଟଣାରେ ସଂପୃକ୍ତ ହୋଇଥିଲେ। ବଚସା ଉଗ୍ରରୂପ ଧାରଣ କରିବା ପରେ ରାମଚନ୍ଦ୍ର ଓ ତାଙ୍କ ପୁଅ ଅରୁଣ ଘରୁ ଏକ ଶାବଳ ଆଣି ପୂର୍ଣ୍ଣଚନ୍ଦ୍ର ମୁନ (୪୦) ଓ ତାଙ୍କ ପୁଅ ଅମରନାଥ ମୁନି (୧୭)ଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଉଭୟ ବାପା ଓ ପୁଅ ଗୁରୁତର ଆହତ ହୋଇଥିଲେ। ସାହି ପଡୋଶୀ ଆହତ ବାପା ଓ ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ଖବର ପାଇ ହିଞ୍ଜିଳି ପୁଲିସ ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ଆହତଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲା। ପରେ ଘଟଣା ସ୍ଥଳରେ ପହଞ୍ଚି ଆକ୍ରମଣକାରୀ ବାପା ଓ ପୁଅଙ୍କୁ ଗିରଫ କରିବା ସହ ଆକ୍ରମଣରେ ବ୍ୟବହୃତ ଶାବଳକୁ ଜବତ କରିଥିଲା। ଘଟଣା ନେଇ ଗୁରୁତର ଆହତ ପୂର୍ଣ୍ଣଚନ୍ଦ୍ରଙ୍କ ଝିଅ ହିଞ୍ଜିଳି ଥାନାରେ ଏତଲା ଦେବା ପରେ ପୁଲିସ୍ କେସ ନଂ-୩୦୦/୨୫ରେ ଏକ ମାମଲା ରୁଜୁ କରିଥିଲା।

# ବିଜେପି ସକ୍ରିୟ ସଦସ୍ୟ ବୈଠକ




**ଶେରଗଡ,୧୭।୪/ଏନ୍ଏନ୍ଏସ୍:** ସ୍ଥାନୀୟ କଳିଙ୍ଗ ବୈଶ୍ୟ ଭବନ ପରିସରରେ ଆଜି ହିଞ୍ଜିଳି ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଜେପି ସକ୍ରିୟ ସଦସ୍ୟ ସମ୍ମିଳନୀ ଜିଲ୍ଲା ସଭାପତି ବିଜୟ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ବିଜେପି ହିଞ୍ଜିଳି ବିଧାନସଭା ପ୍ରାର୍ଥୀ ଶିଶିର ମିଶ୍ର, ପୂର୍ବତନ ହିଞ୍ଜିଳି ନଗର ସଭାପତି ସନ୍ତୋଷ କୁମାର ପାଣିଗ୍ରାହୀ, ଜିଲ୍ଲା ଉପ ସଭାପତି ମାଧବ ଗୌଡ଼ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କୁମାରପାଣି ସରପଞ୍ଚ ଉଦୟ ନାଥ ପ୍ରଧାନ, ଶିକିରି ମଣ୍ଡଳ ସଭାପତି ମାର୍କଣ୍ଡ ପାଣିଗ୍ରାହୀ, ଗଣ୍ଡଲା ମଣ୍ଡଳ ସଭାପତି ଅଶୋକ ମହାନ୍ତି, ହିଞ୍ଜିଳି ନଗର ସଭାପତି ସୁଧାଂଶୁ ଶେଖର ସାବତ, କଞ୍ଚୁରୁ ମଣ୍ଡଳ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ପିତଳ ମଣ୍ଡଳ ସଭାପତି ବିଜୟ ପ୍ରଧାନ, ଶେରଗଡ଼ ମଣ୍ଡଳ ସଭାପତି ସଞ୍ଜୟ ଜେନା, ଧବଳପୁର ମଣ୍ଡଳ ସଭାପତି ଜିତେନ୍ଦ୍ର ମହାରଣା ପ୍ରମୁଖ ମଞ୍ଚାସିନ ଥିଲେ। ବୈଠକରେ ହିଞ୍ଜିଳି ନିର୍ବାଚନ ମଣ୍ଡଳୀର ସମସ୍ତ ସକ୍ରିୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ସରିଲା ସଂସ୍କୃତ ଶାସ୍ତ୍ରୀ ଶେଷବର୍ଷ ପରୀକ୍ଷା

**ଆସିକା,୧୭।୪/ଏନ୍ଏନ୍ଏସ୍:** ପୁରୀସ୍ଥିତ ଶ୍ରୀ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଅଧିନରେ ପରିଚାଳିତ ଶାସ୍ତ୍ରୀ ଶେଷବର୍ଷ ପରୀକ୍ଷା ସ୍ଥାନୀୟ ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟ ପରିସରରେ ଗୁରବାର ଶୃଙ୍ଖଳିତ ଭାବେ ଶେଷ ହୋଇଛି। ଗତ ୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଶାସ୍ତ୍ରୀ ଶେଷ ବର୍ଷର ଏହି ପରୀକ୍ଷାର ପରୀକ୍ଷାର୍ଥୀ ମାନେ ୭ଟି ବିଷୟରେ ପରୀକ୍ଷା ଦେଇଥିଲେ। ଆସିକା ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟରେ ସମୁଦାୟ ୬୧ ଜଣ ରେଗୁଲାର୍ ଓ ୨ ଜଣ ଏକ୍ସ ରେଗୁଲାର୍ ଏହିଭଳି ୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡିଛି। ଆସିକା ମେକ୍ ମାଇକେଲ୍ ସଂସ୍କୃତ ସ୍ନାତକ ମହାବିଦ୍ୟାଳୟର ଅଧକ୍ଷ ତଥା କେନ୍ଦ୍ର ଅଧିକ୍ଷକ ଅଶ୍ୱିନୀ କୁମାର ଦାସଙ୍କ ନେତୃତ୍ୱରେ ଅଧ୍ୟାପକ ସନାତନ ପଣ୍ଡା, ବାବାନାଥ ମିଶ୍ର, ମନୋରଞ୍ଜନ ସାହୁ, ଶିଶିର କୁମାର ମିଶ୍ର, ଅଧ୍ୟାପିକା କବିତା କୁମାରୀ ଦାସ, କିରାଣୀ ଟୁନା ମହାରଣାଙ୍କ ସମେତ ଶିକ୍ଷା ବିଭାଗରେ ବହୁ ପଦାଧିକାରୀ ପରୀକ୍ଷା ପରିଚାଳନା କରିଥିଲେ। ଶାସ୍ତ୍ରୀ ଶେଷ ବର୍ଷ ପରୀକ୍ଷାରେ ଭଲ ପ୍ରଶ୍ନ ପଡିଥିବାରୁ ପରୀକ୍ଷାର୍ଥୀ ମାନେ ଖୁସି ପ୍ରକଟ କରିଥିବା ପରିଲକ୍ଷିତ ହୋଇଥିଲା। ସଂସ୍କୃତ ଶାସ୍ତ୍ରୀ ଶେଷବର୍ଷ ପରୀକ୍ଷା ଦେବା ପାଇଁ ପରୀକ୍ଷାର୍ଥୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା । ସକାଳ ୮ଘଟିକାରୁ ୧୧ ଘଟିକା ପର୍ଯ୍ୟନ୍ତ ପରୀକ୍ଷା ଚାଲିଥିଲା।

# ପ୍ରବାଦ ପୁରୁଷ ବିଜୁବାବୁଙ୍କ ଜିଲ୍ଲାସ୍ତରୀୟ ଶ୍ରାଦ୍ଧ ଦିବସ



**ଛତ୍ରପୁର,୧୭।୪/ଏନ୍ଏନ୍ଏସ୍:** ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜିଲ୍ଲାସ୍ତରୀୟ ଶ୍ରାଦ୍ଧ ଦିବସ ଜିଲ୍ଲା ସଦର ମହକୁମା ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଏବଂ ସମସ୍ତ ଛାତ୍ର ଛାତ୍ରୀ ଉପସ୍ଥିତ ରହି ବିଜୁ ବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସ୍ମୃତି ଚାରଣ କରିଥିଲେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦକ୍ଷିଣାଞ୍ଚଳ ଉପନିର୍ଦ୍ଦେଶକ ରବି ନାରାୟଣ ବେହେରାଙ୍କ ସଭାପତିତ୍ୱରେ ଏହି ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଆକାଶବାଣୀର ଉଦ୍‌ଘୋଷକ ତଥା ସାମଜସେବୀ ଅରୁଣ କୁମାର ଶତପଥୀ କାର୍ଯ୍ୟକ୍ରମ ପରିଚାଳନା ପୂର୍ବକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି ଜଣାଇଥିଲେ ଯେ, ବିଜୁବାବୁ ବହୁ ପ୍ରତିଭାର ଅଧିକାରୀ ଥିଲେ। ସେ ଏକାଧାରାରେ ଜଣେ ବିଶିଷ୍ଟ ସାମ୍ବାଦିକ, ଜନନାୟକ, ପାଇଲଟ୍, ଶିଳ୍ପ ପ୍ରତିଷ୍ଠାତା ଓ ରାଜନୀତିଜ୍ଞ ବହୁ ପ୍ରତିଭା ଧାରି ବ୍ୟକ୍ତି ଥିଲେ। ଓଡିଶାକୁ ବିଶ୍ୱ ଦରବାରରେ ପରିଚିତ କରାଇବାରେ ତାଙ୍କର ଭୂମିକା ରହିଥିବା କହିଥିଲେ । ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଡ. ଭି. ରାଜେନ୍ଦ୍ର ରାଜୁ କହିଥିଲେ, ବିଜୁ ବାବୁଙ୍କ ବ୍ୟକ୍ତିତ୍ୱ ଜଣେ ସ୍ୱାଧୀନତା ସଂଗ୍ରାମୀ ହିସାବରେ ନୁହେଁ ଜଣେ ସାହସୀ, ଯୁଗଜନ୍ମା, ବିଶିଷ୍ଟ ଜନନାୟକ । ତାଙ୍କର ସାହସିକ ପ୍ରତିଭା ଯୋଗୁଁ ଇଣ୍ଡୋନେସିଆ ସରକାର ତାଙ୍କୁ ଭୂମିପୁତ୍ର ଉପାଧିରେ ଭୂଷିତ କରିଥିଲେ । ନିର୍ଭିକ ହେବା ପାଇଁ ଓ ଜୀବନରେ ସବୁବେଳେ ବଡ ସ୍ୱପ୍ନ ଦେଖିବା ପାଇଁ ସମସ୍ତଙ୍କୁ ସେ ପ୍ରବର୍ତ୍ତାଉଥିଲେ । ପ୍ରତିଭା ଆବାସିକ ମହାବିଦ୍ୟାଳୟର ଅଧକ୍ଷ ଚିନ୍ମୟ କୁମାର ଦାଶ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବିଜୁବାବୁ ସଦାସର୍ବଦା ଓଡିଶାର ଉନ୍ନତି କଥା ଚିନ୍ତା କରୁଥିଲେ । ଓଡିଶାର ନଦୀ ସଂଯୋଗୀକରଣ, ସଡକ ସଂଯୋଗୀକରଣ, ହୀରାକୁଦ ନଦୀବନ୍ଧ, ରାଉରକେଲା ଇସ୍ପାତ କାରଖାନା ଆଦି ତାଙ୍କର ଅବଦାନ ଥିଲା ବୋଲି କହିଥିଲେ। ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ଛତ୍ରପୁର ସମସ୍ତ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅଧକ୍ଷ, ଅଧକ୍ଷା, ଗଣ ମାଧ୍ୟମର ପ୍ରତିନିଧିଗଣ ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଓ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ।

# କେନ୍ଦୁପତ୍ର ତୋଳାଳୀ କର୍ମଚାରୀଙ୍କ ବିକ୍ଷୋଭ



**ଫୁଲବାଣୀ,୧୭।୪/ଏନ୍ଏନ୍ଏସ୍:** ଆଜି ଫୁଲବାଣୀ କେନ୍ଦୁପତ୍ର ଡିଏଫଓ ଙ୍କ କାର୍ଯ୍ୟାଳୟର ସମ୍ମୁଖରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଫୁଲବାଣୀ ଡିଭିଜନ କମିଟି ପକ୍ଷରୁ କେନ୍ଦୁପତ୍ର ତୋଳାଳୀ ଓ ଶ୍ରମିକମାନଙ୍କ ପକ୍ଷରୁ ଡିଏଫ୍ଓଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୦ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। କଲ୍ୟାଣ ପାଇଁ ବଜେଟ ପ୍ରାପ୍ତ ୧୦୦ କୋଟି ଟଙ୍କାରୁ ୫୦ କୋଟି ଟଙ୍କା କାଟି ଦେବା, ସରକାରୀ ଘୋଷଣା ସତ୍ତ୍ୱେ କନ୍ୟା ବିବାହ ସହାୟତା ପ୍ରଦାନରେ ବିଳମ୍ବ, ସର୍ବନିମ୍ନ ମଜୁରୀ ବୃଦ୍ଧି ଗତ ଜୁଲାଇ ମାସରୁ ହୋଇଥିଲେ ମଧ ଦୀର୍ଘ ୯ ମାସ ଅତିବାହିତ ହୋଇଯାଇଥିଲେ ବି ସିଜିନାଲ କର୍ମଚାରୀ ମାନଙ୍କର ମାସିକ ମଜୁରୀ ବୃଦ୍ଧି ହୋଇ ନ ଥିବା ଏବଂ ବନ୍ଧେଇ ଶ୍ରମିକ ମାନଙ୍କର ପିସ୍ ରେଟ୍ ବୃଦ୍ଧି ହୋଇନଥିବା ଭଳି ବିଭିନ୍ନ ଦାବି ରହିଛି । ।ଆଜିର ଏହି ଧାରଣା ଓ ଘେରାଉ କାର୍ଯ୍ୟ କ୍ରମରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ଡିଭିଜନ ସମ୍ପାଦକ ସରୋଜ କର୍ଣ୍ଣ ସଭାପତିତ୍ୱ କରିଥିଲେ। ରାଜ୍ୟ ଉପସଭାପତି ଗୋକୁଳ ମେହେର, ରାଜ୍ୟର ସାଂଗଠନିକ ସମ୍ପାଦକ ସଂଜିତ ମହାନ୍ତି, ମିଡିଆ ସଂଯୋଜକ ଦେବ୍ ଜ୍ୟୋତି ପଟ୍ଟନାୟକ, କୀର୍ତ୍ତନ ବେହେରା, ଲକ୍ଷ୍ମଣ ସାହୁ, କଳାକାର ବେହେରା, ମୁନା ମହାନ୍ତି, ଦଶମଳ ମିଶ୍ର, ରାଧାକାନ୍ତ ପ୍ରଧାନ, ଶ୍ରପତି ମଲ୍ଲିକ, ସନାତନ ଗୌଡ଼, ପିଣ୍ଟୁ ଗୌଡ଼, ରମେଶ ନାୟକ, ବସିଆ କୁଅଁର, ଶିବ ସାହୁ, ଭିକାରୀ ବାରିକ ରବି ବାରିକ, ତ୍ରିନାଥ ସାହୁ, ଟେଣୁ ବଗର୍ତ୍ତି, ପ୍ରେମାନନ୍ଦ ରଣା ଏବଂ ଅନୁସୟା ଦେହୁରୀ, ସମିତା କହଁର, ଇନ୍ଦିରା କହଁର, ସୁବର୍ଣ୍ଣ। ପ୍ରଧାନ, ରଞ୍ଜିତା ମାଝୀ ତୋଳାଳୀ ପ୍ରତିନିଧି ପ୍ରମୁଖ ଧାରଣାରେ ଉଦ୍‌ବୋଧନ ଦେଇଥିଲେ । ଦାବିଗୁଡ଼ିକ ଶୀଘ୍ର ପୂରଣ କରିବା ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏଥିରେ ଅବହେଳା ହେଲେ ତୋଳାଳୀ ଏବଂ ଶ୍ରମିକ ଆଗାମୀ ଦିନରେ ବୃହତ୍ତର ଲଢେଇ ପାଇଁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଥିଲେ। ।

# 'କାୟାକଳ୍ପ' ପୁରସ୍କାର ପାଇଁ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମନୋନୀତ

**ଆସିକା,୧୭।୪/ଏନ୍ଏନ୍ଏସ୍:** ସ୍ୱଚ୍ଛତା ଓ ପରିମଳ ସକାଶେ ୨୦୨୪-୨୫ ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ପାଇବାକୁ ଆସିକା ବ୍ଲକ




ଅନ୍ତର୍ଗତ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଭେଟନଇ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଏବଂ ପଢାଳ (ଜୟପୁର) ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଓ ଗହଙ୍ଗୁ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ମନୋନୀତ ହୋଇଥିବା ଜଣାପଡିଛି । କାୟାକଳ୍ପ ଆୱାର୍ଡ ପାଇବା ପାଇଁ ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ମନୋନୀତ ହୋଇଥିବା ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପୁରସ୍କାର ବାବଦକୁ ୧ ଲକ୍ଷ ଟଙ୍କା ଲେଖାଏଁ ଏବଂ ଗହଙ୍ଗୁ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଭେଟନଇ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ପଢାଳ-ଜୟପୁର ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରକୁ ୫୦ହଜାର ଟଙ୍କା ଲେଖାଏଁ ଅର୍ଥରାଶି ମିଳିବ ବୋଲି ଜଣାପଡିଛି। ସରକାରୀ ଡାକ୍ତରଖାନାକୁ ସଂକ୍ରମଣ ରୋଗମୁକ୍ତ କରିବା ଲକ୍ଷ୍ୟରେ ଏହି କାୟାକଳ୍ପ କାର୍ଯ୍ୟକ୍ରମ ଚାଲୁ ରହିଥିଲା । ଗତ ଜାନୁୟାରୀ ମାସରେ ସ୍ୱାସ୍ଥ୍ୟ ବିଭାଗର ଏକ ପ୍ରତିନିଧି ଦଳ ଆସିକାର ୪ ସରକାରୀ ଡାକ୍ତରଖାନାକୁ ପରିଦର୍ଶନରେ ଆସି ସଫେଇ, ସଫାସୁତରା, ରୋଗୀଙ୍କ ସୁବିଧା ଅସୁବିଧା ସମେତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରି ସନ୍ତୋଷ ପ୍ରକାଶ କରିଥିଲେ। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ରିପୋର୍ଟ ବିଭାଗୀୟ ପଦାଧିକାରୀଙ୍କୁ ପ୍ରଦାନ କରିଥିଲେ । ଆସିକା ବ୍ଲକ ଅନ୍ତର୍ଗତ ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଗହଙ୍ଗୁ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ଭେଟନଇ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର, ପଢାଳ (ଜୟପୁର) ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ପରିସରକୁ ସଫାସୁତରା ଓ ସଂକ୍ରମଣ ମୁକ୍ତ ରଖିବା କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବାଲିସିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମଧୁସୁଦନ ବାରିକ, ଭେଟନଇ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଡାକ୍ତର କ୍ଷେତ୍ରଲାଲ୍ ବେହେରା ଓ ଆୟୁଷ୍ ଡାକ୍ତର ବେବି ସିଲନ୍, ପଢାଳ (ଜୟପୁର) ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଡାକ୍ତର ବାଲାଜୀରାମ ସାହୁ ଓ ଆୟୁଷ୍ ଡାକ୍ତର ଅକ୍ଷୟ କୁମାର ପାଣିଗ୍ରାହୀ, ଗହଙ୍ଗୁ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିରର ଡାକ୍ତର ଶୁଭମ୍ ପାଣିଗ୍ରାହୀ ଓ ଆୟୁଷ୍ ଡାକ୍ତର ମନୋଜ କୁମାର ସ୍ୱାଇଁଙ୍କ ପ୍ରଚେଷ୍ଟାକୁ ବିଭିନ୍ନ ମହଲରେ ଉଚ୍ଚ ପ୍ରଶଂସା କରାଯାଉଛି। କାୟାକଳ୍ପ ପୁରସ୍କାର ପାଇଁ ଆସିକା ଅଞ୍ଚଳର ଚାରି ମେଡିକାଲ୍ ମନୋନୀତ ହେବା ସ୍ଥାନୀୟ ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି।

# ୨ ଫେରାର ଆସାମୀ ଗିରଫ

**ବୁଗୁଡା,୧୭।୪/ଏନ୍ଏନ୍ଏସ୍:** ବୁଗୁଡ଼ା ପୁଲିସ ଆଜି ୨ ଜଣ ଫେରାର ଆସାମୀଙ୍କୁ ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ । ଗିରଫ ଆସାମୀ ଦ୍ୱୟ ହେଲେ ବୁଗୁଡା ଥାନା ଅନ୍ତର୍ଗତ ମାଣିତରା ଗ୍ରାମର ପ୍ରମୋଦ କୁମାର ରାଉତ (୪୨) ଏବଂ ବେତାରସିଂ ଗ୍ରାମର ସୁଶାନ୍ତ ଜେନା ୨୯)। ପୂର୍ବରୁ ପ୍ରମୋଦଙ୍କ ନାମରେ ଜାତିଆଣ ଅଭିଯୋଗ କ୍ରମେ ଏସଟି ନଂ-୬୨/୨୦୧୫ରେ ଏବଂ ସୁଶାନ୍ତଙ୍କ ନାମରେ ହତ୍ୟା ଉଦ୍ୟମ ଅଭିଯୋଗ କ୍ରମେ ଏସଟି ନଂ - ୧୦୬/୨୦୨୧ରେ ମାମଲା ରହିଥିବା ବେଳେ ଉଭୟେ ଫେରାର ରହିଥିଲେ ।

# ଯୁବତୀଙ୍କୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

**ବୁଗୁଡା,୧୭।୪/ଏନ୍ଏନ୍ଏସ୍:** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅଞ୍ଚଳର ଜନୈକା ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗକ୍ରମେ ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଯୁବକ ଜଣକ ହେଲେ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କୁଆନନ୍ଦ ଗ୍ରାମର ଅମିତ କୁମାର ଜେନା (୨୩) । ଏନେଇ ବୁଗୁଡା ଥାନାରେ କେସ୍ ନଂ ୨୪୯/୨୫ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ। ପ୍ରକାଶ ଯେ, ଯୁବତୀ ଜଣକ ଗାଡିରେ ଭଞ୍ଜନଗରର କୌଣସି ଏକ କଲେଜକୁ ଯାଉଥିବା ବେଳେ ଯୁବକ ଜଣକ ବାରମ୍ବାର ପ୍ରେମ ଭିକ୍ଷା କରି ହଇରାଣ କରୁଥିଲା। ଏନେଇ ଯୁବତୀ ଜଣକ ଘରେ ମାଆଙ୍କୁ ଜଣାଇଥିଲା। ତେବେ ଗତ ୧୫ ତାରିଖ ରାତିରେ ମାଆ ଘର ବାହାରେ ବୁଲାବୁଲି କରୁଥିଲେ । ଏହାର ସୁଯୋଗ ନେଇ ପୂର୍ବରୁ ଛକିଥିବା ଅମିତ ଯୁବତୀଙ୍କ ଘର ମଧ୍ୟକୁ ପ୍ରବେଶ କରିଥିଲା। ଯୁବତୀ ଜଣକ ଶୋଇଥିବା ବେଳେ ଅମିତ ତାଙ୍କୁ ଅସଦାଚରଣ କରିଥିଲା। ସେ ନିଦରୁ ଉଠିପଡି ଚିତ୍କାର କରିଥିଲେ। ଚିତ୍କାର ଶୁଣି ପଡୋଶୀ ଘର ଲୋକେ ସେଠାରେ ପହଞ୍ଚି ଅମିତକୁ କାବୁ କରି ପୋଲିସକୁ ଖବର ଦେଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ କେ. ନିଳାଦ୍ରୀ ରେଡି ଘଟଣା ସ୍ଥଳରେ ପହଞ୍ଚି ଯୁବକକୁ ଧରିଥିଲେ। ଏନେଇ ଯୁବତୀଙ୍କ ମାଆ ଅଭିଯୋଗ କରିବା ପରେ ପୁଲିସ ଅମିତକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି।

# ଜନନାୟକ ବିଜୁ ବାବୁଙ୍କ ୨୮ତମ ଶ୍ରାଦ୍ଧ ଦିବସ



**ଛତ୍ରପୁର,୧୭।୪/ଏନ୍ଏନ୍ଏସ୍:** ବିଜୁ ଜନତା ଦଳ ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ପ୍ରବାଦ ବିଜୁ ବାବୁଙ୍କ ୨୮ତମ ଶ୍ରାଦ୍ଧ ଦିବସ ଛତ୍ରପୁରଠାରେ ପୂର୍ବତନ ବିଧାୟକ ସୁବାଷ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ପାଳିତ ହୋଇଯାଇଛି। ବହୁ ବିଜୁ ପ୍ରେମୀଙ୍କ ଉପସ୍ଥିତିରେ ସ୍ଥାନୀୟ ପୁଲିସ ଲାଇନବନ୍ଧ ଠାରେ ତିଳ ତର୍ପଣ କରିବା ପରେ ଲୋୟର ବସଷ୍ଟାଣ୍ଡ ଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏଥିରେ ବିଜେଡି ନେତା ପ୍ରଶାନ୍ତ କୁମାର କର, ବି. ରାଜି ବାବୁ, ରବୀନ୍ଦ୍ର ନାଥ ପଣ୍ଡା, ରାଜୁ ପାତ୍ର, ଗଗନ ସ୍ୱାଇଁ, ଯୁବ ନେତା ସୁଧୀର ପାଢୀ, ଯୁବନେତା ଭବାନୀ ସାହୁ, ସୁରେଶ ଦାଶ, ଲକ୍ଷ୍ମଣ ସେଠୀ, ଛାତ୍ର ନେତା ପ୍ରଶାନ୍ତ କୁମାର ପଣ୍ଡା, ଆଇନଜୀବୀ ଏଲ. ଗୋପୀ, ନାଗେଶ୍ୱର ରାଓ, ଅଟଳ ବିହାରୀ ପଟ୍ଟନାୟକ, କାଉନସିଲର ସନ୍ତୋସି ବେହେରା, ସରପଞ୍ଚ ହୀନା ସେଠୀ, ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ନାହାକ, ସମିତି ସଭ୍ୟ ଏସ୍. ଚକ୍ରପାଣି ରେଡ୍ଡୀ, ପ୍ରଦୋଷ ବେହେରା, ସୋମନାଥ ବେହେରା, ଛାତ୍ର ନେତା ସନ୍ମୁଖ ପଟ୍ଟନାୟକ, ରାଜେଶ ମହାରଣାଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।

# ଆରିୟାନ୍ ପବ୍ଲିକ୍ ସ୍କୁଲରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ୍



**ଆସିକା,୧୭।୪/ଏନ୍ଏନ୍ଏସ୍:** ସମ୍ଭାବ୍ୟ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆସିକା ବ୍ଲକ ଅନ୍ତର୍ଗତ କାଳଷଣ୍ଢପୁର ସ୍ଥିତ ଆରିୟନ୍ ପବ୍ଲିକ ସ୍କୁଲ ପରିସରରେ ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ (ମକ୍‌ଡ୍ରିଲ୍) ଅନୁଷ୍ଠିତ ହୋଇଯାଇଛି । ଆସିକା ଆରିୟନ୍ ପବ୍ଲିକ ସ୍କୁଲର ଅଧକ୍ଷ ସଂଜୟ କୁମାର ପଟ୍ଟନାୟକଙ୍କ ପରାମର୍ଶକ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାମନର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ। ଆସିକା ଅଗ୍ନିଶମ ଅଧିକାରୀ କୈଳାଶ ଚନ୍ଦ୍ର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ମକ୍‌ଡ୍ରିଲ କାର୍ଯ୍ୟକ୍ରମରେ ଆସିକା ଅଗ୍ନିଶମ ବିଭାଗର ମୁଖ୍ୟ ଆଗ୍ନିକ ଅଶୋକ କୁମାର ବାରିକ, ଆଗ୍ନିକ ଗାଡିଚାଳକ ଜଟକିଶୋର ହାତୀ, ଆଗ୍ନିକ ସୁଶାନ୍ତ ବେହେରା, ମାନସ କୁମାର ଦଳେଇ, ଅଲେଖ ଅର୍ପିତ ଅର୍ଜୁନ ପ୍ରଧାନ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ସ୍କୁଲ ପରିସରରେ ଗୋଷ୍ଠୀସ୍ତରୀୟ ସାମୁହିକ ବିପର୍ଯ୍ୟୟ ପ୍ରସ୍ତୁତି ଅଭ୍ୟାସ କରାଯାଇଥିଲା । ଟାୱାର ଲାଇଟ୍, ଯନ୍ତଚାଳିତ କରତ, ଜେନେରେଟର୍, ଷ୍ଟେଚର୍, ମେଗାଫୋନ୍ ଇତ୍ୟାଦିର ବ୍ୟବହାର ସମ୍ବନ୍ଧରେ ଅଭ୍ୟାସ କରାଯାଇଥିଲା । ଅଗ୍ନିଶମ ସେବା ବାହିନୀର କର୍ମଚାରୀ ଭାଗ ନେଇ ଉଦ୍ଧାର କୌଶଳ ପ୍ରଦର୍ଶନ କରିଥିଲେ । ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମରେ ଆସିକା ଆରିୟନ୍ ପବ୍ଲିକ୍ ସ୍କୁଲର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ୮୧ତମ ଦେଶବ୍ୟାପୀ ପାଳିତ ହେଉଛି ଅଗ୍ନିଶମ ସେବା ସପ୍ତାହ । ଗତ ୧୪ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ବେଳେ ଆସନ୍ତା ୨୦ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି । ଆସିକା ଅଗ୍ନିଶମ ସେବା କେନ୍ଦ୍ରର କେନ୍ଦ୍ର ଅଧିକାରୀ କୈଳାଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଆଗ୍ନେୟମାନେ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିଳ୍ପାନୁଷ୍ଠାନର କର୍ମଚାରୀମାନଙ୍କୁ ଅଗ୍ନି ସତର୍କତା ପାଳନ ଓ ଅଗ୍ନିଦାଉରୁ ରକ୍ଷା ନିମନ୍ତେ ସଚେତନ କରିଥିଲେ।

# ବରପୁତ୍ରଙ୍କ ନାମ ଓଡ଼ିଆରେ ଲେଖା ନଯିବାକୁ ନେଇ ଉଦ୍‌ବେଗ



**ବ୍ରହ୍ମପୁର,୧୭।୪/ଏନ୍ଏନ୍ଏସ୍:** ଚଳିତ ବର୍ଷ ଏପ୍ରିଲ ପହିଲାରୁ ଓଡ଼ିଆ ନବ ବର୍ଷ ତଥା ମହା ବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ରାଜ୍ୟ ସରକାର ଓଡ଼ିଆ ପକ୍ଷ ଭାବେ ପାଳନ କରିଛନ୍ତି। ଭିନ୍ନ ଭିନ୍ନ ଦିବସରେ ଓଡ଼ିଆ ଭାଷା, ସଂସ୍କୃତି ଆଦିର ପ୍ରଚାର ପ୍ରସାରରେ ଏହି ପକ୍ଷ ପାଳନ ଶେଷ ହୋଇଛି। କିନ୍ତୁ ଗଞ୍ଜାମ ଜିଲ୍ଲା ଛତ୍ରପୁର ସଦର ମହକୁମାରେ ମୁଖ୍ୟରାସ୍ତାରେ ସ୍ଥାପନ କରାଯାଇଥିବା ଓଡ଼ିଆ ବରପୁତ୍ର ତଥା ମହାମନୀଷୀଙ୍କ ପ୍ରତିମୂର୍ତ୍ତି ଅତ୍ୟନ୍ତ ଅସମ୍ମାନ ପ୍ରଦର୍ଶନ କରାଯାଉଥିବା ନେଇ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ଅସନ୍ତୋଷ ଜାହିର କରାଯାଇଛି। ଇଂରାଜୀ ଭାଷାରେ ଉକ୍ତ ମହାମନୀଷୀଙ୍କ ପରିଚୟ ଲେଖାଯିବାକୁ ବିରୋଧ କରିଛି ସମିତି। ବାରମ୍ବାର ଦୀର୍ଘ ବର୍ଷରୁ ଦାବି ସତ୍ତ୍ୱେ ମହାମନୀଷୀମାନଙ୍କ ପ୍ରତିମୂର୍ତ୍ତିକୁ ଗୋଟିଏ ଗୋଟିଏ ଲମ୍ବା ବେଞ୍ଚରେ ବସିବା ମୁଦ୍ରାରେ ସ୍ଥାପନ କରାଯାଇଛି । ଫଳରେ କିଛି ଲୋକ ଅତ୍ୟନ୍ତ ଅବିବେକି ଭାବେ ପ୍ରତିମୂର୍ତ୍ତି ପାର୍ଶ୍ୱରେ ବସିବା, ପ୍ରତିମୂର୍ତ୍ତି ଉପରେ ହାତ ପକାଇ ଅତ୍ୟନ୍ତ ବେଖାତିର ଭାବେ ବସିବା ଆଦି ଦୈନିକ ଦୃଷ୍ଟି ଗୋଚର ହେଉଛି। ଫଳରେ ଉକ୍ତ ମହାମନୀଷୀ ମାନଙ୍କ ପ୍ରତି ଏହା ଅସମ୍ମାନ ବୋଲି ଆବାହକ ଅବନୀ କୁମାର ଗୟା କହିଛନ୍ତି । ପ୍ରତିମୂର୍ତ୍ତି ଗୁଡିକୁ ସଠିକ ମୁଦ୍ରାରେ ସ୍ଥାପନ କରିବା ସହିତ ପରିଚୟକୁ ଓଡ଼ିଆ ଭାଷାର ଲେଖିବାକୁ ଦାବି କରିଛି ସମିତି। ଧୁମଧାମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ବରପୁତ୍ରଙ୍କ ସ୍ମୃତିଚାରଣ, ସାରସ୍ୱତ ସାହିତ୍ୟିକ ସମାବେଶ ଆୟୋଜନ କରି ଓଡ଼ିଆ ପକ୍ଷ-୨୦୨୫କୁ ସମାପନ କରାଯାଇଛି । ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପୂଜ୍ୟ ପୂଜା ସମିତି ପକ୍ଷରୁ ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିପ୍ରତି ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

**ନିତି ଭାରତୀ**


ଈଶ୍ୱରଙ୍କୁ ଯଦି ଆମେ ନିଜର ହୃଦୟ ଭିତରେ ବା ଲୋକମାନଙ୍କ ଭିତରେ ଦେଖିବାକୁ ପାଉନାହେଁ, ତା'ହେଲେ ତାଙ୍କୁ ଖୋଜିବାକୁ ଆଉ କେଉଁଠିକୁ ଯାଇ ପାରିବା ?

– ସ୍ୱାମୀ ବିବେକାନନ୍ଦ

ନିତିଦିନ NITIDIN
ଶୁକ୍ରବାର, ୧୮ ଏପ୍ରିଲ୍, ୨୦୨୫

# ଧାନ କ୍ଷେତର ଅବାଞ୍ଛିତ ନିଆଁ

ଜଙ୍ଗଲରେ ନିଆଁ ଲାଗିବା ଧାରାବାହିକ ଭାବେ ଦୃଶ୍ୟ ହୁଏ, ଯାହା ସମୟେ ସମୟେ ଭୟଙ୍କର ରୂପ ଧାରଣ କରି ସବୁଜିମାକୁ ଛାରଖାର କରିବା ସହିତ ମାନବ ସଭ୍ୟତାକୁ କ୍ଷତି ପହଞ୍ଚାଉଥିବା ଦେଖାଯାଏ। କିନ୍ତୁ ଏବେ ଧାନ ବିଲରେ ନିଆଁ ନୂଆ ନୂଆ ଓଡ଼ିଶାରେ ଦୃଶ୍ୟ ହେଉଛି। ଓଡ଼ିଶାରେ ଜଳସେଚନ ସୁବ୍ୟବସ୍ଥିତ ନଥିବାରୁ ଚାଷୀମାନେ ମୁଖ୍ୟତଃ ଧାନ ଚାଷକୁ ପ୍ରାଧାନ୍ୟ ଦେଇ କୃଷି କାର୍ଯ୍ୟ କରନ୍ତି। କିଛି ବର୍ଷ ପୂର୍ବରୁ, ଯେ ପର୍ଯ୍ୟନ୍ତ ଟ୍ରାକ୍ଟର ବହୁଳ ଭାବେ ଚାଷ କାର୍ଯ୍ୟରେ ବ୍ୟବହାର ହେଉ ନଥିଲା, ଚାଷୀ ଧାନ କାଟି ଧାନ ବିଡ଼ାଗୁଡ଼ିକୁ ନିଜ ବାଡ଼ିକୁ ଆଣି ବେଙ୍ଗଳା ପକେଇବା ପ୍ରସ୍ତୁତି କରୁଥିଲା। ହେଲେ ବର୍ତ୍ତମାନ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ସରକାରଙ୍କ ବିଭିନ୍ନ ସାମାଜିକ ସୁରକ୍ଷା ଯୋଜନା ପ୍ରଚଳନ ହେବା ସହିତ ନଡ଼ା ଛପର ଘର, ଗୋପାଳନ, ବାଡ଼ି ପଛପାଖ ବେଙ୍ଗଳା, ପାଳ ଓ ନଡ଼ାଗଦା ଇତ୍ୟାଦି ଦୃଶ୍ୟ ହେଉନାହିଁ। ପାଳ, ନଡ଼ା ଇତ୍ୟାଦି ଆବଶ୍ୟକ ହେଉ ନଥିବାରୁ ଆଜିକାଲି ଏଗୁଡ଼ିକ ଅଦରକାରୀ ଭାବି ନିଜ କ୍ଷେତରେ ଛାଡ଼ିଦେଇ ଚାଷୀ ଅମଳ ପରେ ଚାଲି ଆସୁଥିବା ଦେଖାଯାଉଛି। କିନ୍ତୁ



ମାନସ ରଞ୍ଜନ ଶତପଥୀ

ଚିନ୍ତାର ବିଷୟ ଯେ ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ମଧ୍ୟ ଧାନ କ୍ଷେତରେ ପାଳ, ନଡ଼ା ଇତ୍ୟାଦିରେ ଅଗ୍ନି ସଂଯୋଗ ଆରମ୍ଭ ହେଲାଣି, ଯାହା ପ୍ରଦୂଷଣର ମାତ୍ରାକୁ ବିଶେଷ ରୂପରେ ବୃଦ୍ଧି କରାଇବାରେ ସହାୟକ ସାବ୍ୟସ୍ତ ହୁଏ। ସାମାଜିକ କର୍ମୀମାନେ ଜନସାଧାରଣଙ୍କୁ ସତର୍କ କରାଇବାରେ ବିଫଳ ହେବା ପରେ ବାୟୁମଣ୍ଡଳ ଓ ଜାଗତିକ ହିତ ଦୃଷ୍ଟିରୁ ସୁପ୍ରିମ୍‌କୋର୍ଟ ଅନେକ ସମୟରେ ବାଧ୍ୟହୋଇ ପ୍ରଦୂଷଣ ରୋକିବା ଉଦ୍ଦେଶ୍ୟରେ ହସ୍ତକ୍ଷେପ କରିଛନ୍ତି। ହେଲେ ଏପରି ଅଭୂତପୂର୍ବ କାର୍ଯ୍ୟକଳାପ ଅଧୁନା ଓଡ଼ିଶାରେ ଜିଲ୍ଲାକୁ ଜିଲ୍ଲା ବ୍ୟାଧି ଭଳି ବ୍ୟାପିବାରେ ଲାଗିଲାଣି। ପଞ୍ଜାବ, ଉତ୍ତରପ୍ରଦେଶ, ହରିୟାନା ଭଳି ଓଡ଼ିଶା ଚାଷୀଙ୍କ ଅଜ୍ଞତା ଓ ଧୃଷ୍ଟତା କାରଣରୁ ସମଗ୍ର ଓଡ଼ିଶାର ବାୟୁମଣ୍ଡଳ ନିକଟ ଭବିଷ୍ୟତରେ ଧୂଆଁମୟ ହେବା ଅସ୍ୱୀକାର କରିହେବ ନାହିଁ।

ଜାତୀୟ ଓ ଆନ୍ତର୍ଜାତିକ ଦୃଷ୍ଟିକୋଣରୁ ଯଦିଓ ଏହା ନୂଆ ନୁହେଁ, ଓଡ଼ିଶାର ଅପେକ୍ଷାକୃତ ସନ୍ତୁଳିତ ବାୟୁମଣ୍ଡଳକୁ ଆହୁରି ପ୍ରଦୂଷିତ କରିବାରେ ଏତାଦୃଶ କାର୍ଯ୍ୟ ଖୋରାକ ଯୋଗାଇବା ଆରମ୍ଭ କରିଛି। ଗୋଟିଏ ପଟେ ଅବିଚାରିତ ଭାବରେ ବୃକ୍ଷରାଜିର ଧ୍ୱଂସ କରାଯିବା, ସହରୀକରଣ ଓ ମୋଟର ଯାନ ସଂଖ୍ୟାରେ ଅହେତୁକ ବୃଦ୍ଧି, କଳକାରଖାନା ଏବଂ ଯାତାୟାତ ପାଇଁ ସଡ଼କ ନିର୍ମାଣ ହେବା ଫଳରେ ସବୁଜ ବନାନୀ ଦ୍ରୁତ ଗତିରେ ସଂକୁଚିତ ହେବା ବେଳେ ଏପରି ସମସ୍ୟା ବେଢ଼ି ଉପରେ କୋରଡ଼ା ସାଜିବା ନିଶ୍ଚିତ। ନିଜ ଚାଷ ଜମିକୁ ବିନା ଖର୍ଚ୍ଚରେ ଆବର୍ଜନାମୁକ୍ତ କରି ପରବର୍ତ୍ତୀ ଶସ୍ୟ ପାଇଁ ପ୍ରସ୍ତୁତ କରିବା ନିମନ୍ତେ ସହଜ ଉପାୟ ଭାବେ ଏଗୁଡ଼ିକୁ ଅପାଠୁଆ ଚାଷୀ ଭସ୍ମୀଭୂତ କରିବା ଶ୍ରେୟସ୍କର ଭାବନ୍ତି, କିନ୍ତୁ ଏଥିରୁ ନିର୍ଗତ ଧୂଆଁ ଓ ଉତ୍ତାପ କି ପ୍ରକାର କୁପରିଣାମ ଆଣିପାରେ, ସେ ବିଷୟରେ ଚିନ୍ତା କରନ୍ତି ନାହିଁ।

ବୈଜ୍ଞାନିକ ଦୃଷ୍ଟିକୋଣରୁ ଏପରି କାର୍ଯ୍ୟ ଅତ୍ୟନ୍ତ ବାୟୁ ପ୍ରଦୂଷକ ଓ ବିନାଶକ ସବୁଜ ଗୃହ ବାଷ୍ପ, ଯଥା ଅଙ୍ଗାରକାମ୍ଳ ବହୁଳ ପରିମାଣରେ ନିର୍ଗତ କରାଇ ବାୟୁମଣ୍ଡଳକୁ ଦୂଷିତ ହେବାରେ ସହାୟକ ହୋଇଥାଏ। ଏହି ଦହନ ପ୍ରକ୍ରିୟା ଫଳରେ ଉପର ଆକାଶରେ କଳା ଧୂଆଁର ଏକ ଆସ୍ତରଣ ଦୃଶ୍ୟମାନ ହୋଇ ମେଘାଚ୍ଛନ୍ନ ଆକାଶ ସମୟର କଳା ବାଦଲ ଭଳି ଭ୍ରମ ସୃଷ୍ଟି କରେ। ଏଥିରେ ଥିବା ଭାସମାନ କଣିକା ଖଣ୍ଡ (ପିଏମ୍ ୨.୫) ବାୟୁମଣ୍ଡଳରେ ଭାସିବା ଦ୍ୱାରା ଅତି ସୂକ୍ଷ୍ମ ପଦାର୍ଥ ସମୂହ ଫୁସ୍‌ଫୁସ୍‌କୁ ପ୍ରବେଶ କରି ଶ୍ୱାସକ୍ରିୟା ଜନିତ ରୋଗର କାରକ ସାବ୍ୟସ୍ତ ହୋଇଥାନ୍ତି। ଏହା ବ୍ୟତୀତ କାର୍ବନ ମନୋକ୍ସାଇଡ, ସଲଫର ଡାଇଅକ୍ସାଇଡ, ନାଇଟ୍ରୋଜେନ ଅକ୍ସାଇଡ ତଥା ଅସ୍ଥିର ଜୈବିକ ଯୌଗିକ ପଦାର୍ଥ ଭଳି ବିଷାକ୍ତ ବସ୍ତୁ ବାୟୁମଣ୍ଡଳକୁ ଦୂଷିତ କରିଥାଏ ଏବଂ ସାମଗ୍ରିକ ଭାବରେ ମନୁଷ୍ୟର ସ୍ୱାସ୍ଥ୍ୟ ହାନି କରାଏ।

ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଶସ୍ୟ ଉତ୍ପାଦନକାରୀ ରାଷ୍ଟ୍ର ଭାବେ ଭାରତରେ ବର୍ଷକୁ ପ୍ରାୟ ୫୦ କୋଟି ମେଟ୍ରିକ ଟନ୍ ଏପରି କୃଷି ବର୍ଜ୍ୟ ବାହାରୁ ଥିବା ବେଳେ ପ୍ରାୟ ୧୦ କୋଟି ମେଟ୍ରିକ ଟନ୍ ଚାଷ କ୍ଷେତରେ ଅଗ୍ନି ସଂଯୋଗ ଦ୍ୱାରା ଭସ୍ମ ହେଉଛି। ଏପରି ଅଗ୍ନି ସଂଯୋଗ ସାଧାରଣ ଭାବେ ବର୍ଷକେ ଦୁଇ ଥର ହୁଏ- ଉତ୍ତର ଭାରତରେ ଗହମ ଅମଳ ପରେ (ଏପ୍ରିଲରୁ ମେ' ମଧ୍ୟରେ) କିମ୍ବା ଧାନ ଅମଳ ପରବର୍ତ୍ତୀ ଅକ୍ଟୋବରଠାରୁ ନଭେମ୍ବର ମଧ୍ୟରେ। ରାଜଧାନୀ ଦିଲ୍ଲୀରେ ଥିବା ସାଧାରଣ ପ୍ରଦୂଷିତ ବାୟୁମଣ୍ଡଳରେ ପରିବେଷ୍ଟିତ କଣିକା ପଦାର୍ଥର ପରିମାଣ ୫୦-୨୦୦ ମାଇକ୍ରୋଗ୍ରାମ୍ ପ୍ରତି କ୍ୟୁବିକ ମିଟର ହୋଇଥିବା ବେଳେ ଏପରି ଅଗ୍ନି ସଂଯୋଗ ପରବର୍ତ୍ତୀ ଅବସ୍ଥାରେ ୨୦୦-୧୨୦୦ ମାଇକ୍ରୋଗ୍ରାମ୍ ପ୍ରତି କ୍ୟୁବିକ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇବା ପରିଲକ୍ଷିତ ହୁଏ। ବର୍ତ୍ତମାନ ଉତ୍ତର ଭାରତୀୟ ରାଜ୍ୟ ଯଥା ପଞ୍ଜାବ (ଶତକଡ଼ା ୬୪%), ହରିୟାଣା (୧୧%) ଏବଂ ଉତ୍ତରପ୍ରଦେଶ (୫.୭%) ଇତ୍ୟାଦି ରାଜ୍ୟ ଭାରତରେ କୃଷି ବର୍ଜ୍ୟ ଅଗ୍ନି ସଂଯୋଗ ଦ୍ୱାରା ଉତ୍ତାପ ବଢ଼ାଇବାରେ ସହାୟକ ହୋଇଥାନ୍ତି। ଏକ ନିର୍ଦ୍ଦିଷ୍ଟ ସୂଚନା ଅନୁସାରେ, ଅଗ୍ନି ସଂଯୋଗ ଦ୍ୱାରା ୨୦୦୩ରୁ ୨୦୧୯ ମସିହା ମଧ୍ୟରେ ଭାରତରେ ପ୍ରାୟ ୪୪,୦୦୦ରୁ ୯୮,୦୦୦ ପର୍ଯ୍ୟନ୍ତ ଅଧିବାସୀ ଅକାଳ ମୃତ୍ୟୁମୁଖୀ ହୋଇଥିଲେ।

ବାୟୁମଣ୍ଡଳର ହାନି ସହିତ ଏହା ଜୈବମଣ୍ଡଳ ଉପରେ ମଧ୍ୟ କୁଠାରାଘାତ କରିଥାଏ। ଅଗ୍ନି ସଂଯୋଗ ଦ୍ୱାରା କୃଷି ଉପଯୋଗୀ ଜମିର ଜୈବ ବିବିଧତା ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ, ଯାହା ଆବାସସ୍ଥଳୀକୁ ନଷ୍ଟ କରିବା ସହିତ ପରିସଂସ୍ଥାକୁ ବ୍ୟାହତ କରିବାରେ ସହାୟତା ପ୍ରଦାନ କରେ। ଏତଦ୍ ବ୍ୟତୀତ ମୃତ୍ତିକାର ଉର୍ବରତାକୁ ମଧ୍ୟ ନଷ୍ଟ କରିଥାଏ। ମୃତ୍ତିକାରେ ସାନ୍ଦ୍ରତା ଓ ଉର୍ବରତା ବୃଦ୍ଧି କରୁଥିବା ଜିଆ ଅଗ୍ନି ଉତ୍ପନ୍ନ ଅତ୍ୟଧିକ ଉତ୍ତାପ ସହ୍ୟ କରି ନ ପାରି ବିଶେଷ ଆଘାତପ୍ରାପ୍ତ ହୁଏ ଏବଂ ମୃତ୍ୟୁବରଣ କରିଥାଏ ଓ ଜଳିବା ଦ୍ୱାରା ନଡ଼ା ବା ପାଳରେ ଥିବା ଅତ୍ୟାବଶ୍ୟକୀୟ ଉଦ୍ଭିଦ ପୋଷକ ତତ୍ତ୍ୱ ଯଥା ଯବକ୍ଷାରଜାନ, ପୋଟାସିୟମ, ଗନ୍ଧକ, ଜଳୀୟ କଣା ଇତ୍ୟାଦି ନଷ୍ଟ ହୋଇଯାଏ। ଫଳରେ ମୃତ୍ତିକାର ଉର୍ବରତା ହ୍ରାସ ହୋଇଥାଏ। ଏହି ପ୍ରକ୍ରିୟା ମୃତ୍ତିକା ଅଣୁଜୀବ ସଂଖ୍ୟାକୁ ନକାରାତ୍ମକ ଭାବେ ପ୍ରଭାବିତ କରିପାରେ, ଯାହା ପୋଷଣ ଚକ୍ର ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପାଇଁ ଅତ୍ୟାବଶ୍ୟକ। ଅଗ୍ନି ସଂଯୋଗ ଯୋଗୁଁ ଜୈବିକ ପଦାର୍ଥ ଏବଂ ଉଦ୍ଭିଦ ଆଚ୍ଛାଦନ ନଷ୍ଟ ହେବା ଦ୍ୱାରା ମୃତ୍ତିକା କ୍ଷୟ ପ୍ରତି ସମ୍ବେଦନଶୀଳତା ଅଧିକ ବୃଦ୍ଧି ପାଏ।

ଧୂଆଁ ଉତ୍ପତ୍ତି ଏବଂ ଅଗ୍ନି ସଂଯୋଗ ଫଳରେ ସୂକ୍ଷ୍ମ କଣିକା ପଦାର୍ଥ ସଂସ୍ପର୍ଶରେ ଆସିବା ଦ୍ୱାରା ମଣିଷ ଦେହରେ ଆସ୍ଥମା, ବ୍ରୋଙ୍କାଇଟିସ ଏବଂ ଅନ୍ୟାନ୍ୟ ଫୁସ୍‌ଫୁସ୍ ସମ୍ପର୍କିତ ରୋଗ ସମେତ ଶ୍ୱାସକ୍ରିୟା ସମ୍ବନ୍ଧୀୟ ସମସ୍ୟା ଦେଖାଯାଏ। ହୃଦ୍‌ରୋଗ ବିଶେଷଜ୍ଞଙ୍କ ମତରେ ବାୟୁମଣ୍ଡଳରେ ଅତ୍ୟଧିକ କଣିକା ପଦାର୍ଥର ଉପସ୍ଥିତି ଯୋଗୁଁ ହୃତ୍‌ପିଣ୍ଡ ସମ୍ବନ୍ଧୀୟ ସମସ୍ୟା ଆଜିକାଲି ବହୁଳ ପରିମାଣରେ ବୃଦ୍ଧି ହେଉଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ କିମ୍ବା କାର୍ବନ ମନୋକ୍ସାଇଡର ପରିମାଣ ବୃଦ୍ଧି ଦ୍ୱାରା ମୁଣ୍ଡବିନ୍ଧା, ଚକ୍ଷୁ ଜ୍ୱଳନ ଭଳି ସମସ୍ୟା ମଧ୍ୟ ଲାଗି ରହେ।

ପାଠ୍ୟପୁସ୍ତକରେ ଲେଖା ହୋଇଛି, 'କଳ ଲଙ୍ଗଳେ କଲେ ଚାଷ/ ରହିବ ନାହିଁ ବାଲୁଙ୍ଗା ଘାସ।' କିନ୍ତୁ କଳ ଲଙ୍ଗଳ ଏତେ ପରିମାଣରେ ବ୍ୟବହାର ହେବା ଦ୍ୱାରା ଚାଷୀ ବଳଦ କିମ୍ବା ପୋଡୁଅ ନିଜ ଘରେ ରଖିବା ବନ୍ଦ କରି ଦେଲାଣି, ଯାହା ଫଳରେ ନଡ଼ା ବା ପାଳ




ଅଦରକାରୀ ହେବା ସହିତ ଅଧୁନା ଗୋବର ଖତ ମିଳିବା କଷ୍ଟକର। ଜୈବିକ ସାର ଅଭାବରେ କୃତ୍ରିମ ସାର ବ୍ୟବହାର ବୃଦ୍ଧି ଘଟି ଜଳ ପ୍ରଦୂଷଣ ସୃଷ୍ଟି ହେଉଛି। କୃତ୍ରିମ ସାରବିହୀନ ଶସ୍ୟ କିମ୍ବା ପନିପରିବା ସ୍ୱପ୍ନ ହେଉଥିବା ବେଳେ ମଣିଷ 'ଅର୍ଗାନିକ' ଖାଦ୍ୟଗୁଡ଼ିକ ଅତ୍ୟଧିକ ବଜାର ଦରରେ କ୍ରୟ କରିବାରେ ବ୍ୟସ୍ତ। ଏପରି କଳକବ୍‌ଜା ଉପଯୋଗ ଯଦି ନିୟନ୍ତ୍ରଣାଧୀନ ନ ହୁଏ, ମଣିଷ ପରିବେଶକୁ ଅସନ୍ତୁଳିତ କରିବା ସହିତ ଗୁଡ଼ାଏ ସହଜ ରୋଗ କିଣି ଡାକ୍ତରଖାନାକୁ ଦୌଡ଼ି କଷ୍ଟ ଉପାର୍ଜନ ସହିତ ଅର୍ଥ ଧ୍ୱଂସ କରିବା ସାର ହେବ। ବର୍ତ୍ତମାନ ମଣିଷର ଜନବସତି ଉଭୟ ପାର୍ଶ୍ୱରେ ଅଗ୍ନି ସଂଯୋଗୀକରଣ ହେଉଥିବା ଦେଖା ଯାଉଛି। ଗ୍ରୀଷ୍ମ ସମୟ ଆସିବା ପୂର୍ବରୁ ଧାନ କ୍ଷେତରେ ନିଆଁ ଦେଖାଯିବା ବେଳେ ଗ୍ରୀଷ୍ମ ଆଗମନରେ ବଣ ଜଙ୍ଗଲ, ପାହାଡ଼ ପର୍ବତରେ ନିଆଁ ସାଧାରଣ କଥା ହେବାରେ ଲାଗିଲାଣି।

ପରିବେଶ ଅସନ୍ତୁଳିତ ହୋଇ ସବୁଜ ଗୃହ ପ୍ରଭାବରୁ ଆକାଶ ନିଆଁ ବର୍ଷା କରୁଥିବା ବେଳେ ଜଙ୍ଗଲ କିମ୍ବା ଚାଷ କ୍ଷେତରେ ନିଆଁ ଲଗାଇବା କେତେଦୂର ସମୀଚୀନ, ତାହା ବିଚାର କରିବା କଥା। ଅଗ୍ନି ନିହାତି ପକ୍ଷେ ମନୁଷ୍ୟ ପାଇଁ ଆବଶ୍ୟକ। କିନ୍ତୁ ଏପରି ଅନିୟନ୍ତ୍ରିତ ଓ ଅବାଞ୍ଛିତ ନିଆଁ ମନୁଷ୍ୟର ସ୍ୱାସ୍ଥ୍ୟ, ଚଳଣି, ପରିବେଶ ତଥା ଧନଜୀବନ ପ୍ରତି ବହୁ କ୍ଷତିକାରକ- ଏହା ସମସ୍ତେ ଉପଲବ୍ଧି କରିବା ଆବଶ୍ୟକ। ଏପରି ନହେଲେ ଅଗ୍ନିଦ୍ୱାରା ପ୍ରକୃତି ଅସନ୍ତୁଳିତ ହେବା ସଙ୍ଗେ ସଙ୍ଗେ ଅଧିକାଂଶ ଜନଜୀବନ ଅକାଳରେ ମୃତ୍ୟୁବରଣ କରିବା ସୁନିଶ୍ଚିତ। ଅଗ୍ନି ସଂଯୋଗ କରିବା ପରିବର୍ତ୍ତେ ଏପରି କୃଷି ବର୍ଜ୍ୟ ବସ୍ତୁଗୁଡ଼ିକୁ ଅତ୍ୟାଧୁନିକ ବୈଜ୍ଞାନିକ ପଦ୍ଧତିରେ କମ୍ପୋଷ୍ଟ କରାଯାଇ ଚାଷ ଜମିରେ ଜୈବିକ ସାର ଆକାରରେ ବ୍ୟବହାର କରାଯିବା ନଚେତ୍ ଗୋ ଖାଦ୍ୟ, ଛତୁ ଚାଷ ଇତ୍ୟାଦିରେ ବ୍ୟବହାର ହେଲେ ପରିବେଶ ଜନିତ ବିଭିନ୍ନ ସମସ୍ୟା ଏଡ଼ାଇ ଦିଆଯାଇ ପାରନ୍ତା। ଅପର ପକ୍ଷେ, କଡ଼ା ଆଇନ ସରକାରୀ ସ୍ତରରେ ପ୍ରବର୍ତ୍ତନ ହୋଇ ପାରିଲେ ଚାଷୀମାନେ ଅନ୍ତତଃ ଅର୍ଥ ଦଣ୍ଡ ଭୟରେ ଏପରି କାର୍ଯ୍ୟରୁ ନିବୃତ୍ତ ରହି ପାରନ୍ତେ। ଏଭଳି ପରିସ୍ଥିତିରୁ ରକ୍ଷା ପାଇବା ନିମନ୍ତେ ରାଜ୍ୟ ଓ ସ୍ଥାନ ବିଶେଷରେ ପ୍ରାୟ ୫୦୦୦ଠାରୁ ୩୦,୦୦୦ ଟଙ୍କା ଅର୍ଥ ଦଣ୍ଡ ଆଦାୟ କରାଯାଉଛି ଏବଂ ଏହାକୁ ବାୟୁ (ପ୍ରତିରୋଧ ଏବଂ ପ୍ରଦୂଷଣ ନିୟନ୍ତ୍ରଣ) ଆଇନ,୧୯୮୧ ଅନୁଯାୟୀ ଧର୍ତ୍ତବ୍ୟ ଅପରାଧ ଘୋଷିତ କରାଯାଇଛି। କ୍ରମବର୍ଦ୍ଧିଷ୍ଣୁ ଅନିବାର୍ଯ୍ୟ ସହରୀକରଣ ଓ ଅନ୍ୟାନ୍ୟ ବିଭିନ୍ନ କାରଣ ଯୋଗୁଁ ପରିବେଶ ପ୍ରଦୂଷଣର ମାତ୍ରା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଧାନ କ୍ଷେତରେ ନିଆଁ ଏକ ନୂତନ ଉପାଦାନ ଭାବେ ଯୋଡ଼ିହୋଇ ବାୟୁମଣ୍ଡଳର ପରିସ୍ଥିତିକୁ ସଙ୍ଗୀନ କରିବାକୁ ଆଗେଇ ଆସିଛି। ତେଣୁ ଆମ ରାଜ୍ୟରେ ଏବେଠାରୁ ସରକାରୀ ଓ ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ସ୍ତରରେ ଏହାକୁ ପ୍ରତିହତ କରିବାର ଉଦ୍ୟମ ଆରମ୍ଭ ହେବା ଉଚିତ, ନଚେତ୍ ପରିଣାମ ଆଗାମୀ ବର୍ଷମାନଙ୍କରେ ପ୍ରତ୍ୟେକ ଓଡ଼ିଆଙ୍କୁ ନିଶ୍ଚିତ ଭାବରେ ଭୋଗିବାକୁ ପଡ଼ିବ। ■

ଅଧ୍ୟକ୍ଷ, ମଡେଲ ଡିଗ୍ରୀ କଲେଜ, ନୟାଗଡ଼
ମୋ: ୯୪୩୭୪୭୯୦୪୫

# ବାଳର ଛାଳ

'ବାଳ'- ଏହି ଶବ୍ଦଟି ପଢ଼ୁ ପଢ଼ୁ ଅନେକେ ନାକ ଟେକି ସାରିବେଣି। ଯେମିତି ନାକ ଟେକିଥିଲେ ଓଡ଼ିଶା ବିଧାନସଭାର ସଭ୍ୟମାନେ କାହିଁ କେତେ ବର୍ଷ ତଳେ। ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ଆରମ୍ଭରେ ଓଡ଼ିଶା ବିଧାନସଭା ଗୃହରେ ପଣ୍ଡିତ ଗୋଦାବରୀଶ ମିଶ୍ର ଏହି ଶବ୍ଦଟି ଉଚ୍ଚାରଣ କରିଥିବାରୁ ସାରା ଗୃହରେ ଗଭୀର ଆଲୋଡ଼ନ ସୃଷ୍ଟି ହୋଇଥିଲା। ଏଭଳି ଅସାମ୍ବିଧାନିକ (ଅନପାର୍ଲିଆମେଣ୍ଟାରୀ) ଶବ୍ଦ ବିଧାନସଭାର ମର୍ଯ୍ୟାଦା



ଅଲେଖ ଚନ୍ଦ୍ର ମିଶ୍ର

ବିରୋଧୀ ବୋଲି ଅନେକ ସଭ୍ୟ ଆପତ୍ତି ଉଠାଇ ଥିଲା ବେଳେ ଶେଷରେ ଏହା ଏକ ସଂସ୍କୃତ ଶବ୍ଦ ବୋଲି ଜଣା ପଡ଼ିଥିଲା। ଭାରତର ଆଦି ଅଭିଧାନ ଭାବରେ ପରିଚିତ ଅମର ସିଂହଙ୍କ ପ୍ରଣୀତ 'ଅମରକୋଷ'ରେ ସ୍ଥାନିତ ଏହି ଶବ୍ଦଟିର କେଶ ଅର୍ଥରେ ବ୍ୟାଖ୍ୟା ଦେଖିବାକୁ ମିଳେ ଯଥା 'ଚିକୁରଃ କୁନ୍ତଳୋ ବାଳଃ କଚଃ କେଶଃ ଶିରୋରୁହଃ।' ବାଳ ଏକ ତୁଚ୍ଛ ଶବ୍ଦ, ହୀନ ପଦାର୍ଥ ଓ ସାମାନ୍ୟ ବସ୍ତୁ ହେଲେ ବି ଆମର ଦୈନନ୍ଦିନ ଜୀବନରେ କଥା କଥାକେ ଆମେ ଏହି ଶବ୍ଦଟିକୁ ବ୍ୟବହାର କରିଥାଉ, ଯେପରି- କମଳଯାକ ବାଳ, ବାଳରେ ଖାତିର ନ କରିବା, ବାଳ ପ୍ରମାଣରେ ଖସିଯିବା (ହେୟାର୍ ବ୍ରେଡଥ୍ ଏସ୍କେପ୍), କୁହୁଡ଼ି କାକର ମାଡ଼ିଆସିଲାଣି ମୋ ପୁଅ/ଝିଅ ଲମ୍ବ ବାଳକୁ, ପାଚିଲା ବାଳରେ ସିନ୍ଦୂର ଘେନିଥା, ବାଳ କାଟିବା, ଜାଆଁବାଳ ପକେଇବା ଇତ୍ୟାଦି। ବେଳେବେଳେ ବାଳର ବିକଳ୍ପ ଭାବରେ କେଶ, ଚୁଟି ବା ଚୁଳ ଶବ୍ଦ ବ୍ୟବହୃତ ହୋଇଥାଏ, କିନ୍ତୁ ଏ ପ୍ରତିଟି ଶବ୍ଦର ମର୍ମ ଅଲଗା। ବାଳ ସାରା ଦେହ ପାଇଁ, କେଶ କେବଳ ମୁଣ୍ଡ ପାଇଁ, ଚୁଟି ମୁଣ୍ଡ ବାଳର ଏକ ଅଂଶ ପାଇଁ ଏବଂ ଚୁଳ କେଶାଗ୍ର ପାଇଁ ପ୍ରଯୁଜ୍ୟ।

ବାଳର ବିଭିନ୍ନ ପ୍ରକାର ଭେଦ ବି ରହିଛି ଯଥା- କୈଶିକ (କେଶ ସମୂହ), ଅଳକ (କୁଞ୍ଚୁକୁଞ୍ଚିଆ), ଚୂର୍ଣ୍ଣ କୁନ୍ତଳ (କଳିକରା ଛୋଟ ବାଳ ବା ବବୁରି), ଭ୍ରମର (ଲଲାଟ ଉପରସ୍ଥିତ ବକ୍ର କେଶ), ଶିଖା (ଚୂଡ଼ାର କେଶପାଶ), ଶିଖଣ୍ଡକ(କାନ ବାଳ), କବରୀ (ବାଳ ଖୋସା), ଧମିଲ୍ଲ (ଜୁଡ଼ା), ସଂଜତ କେଶ (ଜଟା), ପ୍ରବେଣୀ (ବାଳର ବେଣୀ), ଶିଷଣ୍ୟ(ନିର୍ମଳ କେଶ), କେଶପାଶ (ଘନ କେଶ) ଇତ୍ୟାଦି ଓ ସେହିପରି ଲୌକିକ ଭାଷାରେ ଗହଳିଆ (ଗହବା), ନୁଖୁରା, କହରା, ପାଚିଲା, ଟାଆଁସିଆ (ଠିଆ), ଆଲୁରା, ଝାମ୍ପୁଡ଼ା, ଖାଙ୍କର, ରେଶମୀ, କୋମଳ, ରୁକ୍ଷ (କର୍କଶ), କୃଶ ଆଦି ନାନା ପ୍ରକାରର ବାଳ ରହିଛି।

ବାଳ ସୌନ୍ଦର୍ଯ୍ୟର ନିଦର୍ଶନ ଓ ମର୍ଯ୍ୟାଦାର ପ୍ରତୀକ। ତେଣୁ ତା'ର ପ୍ରସାଧନ ପାଇଁ ପ୍ରାୟ ସମସ୍ତେ ସଚେତନ ଥାଆନ୍ତି। ବାଳକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସାବୁନ୍, ସାମ୍ପୁ, ତୈଳ, ସିକାକାଇ, ଘିକୁଆଁରୀ, ମନ୍ଦାର ପତ୍ର ରସ ଇତ୍ୟାଦି ବ୍ୟବହାର କରିବାଠାରୁ କଙ୍କ (ପାନିଆ)ରେ କୁଣ୍ଡାଇ ବିଭିନ୍ନ ଆକାରରେ (ଟେରି, ବେଣ୍ଟି, ଭାଙ୍ଗ, ବେକଯାଏଁ ଲମ୍ବ, ଅତି ଛୋଟ) ସଜାଇବା ଯାଏଁ ଏକ ସଉକ ଭାବରେ ଜଣାଶୁଣା। କଳାକାରମାନଙ୍କର ବାଳ ତ ନିଆରା ଶୈଳୀର। ବାଳ କଥା ଚିନ୍ତା କଲେ ଆଖି ଆଗରେ ଭାସିଉଠେ ବିଶ୍ୱକପ୍ ଫୁଟ୍‌ବଲ୍ ପାଇଁ ଖେଳୁଥିବା ବିଭିନ୍ନ ଦେଶର ତାରକା ଖେଳାଳିଙ୍କ ହେୟାର ଷ୍ଟାଇଲ, ଯାହା ସେମାନଙ୍କୁ ସ୍ୱତନ୍ତ୍ର ପରିଚୟ ଦିଏ। କୃଷ୍ଣ କେଶ ଯେପରି ଯୌବନର ପ୍ରତୀକ, ଶୁକ୍ଳ କେଶ ସେହିପରି ବାର୍ଦ୍ଧକ୍ୟର ସଂକେତ। ତେଣୁ ବାଳକୁ ଯୌବନର ସ୍ପର୍ଶ ଦେବା ପାଇଁ ହେୟାର୍ ଡାଏ ଆବଶ୍ୟକ ପଡ଼େ ଓ ସେଲୁନ୍, ସ୍ପା, ବିଉଟି ପାର୍ଲର୍ ଖୋଜା ହୁଏ।

ନାରୀର ସୌନ୍ଦର୍ଯ୍ୟ କଥା ଉଠିଲେ ପ୍ରଥମେ ଦୃଷ୍ଟିରେ ପଡ଼େ ତା'ର କେଶ ବିନ୍ୟାସ। କେଶଚର୍ଯ୍ୟା ହିଁ ସୁନ୍ଦରୀ ରମଣୀର ସଂକେତ। ଜଟ, ଜୁଡ଼ା, ଗଭା, ବେଣୀ, ଗଣ୍ଠି, କବରୀ, ଖୋଷା, ଫୁଲ ଗଜରାଲଗା କୋସାଠାରୁ ବବ୍ କଟ୍, କାରିବିୟାନ୍ ଷ୍ଟାଇଲ୍, ଫଲ୍ସ, ଲମ୍ବାକଲି ଯାଏଁ ପ୍ରତ୍ୟେକଟିର ସଂରଚନା ନାରୀକୁ ସ୍ୱତନ୍ତ୍ର ଭାବରେ ଆକର୍ଷଣୀୟ କରି ଗଢ଼ି ତୋଳିଥାଏ। ଘନ କେଶ (କୁନ୍ତଳ)ରୁ ନାମ କୁନ୍ତଳା। ସେଥିପାଇଁ ନାରୀର କେଶ ଶୈଳୀ ଯୁଗ ଯୁଗ ଧରି କବି କଳ୍ପନାର ଉତ୍ସ ହୋଇ



ଆସିଛି। କେବେ କୃଷ୍ଣ ମେଘ ସହିତ ତୁଳନା କରାଯାଏ ('ଅମ୍ଭୋଧର-ଶ୍ୟାମଳ କୁନ୍ତଳାୟୈଃ'- ଆଦି ଶଙ୍କରାଚାର୍ଯ୍ୟ) ତ କେବେ ନୀଳ ଜଳରାଶିର ଉପମା ଦିଆଯାଏ ('ନୀଳିମାରେ ବାମା ଚାରୁ କେଶପାଶ ତୋ ନୀଳ ବୀଚିକି କଲା ଉପହାସ'-- ରାଧାନାଥ)। ଘନ କେଶର ବନ୍ଧନ ଶୈଳୀକୁ 'ଧମିଲ୍ଲ ବତୈବ ଜଟାଧରାୟ'- (ଶଙ୍କର ଭାଷ୍ୟ) କୁହାଯାଏ ତ କୃଷ୍ଣ ବର୍ଣ୍ଣର କେଶରାଶି ରାତ୍ରି ଅନ୍ଧକାରର ଉପମେୟ ହୁଏ ('କେଶ ବିକାଶଇ ଯେହ୍ନେ ଅନ୍ଧାରୀ ରଜନୀ'- (ସାରଳା ଦାସ) ଓ ଲମ୍ବା ବେଣୀକୁ ସର୍ପ ସହିତ ଓ ଶୁକ୍ଳ କେଶକୁ ଜ୍ଞାନ ସହିତ ଯୋଡ଼ାଯାଏ ('କିଏଗୋ ତୁ... ଶୁଭ୍ରକେଶା'- ଗଙ୍ଗାଧର) ଓ କେବେ ପୁଣି ହାସ୍ୟୋଦ୍ଦୀପକ କଟାକ୍ଷ, 'କୁଞ୍ଚିତକେଶା', ବା 'ତାମ୍ରକେଶୀ'- ଫକୀରମୋହନ।

ଦଶକୁମାରୀ ଚରିତ ଗ୍ରନ୍ଥରେ ବର୍ଣ୍ଣିତ କେଶବତୀ କନ୍ୟା ନଦୀରେ ସ୍ନାନ କରୁଥିବା ବେଳେ ଅକସ୍ମାତ୍ ତା'ର ଦୀର୍ଘ କେଶଗୁଚ୍ଛରୁ ଖିଏ ଛିଡ଼ି ପଡ଼ିବାରୁ ତାକୁ ଏକ ଫରୁଆ ଭିତରେ ପୂରେଇ ନଦୀ ଜଳରେ ଭସେଇ ଦେଇଥିଲା, ଯାହା ତାର ସନ୍ଦେଶ ତା'ର ସ୍ୱପ୍ନର ରାଜକୁମାର ନିକଟରେ ପହଁଞ୍ଚେଇ ଦେଇ ଉଭୟଙ୍କ ମଧ୍ୟରେ ସମ୍ପର୍କର ସେତୁ ପାଲଟି ଥିଲା।

କେଶ ବିହୀନ ମସ୍ତକ ଲଜ୍ଜା ଓ ଅବସାଦର ସୂଚକ। ତେଣୁ ସମାଜରେ ଦୋଷୀକୁ ଦଣ୍ଡ ଦେବା ପାଇଁ ତା'ର ବାଳକୁ ସାତବେଣ୍ଟି କରି କଟାଯାଏ କିମ୍ବା ଲଣ୍ଡା କରାଯାଏ। କିଛି ଲୋକ ଥାଆନ୍ତି, ଯେଉଁମାନଙ୍କର ମୁଣ୍ଡରେ ଆଦୌ କେଶ ଉଠେନା କିମ୍ବା ଉଠିଥିଲେ ବି କିଛି ବର୍ଷ ପରେ ଲଣ୍ଡା ହୋଇ ଯାଏ। ସେମାନେ ସେପରି ଅଭାବକୁ ଭରଣା କରିବା ପାଇଁ କୃତ୍ରିମ କେଶ ବ୍ୟବହାର କରନ୍ତି। ଏଥିରୁ ବାଳର ଗୁରୁତ୍ୱ ସହଜରେ ଅନୁମେୟ। ସେଥିପାଇଁ ତ ସାରା ଦେଶରେ ଏବେ ଏହା ଏକ ବ୍ୟବସାୟଯୋଗ୍ୟ ସାମଗ୍ରୀ ପାଲଟି ଗଲାଣି, ଯାହାର ବାଣିଜ୍ୟିକ ଚାହିଦା ଦିନକୁ ଦିନ ବଢ଼ି ଚାଲିଛି। ତେଣୁ ବାଳକୁ ହେୟଜ୍ଞାନ କରିବା ଅନୁଚିତ। କାରଣ, ଏହା ଶରୀରର ଶୋଭା ବର୍ଦ୍ଧନ କରୁଥିବା ଏକ ଅଂଶ। ବାଳ ଶବ୍ଦର ଅର୍ଥାନ୍ତର ଶିଶୁ। ■

'ସାରଦାଶ୍ରୀ', ୯୦୪, ଶାସ୍ତ୍ରୀନଗର
ୟୁନିଟ-୪, ଭୁବନେଶ୍ୱର
ମୋ: ୯୪୩୮୬୭୩୮୯୮

# ମୌସୁମୀର ମତି ଗତି

ମହାନ ଭାରତୀୟ ମୌସୁମୀ ଆସେ ବରଷକେ ଥରେ, କିନ୍ତୁ ଯେତେବେଳେ ଆସେ ସମସ୍ତଙ୍କ ମନକୁ ଆନନ୍ଦରେ ଭରେ। କାରଣ- ଭାରତ ହେଉଛି ଅତ୍ୟଧିକ ପରିମାଣରେ କୃଷି ଉପରେ ନିର୍ଭରଶୀଳ ଏକ ଦେଶ ଯେଉଁଥିପାଇଁ ଏହାକୁ କୃଷିପ୍ରଧାନ ଦେଶ କୁହାଯାଇଥାଏ। ଆଉ ଏଥିପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଯେତେବେଳେ ଚାଷ ଓ ଚାଷୀଙ୍କୁ ସୁହାଇବା ଭଳି ବର୍ଷା ସମ୍ବନ୍ଧିତ କୌଣସି ଖବର ଶୁଣାଏ, ସେତେବେଳେ ସମସ୍ତଙ୍କ ମନ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇଉଠେ। ତେଣୁ ଚଳିତ ବର୍ଷ ମୌସୁମୀ ବର୍ଷା 'ସ୍ୱାଭାବିକଠାରୁ ଅଧିକ' ବା ଐତିହାସିକ ହାରାହାରି ୮୭ ସେଣ୍ଟିମିଟରରୁ ୫ ପ୍ରତିଶତ ଅଧିକ ହେବ ବୋଲି ନିକଟରେ ଆଇଏମ୍‌ଡି ଭବିଷ୍ୟବାଣୀ କରିବା ପରେ ଏହାକୁ ସାଧାରଣରେ ସମସ୍ତେ ଏକ ଖୁସି ଖବର ଭାବରେ ଗ୍ରହଣ କରିବା ସ୍ୱାଭାବିକ, ଯେହେତୁ ଭଲ ବର୍ଷାର ଅର୍ଥ ଭଲ ଫସଲ ଅମଳ। ଆଉ ଭଲ ଅମଳର ଅର୍ଥ ପ୍ରକାରାନ୍ତରେ ଦେଶରେ ଉଲ୍ଲେଖନୀୟ ଭାବରେ ଗ୍ରାମୀଣ ଉପଭୋଗ ବା କଞ୍ଜମ୍ପସନ୍ ବୃଦ୍ଧି ପାଇବା ଏବଂ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟ ସୁହାଇବା ଭଳି ଦରରେ ରହିବା। ଭାରତର ଅର୍ଥନୀତି ଯେ ଗ୍ରାମାଞ୍ଚଳର ଉପଭୋଗ ଉପରେ ଅଧିକ ପରିମାଣରେ ନିର୍ଭରଶୀଳ, ତାହା ସମସ୍ତେ ଜାଣନ୍ତି। ସରକାରଙ୍କର ଏକ ଶାଖା ଭାବରେ ଆଇଏମ୍‌ଡିର ଏହି ଭବିଷ୍ୟବାଣୀ ହାରାହାରି ୧୪୫ କୋଟି ଲୋକ ବାସ କରୁଥିବା ଏକ ଦେଶ ପାଇଁ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣରେ ରଖିବା ବ୍ୟତୀତ ଫସଲଗୁଡ଼ିକ ପାଇଁ, ଅର୍ଥନୀତି ପାଇଁ ଏବଂ ଜଳ ସମ୍ପଦ ପାଇଁ ଅବଶ୍ୟ ଆଶାବାଦର ସଂଚାର କରିଛି। ଆଉ ଏଇସବୁ ଦୃଷ୍ଟିରୁ ଆଇଏମ୍‌ଡି ଏହାର ବାର୍ଷିକ ଆଶାର ବାର୍ତ୍ତା ପ୍ରଦାନ କରିଛି, ଯାହା ହୁଏତ ସବୁବେଳେ ବାସ୍ତବତା ସହିତ ମେଳ ଖାଇ ନପାରେ। ଏହା ସତ୍ତ୍ୱେ ଏକଥା ଉଲ୍ଲେଖନୀୟ ଯେ ଏହି ସଂସ୍ଥାର ପୂର୍ବାନୁମାନ ଦିନକୁ ଦିନ ଉନ୍ନତ ହୋଇ ଚାଲିଛି ଏବଂ ଏହା ସହିତ ଘରୋଇ ପୂର୍ବାନୁମାନକାରୀ ସଂସ୍ଥା ସ୍କାଇମେଟ୍ ମଧ୍ୟ ଚଳିତ ବର୍ଷ ପାଇଁ ୧୦୨ ପ୍ରତିଶତ ବୃଷ୍ଟିପାତର ଏକ ସକାରାତ୍ମକ ଭବିଷ୍ୟବାଣୀ କରିଛି। ତେବେ ଆଇଏମ୍‌ଡିର ବୃଷ୍ଟିପାତ ସମ୍ବନ୍ଧୀୟ ପୂର୍ବାନୁମାନକୁ ଅନେକେ ମୁଦ୍ରାରେ ଟସ୍ ପକାଇବା ଭଳି ଗ୍ରହଣ କରିଥାନ୍ତି।


ଭାରତରେ କୃଷି ସହିତ ପ୍ରାୟ ସମସ୍ତ କ୍ଷେତ୍ର ଦକ୍ଷିଣପଶ୍ଚିମ ମୌସୁମୀ ସହିତ ବନ୍ଧା ହୋଇଥାନ୍ତି, ଯାହା ସମଗ୍ର ଦେଶକୁ ପରିସରଭୁକ୍ତ କରିଥାଏ। ତେଣୁ ଚଳିତ ବର୍ଷ ସ୍ୱାଭାବିକଠାରୁ ସମ୍ଭାବ୍ୟ ୬୦ ପ୍ରତିଶତ ପାଖାପାଖି ଅଧିକ ବୃଷ୍ଟିପାତ ସହଜରେ ଏକ ସକାରାତ୍ମକ ଦୃଶ୍ୟପଟକୁ ଆଖି ସାମ୍ନାକୁ ନେଇ ଆସେ। ଶେଷ ଥର ପାଇଁ ଭାରତ ୨୦୨୩ରେ ଅଭାବୀ ମୌସୁମୀ ବର୍ଷାକୁ ପ୍ରତ୍ୟକ୍ଷ କରିଥିଲା। ସେହି ଋତୁ ପାଇଁ ଆଇଏମ୍‌ଡି ସ୍ୱାଭାବିକ ପରିମାଣର ବୃଷ୍ଟିପାତ ହେବା ନେଇ ଭବିଷ୍ୟବାଣୀ କରିଥିବା ବେଳେ ସ୍କାଇମେଟ୍ ସାମାନ୍ୟ ନିରାଶାବାଦୀ ଥିଲା ଏବଂ ଘୋଷଣା କରିଥିଲା ଯେ ସେହି ବର୍ଷ ନିଅଣ୍ଟିଆ ବର୍ଷା ହେବ। ଏସବୁ ସତ୍ତ୍ୱେ ପୂର୍ବାନୁମାନଗୁଡ଼ିକ ପୂର୍ବାପେକ୍ଷା ଅଧିକ ଠିକ୍ ହେଉଛି। ଚଳିତ ବର୍ଷ ଆଇଏମ୍‌ଡି ଓ ସ୍କାଇମେଟ୍‌ର ପୂର୍ବାନୁମାନ ଅନୁସାରେ ଯଦି ବି ବୃଷ୍ଟିପାତ ଠିକ୍ ପରିମାଣରେ ହୁଏ, ତା' ସତ୍ତ୍ୱେ ବର୍ଷାର ସ୍ଥାନିକ ଏବଂ ସାମୟିକ ଆବଣ୍ଟନ ଯଥେଷ୍ଟ ଗୁରୁତ୍ୱ ବହନ କରିବ, କାରଣ ବେଶ୍ କିଛି ବର୍ଷ ହେବ ଏହା ଅସମାନୁପାତୀ ହୋଇ ଆସୁଛି, ଅର୍ଥାତ୍ ଦେଶର ସବୁ ସ୍ଥାନରେ ଯେତିକି ବର୍ଷା ହେବାର କଥା, ତାହା ହେଉନାହିଁ। ଏହା ଜଳବାୟୁ ସଂକଟର ଏକ ସୂଚନା। ଉଦାହରଣ ସ୍ୱରୂପ, ଗତ ବର୍ଷ ଦେଶର ପ୍ରାୟ ଅଧାରୁ ଅଧିକ ଅଞ୍ଚଳ ହୁଏତ ସ୍ୱଳ୍ପ ପରିମାଣର ନଚେତ୍ ଅଧିକ ପରିମାଣର ବୃଷ୍ଟିପାତକୁ ପ୍ରତ୍ୟକ୍ଷ କରିଥିଲା ଏବଂ ଆଉ କେତେକ ଅଞ୍ଚଳରେ ଖୁବ୍ କମ୍ ସମୟରେ ପ୍ରବଳ ବର୍ଷା ହୋଇ ସେହିସବୁ ଅଞ୍ଚଳକୁ ଜଳମଗ୍ନ କରିବା ସହିତ ବ୍ୟାପକ ଧନ ଜୀବନ ହାନିର କାରଣ ହୋଇଥିଲା। ଏଭଳି ବୃଷ୍ଟିପାତ ସାମ୍ପ୍ରତିକ ସମୟରେ ଦେଖାଯିବାର କାରଣ ବିଶ୍ୱ ତାପନଜନିତ ଜଳବାୟୁ ପରିବର୍ତ୍ତନ। କହିବା ବାହୁଲ୍ୟ, ମରୁଡ଼ି ଏବଂ ବନ୍ୟା ଏବେକା ସମୟରେ ଏତେ ପରିମାଣରେ ଦେଖିବାକୁ ମିଳୁଛି ଯେ ଦେଶର ଏକ ବିସ୍ତୃତ ଅଞ୍ଚଳରେ ଶାନ୍ତିରେ ଲୋକେ ନିଃଶ୍ୱାସ ମାରିବା ଦୁଃସ୍ୱପ୍ନ ପାଲଟି ଯାଉଛି। ଜଳବାୟୁ ବିଜ୍ଞାନୀମାନେ କହୁଛନ୍ତି ଯେ ବୃଷ୍ଟିପାତର ଦିବସ ସଂଖ୍ୟା ହ୍ରାସ ପାଉଥିବା ବେଳେ ପ୍ରବଳ ପରିମାଣରେ ବର୍ଷା ହେବାର ଘଟଣାଗୁଡ଼ିକ ବେଳକୁ ବେଳ ବୃଦ୍ଧି ପାଉଛି। ତେଣୁ ଜଳବାୟୁ ସଂକଟର ଆଧିକ୍ୟଜନିତ ପ୍ରତିକୂଳ ପ୍ରଭାବଗୁଡ଼ିକୁ (ଅତ୍ୟଧିକ ବା ନିଅଣ୍ଟିଆ ବୃଷ୍ଟିପାତ) ମୁକାବିଲା କରିବା ପାଇଁ ରାଜ୍ୟ ଏବଂ ସ୍ଥାନୀୟ ସରକାରମାନେ କାର୍ଯ୍ୟକାରୀ ଯୋଜନାମାନ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି।

କଥାରେ ଅଛି- ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। ତେଣୁ ଜଳର ନିଅଣ୍ଟ ହେଉ କି ଆଧିକ୍ୟ ଭିତ୍ତିଭୂମି ଏବଂ ମାନବୀୟ ଧନ ଜୀବନ ହାନି ଦୃଷ୍ଟିରୁ ଉଲ୍ଲେଖନୀୟ ପରିମାଣର କ୍ଷତି ଘଟାଇ ଥାଏ ଏବଂ କେବଳ ଚାଷୀ ସମୁଦାୟଙ୍କ ପାଇଁ ନୁହେଁ, ବରଂ ସମଗ୍ର ଦେଶ ପାଇଁ ଗୁରୁତର ଆର୍ଥିକ ଯନ୍ତ୍ରଣା ବହନ କରି ଆଣିଥାଏ। ବନ୍ୟା ପରିଚାଳନା ଯୋଜନା ସହିତ ନାଳ ନର୍ଦ୍ଦମାର ଜଳ ନିଷ୍କାସନକୁ ସୁନିଶ୍ଚିତ କରିବା ବନ୍ୟାଜନିତ କ୍ଷୟକ୍ଷତିକୁ ରୋକିବା ସଙ୍ଗେ ସଙ୍ଗେ ଭୂତଳ ଜଳର ସ୍ତରକୁ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଦୀର୍ଘକାଳୀନ ଭିତ୍ତିରେ କୃଷିକୁ ମୌସୁମୀ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହେବାରୁ ଦୂରେଇବାକୁ ହେଲେ ରାଜ୍ୟମାନେ ସେମାନଙ୍କର ଜଳସେଚନ ନେଟ୍‌ୱର୍କକୁ ବୃଦ୍ଧି କରିବା ଅପରିହାର୍ଯ୍ୟ। ମୋଟାମୋଟି ସାମ୍ପ୍ରତିକ ବାସ୍ତବତାକୁ ବିଚାରକୁ ନେଲେ କୁହାଯାଇପାରେ ଯେ ଦେଶ ପାଇଁ ଏକ ନୂଆ ମୌସୁମୀ ପରିଚାଳନା ଦୃଷ୍ଟିକୋଣର ଆବଶ୍ୟକତା ରହିଛି। ଅପର ପକ୍ଷରେ, ଚଳିତ ବର୍ଷ ମୌସୁମୀ ଋତୁରେ ଜାମ୍ମୁ ଏବଂ କାଶ୍ମୀର, ଲଦାଖ, ବିହାର ଏବଂ ତାମିଲନାଡୁକୁ ଚେତାବନୀ ପ୍ରଦାନ କରାଯାଇଛି ସ୍ୱାଭାବିକଠାରୁ ଅଧିକ ପରିମାଣର ବର୍ଷା ହେବା ଆଶା ନ କରିବାକୁ। ଏହିସବୁ ରାଜ୍ୟମାନଙ୍କ ମଧ୍ୟରୁ ତାମିଲନାଡୁର ନିର୍ଭରଶୀଳତା ଦକ୍ଷିଣପଶ୍ଚିମ ଏବଂ ଉତ୍ତରପୂର୍ବ ମୌସୁମୀ ଉପରେ ଅଧିକ ରହିଥାଏ। ସେଥିପାଇଁ ଏହା ଅକ୍ଟୋବରରୁ ଡିସେମ୍ବର ଅବଧି ମଧ୍ୟରେ ସ୍ୱାଭାବିକ ବୃଷ୍ଟିପାତ ଆଶା କରିପାରେ ଯେତେବେଳେ କି ବୃଷ୍ଟିପାତ ଅଧିକାଂଶ ଭାବରେ ଦକ୍ଷିଣରେ ଅବସ୍ଥିତ ରାଜ୍ୟମାନଙ୍କ ମଧ୍ୟରେ ସୀମିତ ରହିଥାଏ। ପରିଶେଷରେ ଏହା କହିବା ଅତିଶୟୋକ୍ତି ହେବନାହିଁ ଯେ ଆଉ ଏକ ମୌସୁମୀ ଋତୁ ସମ୍ବନ୍ଧରେ ଏକ ସକାରାତ୍ମକ ପୂର୍ବାନୁମାନ ସମସ୍ତଙ୍କର ମାନସିକତା ପାଇଁ ସୁଖଦ ବାର୍ତ୍ତା ବହନ କରି ଆଣିଛି। ■

# ବିଦ୍ୟାଲାଭ

ଅଭିମାନ ଥିବା ପର୍ଯ୍ୟନ୍ତ ମଣିଷ ବିଦ୍ୟା ଗ୍ରହଣ କରି ପାରେନା। କେବେ ଧନ, ପଦ, ପ୍ରତିଷ୍ଠା, କ୍ଷମତାକୁ ନେଇ ମଣିଷ ଭିତରେ ଅଭିମାନ ବସା ବାନ୍ଧିଥାଏ। ଏଇ ଅଭିମାନ ଶିକ୍ଷା ଗ୍ରହଣ କରିବାର ଦ୍ୱାରକୁ ରୁଦ୍ଧ କରିଦିଏ। ମଣିଷ ନିଜକୁ ଯେତିକି ଅଜ୍ଞାନ ବିଚାର କରେ, ସେ ସେତିକି ବିଦ୍ୟା ଗ୍ରହଣ କରିପାରେ। ନିଜ ଆଖି ଆଗରେ ହାତ ବା କିଛି ଆବରଣ ଦେଇଦେଲେ ଅନ୍ୟ ଦୃଶ୍ୟ ସବୁ ଦେଖି ହୁଏନା। ଠିକ୍ ସେମିତି ମଣିଷ ମନରେ ଅଭିମାନ ରୂପକ ଆବରଣଟିଏ ପଡ଼ିଗଲେ ଅନ୍ୟର ଜ୍ଞାନ, ବୁଦ୍ଧି, ପ୍ରଶଂସା ସହଜରେ ଗ୍ରହଣ କରି ହୁଏନା। ଅଭିମାନ ସବୁବେଳେ ନିଜକୁ ବଡ଼ କରି ରଖିବାକୁ ଚେଷ୍ଟାକରେ। ପ୍ରଶଂସା ଯୋଗାଡ଼ କରେ। ମନେ ରଖିବାକୁ ହେବ, ଅଭିମାନ ଥିବା ଯାଏଁ ଜ୍ଞାନଲାଭ ସହଜରେ ହୁଏନା। ଯେଉଁ ଜ୍ଞାନଲାଭ ହୁଏ, ତାହା କ୍ରିୟାଶୀଳ ହୁଏନା। ଜ୍ଞାନ ଗ୍ରହୀତା ଯେତେ ସରଳ ଓ ନିରଭିମାନ ହେବେ, ବିଦ୍ୟା ଗ୍ରହଣ ସେତେ ପ୍ରାଞ୍ଜଳ ହୋଇ ପାରିବ। ଏ ନେଇ ସନ୍ଥ ଛାନ୍ଦୋଗ୍ୟ ଉପନିଷଦରୁ କଥାଟିଏ କହିଲେ-

ଜାନଶ୍ରୁତି ନାମରେ ଜଣେ ରାଜା ଥିଲେ। ସେ ଖୁବ୍ ଉଦାର, ଦାନୀ, ଧାର୍ମିକ ଓ ସୁଶାସକ ଥିଲେ। ରାଜା ଜାନଶ୍ରୁତି ବ୍ରହ୍ମଜ୍ଞାନ ପ୍ରଭାବରେ ତେଜସ୍ୱୀ ଦେଖା ଯାଉଥାନ୍ତି। ଦିନେ ପୂର୍ଣ୍ଣିମା ରାତିରେ ରାଜା ଦୁଇ ଜଣ ପରିବ୍ରାଜକ ସନ୍ନ୍ୟାସୀଙ୍କଠାରୁ ଶୁଣିବାକୁ ପାଇଲେ ଜଣେ ଶଗଡ଼ିଆ ଅଛନ୍ତି। ସେ ରାଜାଙ୍କଠାରୁ ବଡ଼ ସାଧକ। ତାଙ୍କ ନାଁ ରୈକ୍ୱ। ପରଦିନ ସକାଳେ ରାଜା ଜାନଶ୍ରୁତି ସେବକକୁ ଡକାଇ ଶଗଡ଼ିଆ ମହାତ୍ମା ରୈକ୍ୱଙ୍କ ସମ୍ବନ୍ଧରେ ଅନୁସନ୍ଧାନ କରିବାକୁ ଆଦେଶ ଦେଲେ।



ପଦାରବିନ୍ଦ

ସେବକ ରାଜାଙ୍କ ଆଜ୍ଞା ପାଳନ କରି ମହାତ୍ମା ରୈକ୍ୱଙ୍କୁ ଅନେକ ସ୍ଥାନରେ ଖୋଜିଲେ। ବହୁତ ସ୍ଥାନ ଖୋଜିବା ପରେ ଦେଖିଲେ ଗୋଟିଏ ବଳଦ ଗାଡ଼ି ତଳେ ଉଦାସୀନ ହୋଇ ଜଣେ ମଣିଷ ବସିଥିଲେ। ବୋଧହୁଏ ତାଙ୍କୁ କୌଣସି ଚର୍ମରୋଗ ହୋଇଥିଲା। ତେଣୁ ଦେହ କୁଣ୍ଡାଇ ହେଉଥିଲେ। ସେବକଟି ପ୍ରଣାମ କରି ତାଙ୍କୁ ପଚାରିଲା- 'ଆପଣ ଗାଡ଼ିବାଲା ରୈକ୍ୱ କି ?' ସେ ହଁ ଭରିଲେ। ରୈକ୍ୱଙ୍କର ମୁଖମଣ୍ଡଳରେ ଅସାଧାରଣ ସନ୍ତୋଷର ଚିହ୍ନ ଫୁଟିଉଠୁଥିଲା। ବ୍ରହ୍ମ ବିଦ୍ୟାର ତେଜରେ ସେ ଜାଜ୍ୱଲ୍ୟମାନ ଦିଶୁଥିଲେ। ସେବକ ଫେରିଆସି ରାଜାଙ୍କୁ ସମସ୍ତ ସୂଚନା ଦେଲା।

ରାଜା ଜାନଶ୍ରୁତି ଛଅ ଶହ ଗାଈ, ଗୋଟିଏ ସୁନା ହାର ଏବଂ ଅଶ୍ୱଚାଳିତ ରଥ ନେଇ ମହାତ୍ମା ରୈକ୍ୱଙ୍କୁ ସାକ୍ଷାତ କରିବାକୁ ଗଲେ। ରାଜା କହିଲେ- 'ମହାତ୍ମା! ଆପଣ ଯେଉଁ ଦେବତାଙ୍କ ଆରାଧନା କରନ୍ତି, ମୋତେ ସେହି ଉପଦେଶ ଦିଅନ୍ତୁ।' ରୈକ୍ୱ ରାଜାଙ୍କୁ ବିଦ୍ୟା ଦେଲେନାହିଁ। ଏସବୁ ଉପହାର ସ୍ୱୀକାର କଲେନାହିଁ। ପୁଣି କିଛି ଦିନ ପରେ ରାଜା ଜାନଶ୍ରୁତି ଏକ ହଜାର ଗାଈ, ଅଶ୍ୱଖଚିତ ରଥ, ବହୁମୂଲ୍ୟ ଅଳଙ୍କାର ଏବଂ ନିଜର ଯୁବତୀ କନ୍ୟାକୁ ନେଇ ପହଞ୍ଚିଲେ ଧର୍ମାତ୍ମା ରୈକ୍ୱଙ୍କ ନିକଟରେ। ସମସ୍ତ ପଦାର୍ଥ ରୈକ୍ୱଙ୍କୁ ପ୍ରଦାନ କଲେ। ନିଜର ସୁଶୀଳା କନ୍ୟାକୁ ବିବାହ କରିବା ପାଇଁ ରୈକ୍ୱଙ୍କୁ ନିବେଦନ କଲେ। ରୈକ୍ୱ ଏସବୁ ଉପହାର ଗ୍ରହଣ କଲା ପରେ ରାଜା ତାଙ୍କୁ ସେହି ଅଧ୍ୟାତ୍ମ ବିଦ୍ୟା ବିଷୟରେ ପଚାରିଲେ। ରୈକ୍ୱ ଜାଣିଲେ ରାଜା ନିଜର କନ୍ୟାକୁ ଜଣେ ଗାଡ଼ିବାଲା ପାଖରେ ସମର୍ପଣ କରିଛନ୍ତି। ଏହା ଭିତରେ ରାଜା ଓ ଗାଡ଼ିବାଲା ମଧ୍ୟରେ ଥିବା ମାନସିକ ଭେଦ ରାଜାଙ୍କ ଭିତରୁ ଚାଲି ଯାଇଛି। ରାଜାର ଅଭିମାନ ତାଙ୍କ ପାଖରେ ନାହିଁ। ଅଧ୍ୟାତ୍ମ ଜ୍ଞାନ ପ୍ରାପ୍ତ ହେବା ପାଇଁ ରାଜାଙ୍କ ଏକାନ୍ତ ନିଷ୍ଠା ଓ ଉତ୍କଣ୍ଠା ଦେଖି ରୈକ୍ୱ ରାଜାଙ୍କୁ ଶ୍ରେଷ୍ଠବିଦ୍ୟା ପ୍ରଦାନ କଲେ। ସେତେବେଳେ ରାଜାଙ୍କ ଭିତରୁ ସମସ୍ତ ଅଭିମାନ ଚାଲି ଯାଇଥିଲା। ଜାତି, କର୍ମ, ଗୁଣ ଭେଦଭାବ କିଛି ହିଁ ନଥିଲା। ରାଜା ମଧ୍ୟ ବୁଝିଥିଲେ ଅଭିମାନ ଥିବା ପର୍ଯ୍ୟନ୍ତ ବିଦ୍ୟା ସହଜରେ ମିଳେନାହିଁ। ■

ନିତିଦିନ NITIDIN

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

**ମୁଣ୍ଡମୁହାଣ,୧୭।୪/ଏନ୍ଏନ୍ଏସ୍:** ଗତକାଲି ବିଳମ୍ବିତ ରାତିରେ ୧୬ ନମ୍ବର ଜାତୀୟ ରାଜପଥ ଗଙ୍ଗପଡ଼ାଠାରେ ଏକ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ବଳଭଦ୍ର ସାହୁ (୩୨)। ମିଳିଥିବା ସୂଚନା ଅନୁସାରେ ଗତକାଲି ରାତି ପ୍ରାୟ ୧୧ଟା ବେଳେ ବଳଭଦ୍ର ତାଙ୍କ ବାଇକ୍ ଯୋଗେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଏହି ସମୟରେ ସେହି ଭୁବନେଶ୍ୱରରୁ ଖୋର୍ଦ୍ଧା ଦିଗରେ ଆସୁଥିବା ଏକ ଅଜଣା ଗାଡି ବଳଭଦ୍ରଙ୍କୁ ଧକ୍କା ଦେଇଥିଲା। ଫଳରେ ବଳଭଦ୍ର ଗାଡିରୁ ଛିଟିକି ପଡ଼ିଥିଲେ। ଖବର ପାଇ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ବଳଭଦ୍ରଙ୍କୁ ଡାକ୍ତରଖାନା ପଠାଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



# ଜିଲ୍ଲାସ୍ତରୀୟ ପୋଷଣ ପଖୱାଡ଼ା-୨୦୨୫

**ଖୋର୍ଦ୍ଧା,୧୭।୪/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ସମାଜମଙ୍ଗଳ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ପୋଷଣ ପଖୱାଡା-୨୦୨୫ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲ୍ଲାପାଳ ଚଞ୍ଚଳ ରାଣା ଯୋଗଦେଇ ଅଙ୍ଗନବାଡ଼ି କର୍ମୀ, ସିଡିପିଓ ଏବଂ ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ସୁସ୍ଥ ଓ ନିରୋଗୀ ଶିଶୁ ଓ ମା'ମାନଙ୍କ ନିମନ୍ତେ ପ୍ରସ୍ତୁତ ସୁଷମ ଖାଦ୍ୟ ପ୍ରସ୍ତୁତି ବୁଲିଦେଖିଥିଲେ। ପରେ ନିଜ ଉଦ୍‌ବୋଧନରେ ପୋଷଣ ପଖୱାଡାରେ ଯେଉଁମାନେ ସଂପୃକ୍ତ ଅଛନ୍ତି ସମସ୍ତଙ୍କୁ ନେଇ ଆଜିର ଏହି କାର୍ଯକ୍ରମ ହୋଇଛି। ପ୍ରତ୍ୟେକ ଶିଶୁ ଓ ମା'ଙ୍କୁ ସୁସ୍ଥ ରଖିବାକୁ ହେଲେ ଅଙ୍ଗନବାଡ଼ି ଦିଦି ଓ ସିଡିପିଓମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି କହିଥିଲେ। ଏହି ମହତ କାର୍ଯ୍ୟକ୍ରମକୁ ବ୍ୟାପକ ପ୍ରସାର ପ୍ରଚାର ନିମନ୍ତେ ପ୍ରତ୍ୟେକ ମାସରେ ଓ ପ୍ରତ୍ୟେକ ଅଙ୍ଗନବାଡ଼ି କେନ୍ଦ୍ରରେ ପୋଷଣ ପଖୱାଡା ଆୟୋଜନ କରାଇ ଶପଥ ପାଠ ଉତ୍ସବ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ ପୋଷଣ ପଖୱାଡ଼ା ମାସ ହିସାବରେ ନୁହେଁ ପ୍ରତ୍ୟେକ ଦିନ ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା  କର୍ତ୍ତବ୍ୟ ବୋଲି କହିଥିଲେ। ଜିଲ୍ଲା ସମାଜମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜଙ୍କ ପରିଚାଳନାରେ ଓ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେ ସ୍ୱାଗତ ଭାଷଣ ଦେବାସହ ସପ୍ତମ ପୋଷଣ ପଖୱାଡ଼ା-୨୦୨୫ ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ଜିଲ୍ଲାପାଳ ପୋଷଣ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟକରି ପ୍ରଥମ ହୋଇଥିବା ବିଏମ୍‌ସି-୧, ସିଡିପିଓ ମିନତି ପଣ୍ଡା, ବାଲିପାଟଣା ବ୍ଲକର ରୁନୁବାଲା ସାହୁ, ଦ୍ୱିତୀୟ, ବାଲିଅନ୍ତା ବ୍ଲକର ଜ୍ୟୋତିରେଖା ଜେନାଙ୍କୁ ତୃତୀୟ



ପୁରସ୍କାର ମାନପତ୍ର ପ୍ରଦାନ କରିଥିଲେ। ସେହିପରି ଉତ୍ତମ ସ୍ୱାସ୍ଥ୍ୟ ଶିଶୁରେ ପ୍ରତ୍ୟୁଷ ସ୍ୱାଇଁ, ପ୍ରଥମ, ଶୁଭଲକ୍ଷ୍ମୀ ଦାଶ, ଦ୍ୱିତୀୟ, ଅଂଶୁମାନ ପାର୍ଥସାରଥୀ, ତୃତୀୟଙ୍କୁ ଜିଲ୍ଲାପାଳ ପୁରସ୍କୃତ କରିଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୋଷଣ ଜିଲ୍ଲା ସଂଯୋଜକ  ଅଭିଲିପ୍ସା ବେହେରା, ବେସାମରିକ ଯୋଗାଣ ଅଧିକାରୀ ସୁଗଦା ମୁର୍ମୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଅଙ୍ଗନବାଡ଼ି କର୍ମୀ, ସୁପର ଭାଇଜର, ସିଡିପିଓ, ମିଶନଶକ୍ତି ମହିଳା ପ୍ରମୁଖ ଯୋଗଦେଇଥିଲେ।

# ରାଜ୍ୟରେ ୨୦ରୁ ତାତି ବଢ଼ିବା ସମ୍ଭାବନା

**ଭୁବନେଶ୍ୱର,୧୭।୪/ଏନ୍ଏନ୍ଏସ୍:** ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ସର୍ବୋଚ୍ଚ ତାପମାତ୍ରା ୪୦ଡିଗ୍ରୀ ତଳେ ରେକର୍ଡ ହେଉଛି। ଆଗାମୀ ୩ଦିନ ପରେ ବର୍ଷାର ପ୍ରଭାବ କମିବା ସହ ପୁଣି ଆଭ୍ୟନ୍ତରୀଣ ଓଡ଼ିଶାରେ ଅନେକ ସ୍ଥାନରେ ତାପମାତ୍ରା ୪୦ଡିଗ୍ରୀ ଅତିକ୍ରମ କରିବା ସମ୍ଭାବନା ରହିଛି। ଭୁବନେଶ୍ୱରସ୍ଥିତ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁଯାୟୀ, ତିନି ଦିନ ପରେ ରାଜ୍ୟରେ ବର୍ଷା ହ୍ରାସ ପାଇବ ଏବଂ ତା'ପରେ ବିଶେଷକରି ରାଜ୍ୟର ଆଭ୍ୟନ୍ତରୀଣ ଅଞ୍ଚଳରେ ସର୍ବାଧିକ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିବ। ଆସନ୍ତା ୨୪ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାରେ ୫୦-୬୦ କିଲୋମିଟର ପ୍ରତି ଘଣ୍ଟା ବେଗରେ ପବନ ବହିବା ସହିତ ବଜ୍ରପାତ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଗଜପତି, ଗଞ୍ଜାମ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ଣ/ସନ୍ଧ୍ୟା ସମୟରେ ଘଣ୍ଟାପ୍ରତି ଘଣ୍ଟା ୪୦-୫୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ବହୁତ ଅଧିକ। ଏହି ସମୟ ମଧ୍ୟରେ ମାଲକାନଗିରି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର, ଅନୁଗୁଳ, ଢେଙ୍କାନାଳ, କନ୍ଧମାଳ, ବୌଦ୍ଧ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅପରାହ୍ଣ/ସନ୍ଧ୍ୟା ସମୟରେ ଘଣ୍ଟାପ୍ରତି ଘଣ୍ଟା ୩୦-୪୦ କିଲୋମିଟର ବେଗରେ ପବନ ବହିବା ସହିତ ବଜ୍ରପାତ ହେବାର ସମ୍ଭାବନା ବହୁତ ଅଧିକ ରହିଛି।

## ପ୍ରଥମ ପୃଷ୍ଠାରୁ

### ଆମେରିକା ଭଳି ଚକ୍‌ମକ୍ ...

ଦିଆଯାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଡ଼କ ପଥ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ୨ ଲକ୍ଷ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣ କାମ ଜାରି ରହିଛି। ଆଗାମୀ ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପକୁ ପୂରା କରିବାକୁ ଉଦ୍ୟମ କରିବୁ। ପୁରୀ-ଭୁବନେଶ୍ୱର ୬ ଲେନ୍ ହେବ। ଏହି ରାଜପଥ ଦୁଇ ପାର୍ଶ୍ୱରେ ସର୍ଭିସ୍ ରୋଡ୍ କରାଯିବ। ପୁରୀ ଜିଲ୍ଲାର ସାତପଡ଼ା-କୃଷ୍ଣପ୍ରସାଦ ମଧ୍ୟରେ ୫୦୦ କୋଟି ଟଙ୍କା ବ୍ୟୟରେ ୨ଟି ପୋଲ ନିର୍ମାଣ ନିର୍ମାଣ କରାଯିବ। ଏଥିପାଇଁ ଖୁବ୍‌ଶୀଘ୍ର ଡିପିଆର୍ ପ୍ରସ୍ତୁତ ହେବ। ଭୂମିପୂଜନ ପାଇଁ ଖୁବ୍‌ଶୀଘ୍ର ଓଡ଼ିଶା ଆସିବି। ସାଧାରଣ ନିର୍ବାଚନ-୨୦୨୪ ପ୍ରଚାର ସମୟରେ ଲୋକଙ୍କୁ ମୁଁ ପ୍ରତିଶ୍ରୁତି ଦେଇଥିଲି। ଏହି ପ୍ରତିଶ୍ରୁତି ପାଳନ କରିବି।

ଶ୍ରୀ ଗଡ଼କରି କହିଛନ୍ତି, ରାଜ୍ୟରେ ଏକାଧିକ ଜାତୀୟ ରାଜପଥ ନିର୍ମାଣ କାମ ଜାରି ରହିଛି। ଏଥିରେ ରାୟପୁର-ବିଶାଖାପାଟଣା କରିଡର୍ ମଧ୍ୟ ସାମିଲ ରହିଛି, ଯାହା ଚଳିତବର୍ଷ ପୂରା ହେବ। ନବରଙ୍ଗପୁରରୁ ବିଶାଖାପାଟଣା ଯିବା ପାଇଁ ଏବେ ସାଢ଼େ ୮ ଘଣ୍ଟା ସମୟ ଲାଗୁଛି। ଏହି କରିଡର୍ ପୂରା ହେଲା ପରେ ନବରଙ୍ଗପୁରରୁ ବିଶାଖାପାଟଣା ପହଞ୍ଚିବା ପାଇଁ ୪ ଘଣ୍ଟା ଲାଗିବ। ଫଳରେ ଲୋକଙ୍କର ସାଢ଼େ ୪ଘଣ୍ଟା ସମୟ ଲାଗିବ। ରାଜ୍ୟରେ ନିର୍ମାଣାଧୀନ ସବୁ ପ୍ରକଳ୍ପ ନିର୍ମାଣ କାମ ସରିବା ପରେ ପରିବହନ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ।

ଅନ୍ୟପକ୍ଷରେ ପାରାଦୀପ ଆସିବାକୁ ଅନେକ ସୁଯୋଗ ପାଇଛି ବୋଲି ପ୍ରକାଶ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପାରାଦୀପ ପାଇଁ ମୋର ଦୁର୍ବଳତା ଥିଲା। ଏହାର ବିକାଶ ପାଇଁ ଅନେକ ଉଦ୍ୟମ କରିଛି। ସାଗରମାଳା ପ୍ରକଳ୍ପରେ ପାରାଦୀପରେ ଭଲ କାମ ହୋଇଛି। ଆଗାମୀ ଦିନରେ ଏଭଳି ଯୋଗାଯୋଗ ବିକାଶ କାର୍ଯ୍ୟ ଜାରି ରହିବ ବୋଲି ଶ୍ରୀ ଗଡ଼କରି ପ୍ରକାଶ କରିଛନ୍ତି।

### ପ୍ରେମୀଯୁଗଳଙ୍କ ଝୁଲନ୍ତା ...

ବୋଲି ଜଣାପଡ଼ିଛି। ପ୍ରେମିକ ଅଜୟ ରାଜସୁନାଖଳାରେ ଏକ ଗ୍ୟାରେଜ୍‌ରେ ମେକାନିକ୍ ଭାବେ କାମ କରୁଥିବା ବେଳେ ପ୍ରେମିକା ଜଣକ ସ୍ୱାମୀ ପରିତ୍ୟକ୍ତା ଅଟନ୍ତି। ସେ ରାଜସୁନାଖଳା ବଜାରରେ ଏକ ବିୟୁଟି ପାର୍ଲର୍ କରି ଚଳୁଥିଲେ। ଅଜୟଙ୍କ ଘରେ ସ୍ତ୍ରୀ ଓ ପିଲାମାନେ ଥିବାବେଳେ ଆଉ କିଛିଦିନ ପରେ ତାଙ୍କର ଝିଅ ବାହାଘର ହୋଇଥାଆନ୍ତା ବୋଲି ସ୍ଥିର କରାଯାଇଛି। ତେବେ ଅଜୟ ଓ ଶାନ୍ତିଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ି ଉଠିଥିବା ବେଳେ ଉଭୟଙ୍କ ଅସଜ୍ଜିତ ଅବସ୍ଥାର ଫଟୋ ଓ ଭିଡିଓ ରେକର୍ଡିଂ କରିବାକୁ ନେଇ ବିବାଦ ଉପୁଜିବାରୁ ଉଭୟ ପ୍ରେମୀଯୁଗଳକୁ କେହି ହତ୍ୟାକରି ପ୍ରମାଣ ନଷ୍ଟ କରିବା ନିମନ୍ତେ ସେଠାରୁ ପ୍ରାୟ ୧୨କିମି ଦୂର ଗୌଡ଼ପାଟଣା ନିକଟରେ ଥିବା ଏକ ଗଛରେ ଝୁଲାଇ ଦେଇଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ନିକଟରେ ଥୁଆ ହୋଇଥିବା ଏକ ସବୁଜ ରଙ୍ଗର ସ୍କୁଟି(ନଂ-ଓ ଡି ୦୨ ଏ ଏକ୍ସ ୫୧୫୪)କୁ ପୁଲିସ ଜବତ କରି ତଦନ୍ତ ଜାରି ରଖିଛି। ଏ ସମ୍ପର୍କରେ ସ୍ଥାନୀୟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ।

### ସୃଷ୍ଟି ହେଲା ୨ ହଜାର ...

ଟ୍ରାଫିକ୍ ବ୍ୟବସ୍ଥାରେ ୭୦ଟି ନୂତନ ପଦବୀ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲାସ୍ତର୍‌ରେ ୧୯୩୦ଟି ପଦବୀ ସୃଷ୍ଟି ହୋଇଛି। ରାଜ୍ୟ ସ୍ତରରେ ଏଡିଜିପି, ଆଇଜିପି ଗୋଟିଏ ପଦବୀ, ଡିଆଇଜି (ପୁଲିସ) ଗୋଟିଏ ପଦବୀ, ଏସ୍‌ପି ଦୁଇଟି ପଦବୀ, ଡିଏସ୍‌ପି ୪, ଇନ୍ସପେକ୍ଟର ୬, ଏଏସ୍‌ଆଇ ୮, କନଷ୍ଟେବଳ ୨୨, ଡ୍ରାଇଭର୍ ୧୦, ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର୍ ଗୋଟିଏ, ସେକ୍ସନ୍ ଅଫିସର୍ ଗୋଟିଏ, ଏ.ଏସ୍.ଓ ୩ ଓ ଜୁନିଅର୍ ଆସିଷ୍ଟାଣ୍ଟ ପାଇଁ ତିନୋଟି ପଦବୀ ସୃଷ୍ଟି ହୋଇଛି। ତେବେ ସମୁଦାୟ ୭୦ଟି ପଦବୀ ସୃଷ୍ଟି ହୋଇଛି। ସେହିପରି ଜିଲ୍ଲାସ୍ତରରେ ଡିଏସ୍‌ପି ୫ଟି ପଦବୀ, ଇନ୍ସପେକ୍ଟର ୪୧ ପଦବୀ, ସବ୍-ଇନ୍ସପେକ୍ଟର ୮୩ ପଦବୀ, ଏଏସ୍‌ଆଇ ୮୩ ପଦବୀ, ହାବିଲ୍‌ଦାର ୩୧୦ ଓ କନଷ୍ଟେବଳ ପାଇଁ ୧୪୦୮ଟି ପଦବୀ ସୃଷ୍ଟି କରାଯାଇଛି। ସମୁଦାୟ ୧୯୩୦ଟି ପଦବୀ ସୃଷ୍ଟି ହୋଇଛି। ଏହାଦ୍ୱାରା ରାଜ୍ୟର ଟ୍ରାଫିକ୍ ବ୍ୟବସ୍ଥା ସୁଦୃଢ଼ ହେବ। ସଡ଼କ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବେ ଅନ୍ୟ ରାଜ୍ୟମାନଙ୍କ ପାଇଁ ଅନୁକରଣୀୟ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

### ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ...

ଚିକିତ୍ସା କରାଯାଉଛି। ସ୍ଥାନୀୟ ଅଙ୍ଗନବାଡ଼ି କେନ୍ଦ୍ରରେ କ୍ୟାମ୍ପ୍ କରିଛନ୍ତି ମେଡିକାଲ ଟିମ୍। କ୍ୟାମ୍ପ୍‌ରେ ଚିକିତ୍ସା ସହ ଆକ୍ରାନ୍ତଙ୍କୁ ଓଆର୍‌ଏସ୍ ସହ ଔଷଧ ଦିଆଯାଉଛି। ତେବେ ଗୁରୁତର ଦୁଇଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଭଦ୍ରକ ମେଡିକାଲ୍‌କୁ ପଠାଯାଇଛି। ଝାଡ଼ାବାନ୍ତିର କାରଣ ଖୋଜା ଚାଲିଥିବା ବେଳେ ପଣା ସଂକ୍ରାନ୍ତି ଦିନ ପଣା ଏବଂ ଭୋଗ ଖାଇ ଝାଡ଼ାବାନ୍ତି ହୋଇଥିବା ଆଲୋଚନା ହେଉଛି।

### ସର୍ବନିମ୍ନ ମାସିକ ପାରିଶ୍ରମିକ ...

ପାଇଛି। ସେହିପରି ଡିଙ୍ଗି ଡ୍ରାଇଭର୍, ସି-ମ୍ୟାନ୍ ମେକାନିକ୍, ଖଲାସିଙ୍କ ମାସିକ ପାରିଶମିକ ୩୦ରୁ ୪୫ ହଜାର, ସିରାଙ୍ଗ, ଇଞ୍ଜିନ୍ ଡ୍ରାଇଭର୍‌ମାନଙ୍କର ୩୨ରୁ ୫୦ ହଜାର ଏବଂ ମାଷ୍ଟର୍‌ଙ୍କ ମାସିକ ପାରିଶ୍ରମିକ ୪୦ ହଜାରରୁ ୫୫ ହଜାର ଟଙ୍କାକୁ ବୃଦ୍ଧି ପାଇଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସ୍ପଷ୍ଟ କରିଛନ୍ତି।

### ପକ୍ଷ ରଖିବାକୁ ସରକାରଙ୍କୁ ...

ଆଇନ ଉପରେ ସମ୍ପୂର୍ଣ୍ଣ ସ୍ଥଗିତାଦେଶ ଯଥାର୍ଥ ନୁହେଁ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ ମାମଲା ନ୍ୟାୟିକ ବିଚାରାଧୀନ ଥିବା ପର୍ଯ୍ୟନ୍ତ ବର୍ତ୍ତମାନର ପରିସ୍ଥିତିକୁ ଜଟିଳ କରାଯିବା ଉଚିତ୍ ନୁହେଁ। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ୱାକଫ ଆଇନ ୨୦୨୫ ଉପରେ ମଧ୍ୟବର୍ତ୍ତୀକାଳୀନ ସ୍ଥଗିତାଦେଶ ଦେବାକୁ ମଧ୍ୟ ମନା କରିଦେଇଛନ୍ତି। ତେବେ ନିର୍ଦ୍ଦେଶ ଜାରି କରିଛନ୍ତି ଯେ, ଉପଭୋକ୍ତା ଦ୍ୱାରା ୱାକଫ' ପ୍ରଥା ଅନୁଯାୟୀ ପଞ୍ଜିକୃତ କିମ୍ବା ଘୋଷିତ ସମ୍ପତ୍ତି ସମେତ କୌଣସି ୱାକଫ ସମ୍ପତ୍ତିର ଚରିତ୍ରରେ କୌଣସି ପରିବର୍ତ୍ତନ କରାଯିବା ଉଚିତ୍ ନୁହେଁ। କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ସମସ୍ତ ୱାକଫ ସମ୍ପତ୍ତିକୁ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ ସେମାନଙ୍କର ବର୍ତ୍ତମାନ ଅବସ୍ଥା ସଂରକ୍ଷିତ ରଖିବାକୁ ପଡିବ ଅର୍ଥାତ୍ ସ୍ଥିତାବସ୍ଥା ବଜାୟ ରହିବ। ଏହି ସମୟ ମଧ୍ୟରେ କୌଣସି ୱାକଫ ବୋର୍ଡରେ ନୂତନ ନିଯୁକ୍ତି ଦିଆଯିବା ଉଚିତ୍ ନୁହେଁ ବୋଲି ମଧ୍ୟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ମାମଲାରେ ପରବର୍ତ୍ତୀ ଶୁଣାଣି ଆସନ୍ତା ମେ' ୫ରେ ହେବ ବୋଲି ତାରିଖ ଧାର୍ଯ୍ୟ କରିଛନ୍ତି।

# କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନକଲେ ରାଜ୍ୟପାଳ

**ପୁରୀ,୧୭।୪/ଏନ୍ଏନ୍ଏସ୍:** ସାକ୍ଷୀଗୋପାଳସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରକୁ ବୁଲି ଦେଖିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର ଦ୍ୱାରା ପରିଚାଳିତ ଏହି ବିଜ୍ଞାନ କେନ୍ଦ୍ରରେ କୃଷି ପାଇଁ ବହୁବିଧ ଉନ୍ନତ ମାନର ୟୁନିଟ ରହିଛି। କୃଷକ ମାନଙ୍କୁ ସ୍ୱାବଲମ୍ବୀ ସହ କୃଷିକୁ ନେଇ ଉନ୍ନତ ଜ୍ଞାନକୌଶଳ ସମ୍ପର୍କରେ ସଚେତନ କରାଇବା ପାଇଁ ବିଜ୍ଞାନ କେନ୍ଦ୍ର କାର୍ଯ୍ୟ କରୁଥିବା କାମକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ବିଶେଷକରି ଛତୁ ଚାଷ, ଜାପାନୀ କଉ ମାଛ ଚାଷ, ରଙ୍ଗୀନ ମାଛ ଚାଷ ସମେତ ବିଭିନ୍ନ ପ୍ରକାରର ପକ୍ଷୀ ପାଳନ ନେଇ ଥିବା ୟୁନିଟ୍‌ଗୁଡ଼ିକୁ ରାଜ୍ୟପାଳ ବୁଲି ଦେଖିଥିଲେ। ସେହିପରି ବିଭିନ୍ନ ଔଷଧୀୟ ବୃକ୍ଷ ୟୁନିଟ ସହ ଜୈବିକ ପଦ୍ଧତି ରେ ଚାଷ କାର୍ଯ୍ୟ ନେଇ ବିଜ୍ଞାନ କେନ୍ଦ୍ରରେ ଥିବା ପୋଖରୀ ଓ ଏଠାରେ କରାଯାଉଥିବା ପ୍ରୟୋଗ ଶାଳା ଆଦି ବୁଲି ରାଜ୍ୟପାଳ ଅନୁଧ୍ୟାନ



କରିଥିଲେ। ଏହି ଗସ୍ତ ସମୟରେ ଓଡ଼ିଶାର ଫାଷ୍ଟ ଲେଡି ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳଙ୍କ ସମେତ ବିଶ୍ୱବିଦ୍ୟାଳୟର ଡିନ୍ ପ୍ରଫେସର ପ୍ରସନଜିତ ମିଶ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ସୂର୍ଯ୍ୟ ମିଶ୍ର ଓ ବିଜ୍ଞାନ କେନ୍ଦ୍ରର ଅନ୍ୟାନ୍ୟ ଅଧିକାରୀମାନେ ଏ ସବୁକୁ ବୁଲାଇ ଦେଖାଇବା ସହ ବୁଝାଇଥିଲେ। ରାଜ୍ୟପାଳ ବିଜ୍ଞାନ କେନ୍ଦ୍ରରେ ପହଞ୍ଚିବା ପରେ ତାଙ୍କୁ ପୁଲିସ ପକ୍ଷରୁ ଗାର୍ଡ ଅଫ୍ ଅନର୍ ପ୍ରଦାନ କରାଯାଇଥିବା ବେଳେ ପ୍ରତ୍ୟାବର୍ତ୍ତନ ପୂର୍ବରୁ ରାଜ୍ୟପାଳଙ୍କୁ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ରାଜ୍ୟପାଳ ଏହି ଅବସରରେ କୃଷକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ଥିବା ବିଭିନ୍ନ ଯୋଜନା ମାଧ୍ୟମରେ ଲାଭନ୍ୱିତ କରାଇବା ଲକ୍ଷ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ପ୍ରଦାନ କରିଥିଲେ।

# ଭକ୍ତକବି ସାଲବେଗଙ୍କ ମହାପ୍ରୟାଣ ଦିବସ

**ପୁରୀ,୧୭।୪/ଏନ୍ଏନ୍ଏସ୍:** ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ଭକ୍ତକବି ସାଲବେଗଙ୍କ ମହାପ୍ରୟାଣ ଦିବସ ରେ ବଡ଼ଦାଣ୍ଡ ବଳଗଣ୍ଡିସ୍ଥ ଭକ୍ତ ସାଲବେଗଙ୍କ ସମାଧି ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସାରସ୍ୱତ ସଭାରେ ବିଶିଷ୍ଟ ଭାଷାବିତ ଡକ୍ଟର କୈଳାସ ଚନ୍ଦ୍ର ଟିକାୟତରାୟ ମୁଖ୍ୟଅତିଥି, ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ଦିଲୀପ କୁମାର ସ୍ୱାଇଁ ମୁଖ୍ୟବକ୍ତା ଏବଂ ଭକ୍ତ କବି ସାଲବେଗ ସାଂସ୍କୃତିକ ପରିଷଦର ସାଧାରଣ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଲବେଗଙ୍କ ଜୀବନୀ, କାବ୍ୟାଦର୍ଶ ଓ ଜୀବନ ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଓଡ଼ିଶାରେ ମୋଗଲ ଗୋଳ ଚାଲିଥିବା ବେଳେ ଜଣେ ଯବନ କବି ଜଗନ୍ନାଥ ମହିମାର ପ୍ରଚାର କରି ସମାଜରେ ଯେଉଁ ସଦ୍ଭାବନାର ବାର୍ତ୍ତା ପ୍ରଚାର କରିଥିଲେ ତାହା ବିରଳ। ସାଲବେଗ କେବଳ ଜଣେ ଭକ୍ତକବି ଭାବରେ ନୁହେଁ ସାଲବେଗ କବିତାର ପ୍ରେମବୋଧ ଓ ସୌନ୍ଦର୍ଯ୍ୟ ତତ୍ତ୍ୱ ସମ୍ପର୍କରେ ଆଜିର ଗବେଷକମାନେ ଗବେଷଣା କରିବା ଉଚିତ୍ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ପରିଷଦର ସଭାପତି ଚକ୍ରଧର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ପରିଷଦର ଉପଦେଷ୍ଟା ସୁଶ୍ରୀ କ୍ରିଷ୍ଣା ମହାପାତ୍ର ସ୍ୱାଗତ କରିଥିବା ବେଳେ ସାଂସ୍କୃତିକ ସମ୍ପାଦିକା ଅନ୍ନପୂର୍ଣ୍ଣା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କଣ୍ଠଶିଳ୍ପୀ ଶକ୍ତିପ୍ରସାଦ ନାୟକ, ପ୍ରୀତିଶା ମହାପାତ୍ର ଓ ପ୍ରଜ୍ଞା ମିଶ୍ର ସାଲବେଗଙ୍କ ରଚନାରୁ ଭକ୍ତିସଙ୍ଗୀତ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସମାଧି ପୀଠରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏଥିରେ ବହୁ ଗବେଷକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ।

# ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ



**ପୁରୀ,୧୭।୪/ଏନ୍ଏନ୍ଏସ୍:** ମହାନ ଜନନାୟକ, ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସରେ ଆଜି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ଠାରେ ପାଳନ କରାଯାଇଛି। ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ କାର୍ଯ୍ୟକ୍ରମ ରୂପାୟନ କମିଟି, ଓଡ଼ିଶା ର ଅଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା ଆଜି ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ, ବ୍ରହ୍ମଗିରି ଓ ପୁରୀ ସଦର ବ୍ଲକ ବିଜୁ ଜନତା ଦଳ କର୍ମୀମାନଙ୍କ ସହିତ କୃଷ୍ଣପ୍ରସାଦ ବ୍ଲକ ସାତପଡ଼ା ଉଉଇ ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ବିଜୁ ପଟ୍ଟନାୟକ ଓଡ଼ିଶାର ବରପୁତ୍ର। ଦେଶର ସ୍ୱାଧୀନତା ପ୍ରାପ୍ତି ତଥା ଓଡ଼ିଶାର ସାମଗ୍ରୀକ ବିକାଶ କ୍ଷେତ୍ରରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ଓ ଅବର୍ଣ୍ଣନୀୟ। ତାଙ୍କୁ କୌଣସି ରାଜନୀତିକ ବନ୍ଧନୀ ମଧ୍ୟରେ ସୀମିତ ରଖିବା ଦେଶ ପ୍ରତି ଅସମ୍ମାନ। ବିଜୁ ପଟ୍ଟନାୟକଙ୍କ ହେଉଛନ୍ତି ସେହି ବ୍ୟକ୍ତି ଯାହାଙ୍କ ପରଲୋକ ରେ ତିନୋଟି ଦେଶର ଜାତୀୟ ପତାକା ଅର୍ଦ୍ଧନିର୍ମିତ ହୋଇଥିଲା। ତାଙ୍କୁ ଭାରତ ରତ୍ନ ଦେବା ପାଇଁ ଓଡ଼ିଶା ବାସୀ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଛନ୍ତି। ତାଙ୍କୁ ସମ୍ମାନ ବା ଭାରତ ରତ୍ନ ଦେବା ପାଇଁ ଉଦ୍ୟମ ତ ଦୂରର କଥା ଏବେ ତାଙ୍କ ନାମ ଲିଭାଇ ଦେବାକୁ ରାଜ୍ୟ ବିଜେପି ସରକାର ଉଦ୍ୟମ କରୁଛି। ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ କରିବା ପରି କାର୍ଯ୍ୟ ରାଜ୍ୟ ବିଜେପି ସରକାର ନିରନ୍ତର କରୁଛନ୍ତି। ଏହା ଓଡ଼ିଶା ବାସୀଙ୍କୁ ପ୍ରଚଣ୍ଡ ଆଘାତ ଦେଇଛି। ତେଣୁ ସଂକୀର୍ଣ୍ଣ ରାଜନୀତିରୁ ଉର୍ଦ୍ଧ୍ୱକୁ ନ ଉଠିଲେ ଓଡ଼ିଶାବାସୀ ବିଜେପିକୁ କ୍ଷମା କରିବେ ନାହିଁ ବୋଲି ଶ୍ରୀ ଦାସବର୍ମା କହିଥିଲେ।

ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ, କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ ସଭାପତି ଲକ୍ଷ୍ମୀଧର ସାହୁ, କୃଷ୍ଣପ୍ରସାଦ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ, ବ୍ରହ୍ମଗିରି ବ୍ଲକ ଅଧ୍ୟକ୍ଷା ରତ୍ନବାଳା ବେହେରା, ଉପାଧ୍ୟକ୍ଷା ମାଳିନୀ ଦଳାଇ, ପୁରୀ ସଦର ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ପ୍ରଧାନ, ସମିତି ସଭ୍ୟ କାର୍ତ୍ତବିଯ୍ୟ ସ୍ୱାଇଁ, ଜିଲ୍ଲା ପରିଷଦ ସଦସ୍ୟ ସନ୍ଦିପ କୁମାର ଜେନା, ବରିଷ୍ଠ ନେତା ରମେଶ ପଲେଇ, ପଦ୍ମ ଚରଣ ଜେନା, ରାମଚନ୍ଦ୍ର ଷଡ଼ଙ୍ଗୀ, ଭଗବାନ ନାୟକ, ରଘୁନାଥ ଜେନା, ମହିଳାନେତ୍ରୀ ମାନସୀ ହରିଚନ୍ଦନ, ସସ୍ମିତା ସାହୁ, ସକୁନ୍ତଳା ମିଶ୍ର, ବ୍ରହ୍ମଗିରି ବ୍ଲକ ପୂର୍ବତନ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ରାୟ, ଯୁବ ନେତା ବିଜୟ କୁମାର ଦଳେଇ, ନରସିଂହ ପତି, ବୃନ୍ଦାବନ ପ୍ରଧାନ, ପୂର୍ବତନ ଉପାଧ୍ୟକ୍ଷ ଯୁଧିଷ୍ଠିର ନାୟକ, ବ୍ରହ୍ମପୁର ସରପଞ୍ଚ ସନ୍ତୋଷ କୁମାର ଜେନା, ସମିତି ସଭ୍ୟ କାଳୁ ଜେନା, ସମିତି ସଭ୍ୟ ମଣ୍ଟୁ ପ୍ରଧାନ, ଗୋଲାପ ସ୍ୱାଇଁ, ସର୍ବେଶ୍ୱର ଜେନା, ଯୁବ ଛାତ୍ର ଜନତା ଦଳ ପ୍ରତିନିଧି ଓ ପ୍ରମୁଖ ମହିଳା ନେତୃମଣ୍ଡଳୀ ଏବଂ ବହୁ ବିଜୁ ପ୍ରେମୀ ଉପସ୍ଥିତ ଥିଲେ।

# ୧୮ରୁ କଳା ସଂସ୍କୃତି ଉତ୍ସବ ଓ ଭାରତ ସଂସ୍କୃତ ଯାତ୍ରା




**ପୁରୀ ସଦର,୧୭।୪/ଏନ୍ଏନ୍ଏସ୍:** ଚଳିତ ମାସ ୧୮ ତାରିଖ ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅଡିଟୋରିୟମରେ 'ଓଡ଼ିଶା କଳା ଏବଂ ସଂସ୍କୃତି ଉତ୍ସବ' ଏବଂ 'ଭାରତ ସଂସ୍କୃତ ଯାତ୍ରା' କାର୍ଯ୍ୟକ୍ରମ ଆୟୋଜନ ହେବାକୁ ଯାଉଛି। ଓଡ଼ିଶା ଫେଷ୍ଟିଭାଲ୍ ଅଫ୍ ଆର୍ଟ ଆଣ୍ଡ କଲଚର ଆଣ୍ଡ ଭାରତ ସଂସ୍କୃତ ଯାତ୍ରାର ମୁଖ୍ୟ ଧ୍ୟାନ ହେଉଛି ଭାରତର ଧାରଣାକୁ ସମସ୍ତଙ୍କ ସହ ଯୋଡିବା। ଏହି ଉତ୍ସବରେ ବିଶ୍ୱର ମନୋନୀତ ଯୁବ କଳାକାରମାନଙ୍କ ସହିତ ଭାରତର ଜଣାଶୁଣା କଳାକାରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ଏଥିରେ ପ୍ରାୟ ଦେଢ଼ହଜାରରୁ ଉର୍ଦ୍ଧ୍ୱ କଳାକାର ଭାଗ ନେଉଥିବା ବେଳେ ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସମସ୍ତ କଳାକାରମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ହିନ୍ଦୁସ୍ଥାନ ଆର୍ଟ ଆଣ୍ଡ ମ୍ୟୁଜିକ ସୋସାଇଟିର ସଂପାଦକ ପ୍ରସନ୍ନଜିତ୍ ପୋଦାର। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଗ୍ଲୋବାଲ ପରିଚାଳକ ଗୁରୁ ଡ଼ ଗଜେନ୍ଦ୍ର ପଣ୍ଡା, କନ୍‌ଭେନର୍ ତଥା ଇଣ୍ଡିଆ ଜାପାନ ଫ୍ରେଣ୍ଡ୍‌ଶିପ୍ ସେଣ୍ଟର୍‌ର ସଭାପତି ଶ୍ରୀମନ୍ତ କୁମାର ଦାସ, ବିକ୍ରମ ସାହୁ, ସନ୍ଦୀପ ନନ୍ଦୀ ପ୍ରମୁଖ ଯୋଗଦାନ କରିଥିଲେ।

# ଜିଲ୍ଲା ଚେସ୍ ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକ

**ନୟାଗଡ଼,୧୭।୪/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଚେସ ଆସୋସିଏସନର ସାଧାରଣ ପରିଷଦ ବୈଠକ ଆଜି ପୂର୍ବାହ୍ନରେ ନୟାଗଡ଼ କେସି କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି।

ଆସୋସିଏସନ ଉପ ସଭାପତି ବାଲାରସେନ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଚେସ କମିଟିର କାର୍ଯ୍ୟକାଳ ଶେଷ ହୋଇ ଯାଇଥିବାରୁ ନୂତନ କମିଟି ଗଠନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଣୁ ଆସନ୍ତା ୨୭ ତାରିଖ ରବିବାର ଦିନ ନିର୍ବାଚନ କରାଯିବାକୁ ବୈଠକରେ ସ୍ଥିର ହୋଇଥିଲା। ଅନ୍ୟପକ୍ଷରେ ଆସନ୍ତା ବର୍ଷ ଜିଲ୍ଲା ସଂଘରେ ଅଧିକ ନୂତନ ସଦସ୍ୟ ଗ୍ରହଣ କରିବା ତଥା ରାଜ୍ୟ ଚେସ ଆସୋସିଏସନର ମିଳିତ ସହଯୋଗରେ




ରାଜ୍ୟସ୍ତରୀୟ ଓପନ ଚେସ ଟୁର୍ଣ୍ଣାମେଣ୍ଟ, ଜିଲ୍ଲାସ୍ତରୀୟ ଓପନ ଚେସ ଟୁର୍ଣ୍ଣାମେଣ୍ଟ, ଆନ୍ତଃ ବିଦ୍ୟାଳୟସ୍ତରୀୟ ଟୁର୍ଣ୍ଣାମେଣ୍ଟ, ଚେସ ପ୍ରଶିକ୍ଷଣ ଆଦି କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଜିଲ୍ଲା ଚେସ ଆସୋସିଏସନ ସମ୍ପାଦକ ରିତେଶ ରଥ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବାରୁ ତାଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଆଜିର ଏହି ବୈଠକରେ ସଂଘ ପକ୍ଷରୁ ସମ୍ପାଦକ ରିତେଶ ରଥ, କୋଷାଧ୍ୟକ୍ଷ ତାରୁନ ଖାଁ, କେସି କ୍ଲବ ସଭାପତି ଭାଗିରଥି ଦାସ, ଅଜିତ କୁମାର ମିଶ୍ର, ଉମାକାନ୍ତ ମିଶ୍ର, ଲକ୍ଷ୍ମୀଧର ସାହୁ, ଜଗମୋହନ ଷଡ଼ଙ୍ଗୀ,ପ୍ରକାଶ ମହାପାତ୍ର, ଧିରେନ ପ୍ରଧାନ, ସଞ୍ଜୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରବାସୀ ଶିଳ୍ପୀ ସମାବେଶ

# ରାଜ୍ୟ ସରକାରଙ୍କ ପୃଷ୍ଠପୋଷକତାରେ ଏକ ଭବ୍ୟ ମନ୍ଦିର ଗଢ଼ିବାକୁ ଦାବି



**ସୋର,୧୭।୪/ଏନ୍‌ଏନ୍‌ଏସ୍:** ଆମ ରାଜ୍ୟର ପଥର କାରିଗରଙ୍କ ସହଯୋଗରେ ନୂଆଦିଲ୍ଲୀର ଅକ୍ଷରଧାମ ମନ୍ଦିରଠୁ ଆରମ୍ଭ କରି ଅଯୋଧ୍ୟାର ରାମ ମନ୍ଦିର ଯାଏଁ ଅନେକ ଭବ୍ୟ ମନ୍ଦିର ଗଢ଼ି ଉଠିଛି। ବିଦେଶରେ ଆମେରିକାର ନିଉଜର୍ସି ଓ ଦୁବାଇର ଆବୁଧାବିର ସ୍ୱାମୀ ନାରାୟଣ ମନ୍ଦିରରେ ଆମ ଓଡ଼ିଆ କାରିଗରଙ୍କ ସ୍ୱାକ୍ଷର ରହିଛି। ଏସବୁ ମନ୍ଦିର କେବଳ ଧାର୍ମିକ ପୂଜାସ୍ଥଳୀ ଭାବେ ନୁହେଁ ସେ ସ୍ଥାନର ଆର୍ଥିକ ବିକାଶ ସହ ନିଯୁକ୍ତିର ଏକ ନୂଆ ରାସ୍ତା ଖୋଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହଯୋଗର ହାତ ବଢ଼ାଇଲେ ବାହାର ରାଜ୍ୟରେ ନିଜର ପରାକାଷ୍ଠା ଦେଖାଇ ଆସିଥିବା ଆମ ପଥରଶିଳ୍ପୀ ନିଜ ରାଜ୍ୟରେ ଏକ ଭବ୍ୟ ମନ୍ଦିର ଗଢ଼ିପାରନ୍ତେ ବୋଲି ପ୍ରବାସୀ ଶିଳ୍ପୀ ମହାସଂଘରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରବାସୀ ଶିଳ୍ପୀ ସମାବେଶରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗଦେଇ ନିଜ ଅଞ୍ଚଳର ପଥରଶିଳ୍ପୀ ସାରା ଭାରତ ବର୍ଷରେ ଅନନ୍ୟ ବୋଲି ପ୍ରକାଶ କରିଥିଲେ। କାରିଗରଙ୍କ ସାମାଜିକ ସୁରକ୍ଷା ସହ ପଥର ଅଭାବକୁ ନେଇ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଅନ୍ୟତମ ଅତିଥିଭାବେ ପୂର୍ବତନ ସୋର ବିଧାୟକ ପର୍ଶୁରାମ ଧଡ଼ା ଯୋଗଦେଇ କାରିଗର ଏକତା ଉପରେ ଧ୍ୟାନ ଦେବାସହ ଡିଜିଟାଲ୍ ମିଡିଆର ସହଯୋଗରେ ନିଜ ବ୍ୟବସାୟ ବୃଦ୍ଧି କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ବ୍ରଜକିଶୋର ଜେନା, ବିଶିଷ୍ଟ ପଥରଶିଳ୍ପୀ ଶଙ୍କର୍ଷଣ ସେଠୀ, ବାଲେଶ୍ୱର ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟର ସହନିର୍ଦ୍ଦେଶକ କୁଅଁର ମାରାଣ୍ଡି ଓ ଭାରତ ସରକାରଙ୍କ ଭୁବନେଶ୍ୱରସ୍ଥିତ ହସ୍ତଶିଳ୍ପ ସେବାକେନ୍ଦ୍ରର ଡିଜାଇନର୍ ରମାନୁଜନ ବୈରଗଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦିବଙ୍ଗତ ପଥରଶିଳ୍ପୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଏହାସହ ଦିବଙ୍ଗତ ଶିଳ୍ପୀଙ୍କ ପରିବାର ସଦସ୍ୟ ତଥା ଏବେ ବି ପଥରଗୁଣ୍ଡ ଜମି ଅସୁସ୍ଥ ହୋଇ ପଡ଼ିଥିବା ଶିଳ୍ପୀଙ୍କ ସହ ଘରକୁ ଫେରିଥିବା ଅନେକ ପ୍ରବାସୀ ଶିଳ୍ପୀଙ୍କୁ ମହାସଂଘ ପକ୍ଷରୁ ସମ୍ମାନିତ କରାଯାଇଥିଲା। ମୃତ୍ୟୁବରଣ କରିଥିବା ପରିବାରକୁ ଆର୍ଥିକ ସହାୟତା ଓ ଅସୁସ୍ଥ ଶିଳ୍ପୀଙ୍କ ପାଇଁ ଚିକିତ୍ସା ସହାୟତା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଯୋଗାଇଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଥିଲା। ଏତଦ୍‌ବ୍ୟତୀତ ରାଜ୍ୟ କାରିଗରଙ୍କ ପାଇଁ କଳାକାରଙ୍କ ଭଳି ମାସିକ ଆର୍ଥିକ ସହାୟତା ଓ ରାଜ୍ୟ ହସ୍ତତନ୍ତ, ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ନୂତନ ପରିଚାଳନା ବୋର୍ଡ ଯଥାଶୀଘ୍ର ଗଠନ ପାଇଁ ମହାସଂଘ ଦାବି ଉଠାଇଥିଲା।

ତଳକାଁପଡ଼ାରେ ବୋମାମାଡ଼ ଘଟଣା

# ୧ ପ୍ଲାଟୁନ୍ ପୁଲିସ ମୁତୟନ, ତଦନ୍ତ ଜାରି



**ତିହିଡ଼ି,୧୭।୪/ଏନ୍‌ଏନ୍‌ଏସ୍:** ତିହିଡ଼ି ଥାନା ଅନ୍ତର୍ଗତ କାଁପଡ଼ା ପଞ୍ଚାୟତ ତଳକାଁପଡ଼ା ଗ୍ରାମରେ ବୁଧବାର ରାତିରେ ବୋମାମାଡ଼ ସହ ଆକ୍ରମଣ ଫଳରେ ୯ ଜଣ ଆହତ ହୋଇଛନ୍ତି। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିବାବେଳେ ସେଠାରେ ଏକ ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇଛି। ଗୁରୁବାର ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ କରିଛି। ସେହିପରି ଆରକ୍ଷୀ ଅଧୀକ୍ଷକ ଓ ଏସ୍‌ଡିପିଓ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଆକ୍ରମଣ କରାଯାଇଥିବା କୁହାଯାଇଛି। ପୁଲିସ ନିଜଆଡୁ ଏକ ମାମଲା ରୁଜୁ କରିଥିବାବେଳେ ଉଭୟ ପକ୍ଷଙ୍କ ଏତଲାକ୍ରମେ ଆଉ ୨ଟି ମୋଟ ୩ଟି ଏତଲା ରୁଜୁ କରାଯାଇଛି। ବୋମାମାଡ଼ କରିଥିବା ନେଇ ଉଭୟ ପକ୍ଷ ପରସ୍ପରକୁ ଦାୟୀ କରିଛନ୍ତି।

ତଳକାଁପଡ଼ା ଗ୍ରାମର ମୁକ୍ତିକାନ୍ତ ଦାସ କରିଥିବା ଅଭିଯୋଗ ଅନୁଯାୟୀ, ଅପରପକ୍ଷର ଶୁକଦେବ ମଳିକ, ସୁରେନ୍ଦ୍ର ମଳିକ, କାଶିନାଥ ମଳିକ, ସନାତନ ମଳିକ, ଦୀନବନ୍ଧୁ ଦାସ, ଦିପେନ୍ଦ୍ର ଦାସ, ବାସୁଦେବ ଦାସ, ସବାଖିଆ ଦାସ, ମେଘନାଦ ଦାସ, ଅଭୟ ଦାସ, ଜଗା ଦାସ, ଅନୁ ଦାସ, ପ୍ରତାପ ଦାସ ଓ ରାଜୀବ ଦାସ ପ୍ରମୁଖ ବୁଧବାର ଦିନ ୧ଟାରେ ଧମକ ଚମକ ଦେଇଥିଲେ। ତେବେ ରାତିରେ ସେମାନେ ଦଳବଦ୍ଧ ହୋଇ ମୁକ୍ତିକାନ୍ତଙ୍କ ଘର ଭିତରେ ପଶିଥିଲେ। ଭାରତୀ ଦାସଙ୍କ ମୁଣ୍ଡକୁ ପ୍ରଥମେ ଦୀନବନ୍ଧୁ ଦାସ ଭୁଜାଲିରେ ଚୋଟ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା ଏବଂ ସେ ତଳେ ପଡ଼ିଥିବା ବେଳେ ମୁକ୍ତିକାନ୍ତ ତାଙ୍କୁ ଉଠାଉଥିଲେ। ଏହି ସମୟରେ ଅନ୍ୟମାନେ ବୋମା ପକାଇବା ସହ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ରମେଶ ମଳିକ, ବଳରାମ ମଳିକ, ସୁବାସ ଦାସ ଓ ରଶ୍ମିତା ଦାସ ଗୁରୁତର ହୋଇଥିଲେ। ବଳରାମ କଟକ ମେଡିକାଲ୍‌ରେ ଚିକିତ୍ସିତ ହେଉଥିବାବେଳେ ଭଦ୍ରକରେ ଭାରତୀ ଦାସ, ରଶ୍ମିତା ଦାସ ଓ ରମେଶ ମଳିକ ପ୍ରମୁଖ ଚିକିତ୍ସାଧୀନ ଅଛନ୍ତି। ସେହିପରି ଅନ୍ୟମାନେ ମଧ୍ୟ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଶୁକଦେବ ଦାସ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଘଟଣାସ୍ଥଳରେ ନଥିଲେ ବୋଲି କହିଛନ୍ତି।

ସେହିପରି ଅପରପକ୍ଷର ରେବତୀ ଦାସ କରିଥିବା ଅଭିଯୋଗ ଅନୁଯାୟୀ, ଗ୍ରାମର ପ୍ରଫୁଲ୍ଲ ଦାସ, ସିପୁ ଦାସ, ରାହୁଲ ଦାସ, ଗୁରେଖା ଦାସ, ବୀର ଦାସ, ବୁଲୁ ଦାସ, ସୁବଧିଆ ଦାସ, ନିଲୁ ଦାସ, ଗୋପବନ୍ଧୁ ଦାସ, ଦାମ ଦାସ, ରମେଶ ଦାସ, ଶ୍ରୀକୃଷ୍ଣ ଦାସ ଓ ଅରୁଣ ଦାସ ପ୍ରମୁଖ ବୁଧବାର ରାତି ପ୍ରାୟ ୯ଟାରେ ଆତଙ୍କରାଜ ସୃଷ୍ଟି କରିବା ସହ ବୋମାମାଡ଼ କରିଥିଲେ। ତେବେ ଘଟଣାର ତଦନ୍ତ କରାଯାଉଛି ବୋଲି ଏସ୍‌ଡିପିଓ ତ୍ରିଲୋଚନ ସେଠୀ କହିଛନ୍ତି।

# ଧର୍ମପ୍ରାଣାଙ୍କ ପରଲୋକ

**ତାଳଚେର,୧୭।୪/ଏନ୍‌ଏନ୍‌ଏସ୍:** ତାଳଚେର ବ୍ଲକ୍ ଅନ୍ତର୍ଗତ ସୋଲଡ଼ା ଗ୍ରାମର ପଣ୍ଡିତ ହୃଷିକେଶ ଶତପଥୀଙ୍କ ଧର୍ମପତ୍ନୀ ପ୍ରେମପଞ୍ଚାଳୀ ଶତପଥୀଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ କିଛିଦିନ ହେବ ଶଯ୍ୟାଶାୟୀ ଥିଲେ। ସେ ଏକାଧାରରେ ଜଣେ କର୍ମନିଷ୍ଠ, କର୍ତ୍ତବ୍ୟପରାୟଣ, ପରାକାଷ୍ଠା, ଭାଗବତପ୍ରେମୀ, ପରୋପକାରୀ ଓ ମିଷ୍ଟଭାଷୀ ମହିଳା ଥିଲେ। ମୃତ୍ୟୁ ଖବରପାଇ ତାଳଚେର ଟ୍ରକ୍ ମାଲିକ ସଂଘ ସଭାପତି, ବହୁ ଟ୍ରକ୍ ମାଲିକ, ଜିଲ୍ଲାପରିଷଦ, ସରପଞ୍ଚ, ସମିତିସଭ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁଅ ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ତଥା ତାଳଚେର ଟ୍ରକ୍ ମାଲିକ ସଂଘର ସାଧାରଣ ସମ୍ପାଦକ ରତନ ଶତପଥୀ ଓ ଏମ୍‌ସିଏଲ୍ କର୍ମଚାରୀ ତପନ ଶତପଥୀଙ୍କ ସହ ତିନି ଝିଅ, ଦୁଇ ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଏକ ବିରାଟ ପଟୁଆରରେ ଗାଁ ପରିକ୍ରମା କରାଇ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମସତ୍କାର କରାଯାଇଥିଲା।

# ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ଓଡ଼ିଆ ନବବର୍ଷ



**ଯୋଡ଼ା,୧୭।୪/ଏନ୍‌ଏନ୍‌ଏସ୍:** କେନ୍ଦୁଝର ଜିଲ୍ଲାର ଯୋଡ଼ା ପୌରପାଳିକା ଅନ୍ତର୍ଗତ ଓଡ଼ିଆ ସ୍ୱାଭିମାନ ମଞ୍ଚ ପକ୍ଷରୁ ପଣା ସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ ପାଳନ କରାଯାଇଛି। ଏଥିରେ ଓଡ଼ିଆ କଳାକୁ ଦୃଷ୍ଟିରେ ରଖି ଝୋଟି, ଚିତା, ମୁରୁଜ, ଶଙ୍ଖ ଓ ହୁଳହୁଳି ପ୍ରତିଯୋଗିତା କରାଯାଇ ପ୍ରଥମ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଏକ ସାଧାରଣ ସଭାର ଆୟୋଜନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଉପଦେଷ୍ଟା ଡକ୍ଟର. ମୁରଲୀ ମନୋହର ଶର୍ମା ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ସମ୍ମାନିତ ଅତିଥିଭାବେ ଯୋଡ଼ା ପୌରଧକ୍ଷ ଡ. ଜଗଦୀଶ ପ୍ରାସାଦ ସାହୁ, ଟାଟା ଷ୍ଟିଲ୍ ମାଇନ୍ସ ମୁଖ୍ୟ ରାଜେଶ୍ କୁମାର ଓ ମୁଖ୍ୟବକ୍ତା ଭାବେ ବଡବିଲ ତହସିଲଦାର ରାକେଶ କୁମାର ପଣ୍ଡା ଯୋଗ ଦେଇଥିଲେ। ପରିବେଶକୁ ଦୃଷ୍ଟିରେ ରଖି ବୃକ୍ଷରୋପକୁ ଉତ୍ସାହିତ କରିବା ପାଇଁ ‘ପରିବେଶ ମିତ୍ର ସମ୍ମାନ’ ବାଉସପାଣିର ଗୌର ପଲେଇ, କୃଷି ଉପରେ ପ୍ରାଧାନ୍ୟ ଦେଇ ‘କୃଷି ମିତ୍ର ସମ୍ମାନ’ ଗଙ୍ଗାଧର ମୁଣ୍ଡା ଓ ‘ବିଷୁବ ସମ୍ମାନ’ରେ ଦେବାଶିଷ ଚକ୍ରବର୍ତ୍ତୀଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ଅତିଥିମାନେ ଓଡ଼ିଆ ନବବର୍ଷ, ବିଷୁବ ସଂକ୍ରାନ୍ତି, ଆମ୍ବେଦକର ଜୟନ୍ତୀ ଓ ହନୁମାନ ଜୟନ୍ତୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ତାରିଣୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଆ ସ୍ୱାଭିମାନ ମଞ୍ଚ ସଭାପତି ଚର୍ଚ୍ଚିଲ ମହାକୁଡ଼ ଧନ୍ୟବାଦ ଦେଇଥିଲେ।

# ‘ଆମ ଇତିହାସ ବିଜୁ ବାବୁଙ୍କ ସେବା ଓ ତ୍ୟାଗର ଜୀବନ୍ତ ଆଲେଖ୍ୟ’



**ବାଲେଶ୍ୱର,୧୭।୪/ଏନ୍‌ଏନ୍‌ଏସ୍:** ଓଡ଼ିଆଙ୍କ ଗର୍ବ, ସାହସୀ ଓ ନିର୍ଭୀକ ବ୍ୟକ୍ତିତ୍ୱ ଭାବେ ପ୍ରତିଟି ଓଡ଼ିଆଙ୍କ ମନରେ ବିଜୁ ବାବୁ ଚିରସ୍ମରଣୀୟ। ଏହି ମହାନାୟକଙ୍କ ୨୮ତମ ତିରୋଧାନ ଦିବସକୁ ବିଜେଡି ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ପକ୍ଷରୁ ପାଳନ କରାଯାଇଛି। ଏହି ଅବସରରେ ସକାଳ ୮ଟାରେ ବାଲିଘାଟରେ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ତିଳ ତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବାରବାଟୀ ଛକରେ କାଉନସିଲର୍ ମୀନା ମହାନ୍ତିଙ୍କ ପ୍ରଚେଷ୍ଟାରେ ଏକ ଜଳଛତ୍ରକୁ ନାରୀ ନେତ୍ରୀ ଡ. ଲେଖାଶ୍ରୀ ସାମନ୍ତସିଂହାର ଓ ପୂର୍ବତନ ବିଧାୟକ ସ୍ୱରୂପ ଦାସ ଉଦ୍‌ଘାଟନ କରିଥିଲେ। ପରେ ସହରର ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାସହ ଫାଣ୍ଡିଛକ ଏବଂ ଡିଆଇସି ଛକରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ମାଲ୍ୟାର୍ପଣ କରାଯାଇଥିଲା। ପରେ ଗାନ୍ଧିସ୍ମୃତି ଭବନରେ ବିଶାଳ ସାଧାରଣ ସଭା ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଭାପତି ତଥା ପ୍ରାକ୍ତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ଆମ ଇତିହାସ ବିଜୁ ବାବୁଙ୍କ ସେବା, ତ୍ୟାଗ ଓ ନିରନ୍ତର ସଂଗ୍ରାମର ଜୀବନ୍ତ ଆଲେଖ୍ୟ। ସାରା ଜୀବନ ବିଜୁ ବାବୁ ଜନସେବାକୁ ସର୍ବାଧିକ ଗୁରୁତ୍ୱ ଦେଇ ଆସୁଥିଲେ। ଏହି ମହାନ୍ ଜନନେତାଙ୍କ ଶ୍ରାଦ୍ଧ ଦିବସ ଅବସରରେ ଏହି ସେବା ମନୋଭାବକୁ ଆହୁରି ପରିବର୍ଦ୍ଧିତ କରିବାକୁ ଶ୍ରୀ ପାଣିଗ୍ରାହୀ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ପ୍ରବକ୍ତା ଡ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ପ୍ରତିଟି ଓଡ଼ିଆଙ୍କ ହୃଦୟରେ ବିଜୁ ପଟ୍ଟନାୟକ ଅଛନ୍ତି। ଚାହିଁଲେ ବି ଏହାକୁ କେହି ବାହାର କରିପାରିବେନି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଦର ବିଧାୟକ ସ୍ୱରୂପ ଦାସ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ରେମୁଣା ଏନ୍‌ଏସି ଅଧ୍ୟକ୍ଷା ତନୁଜା ଗିରି, ଉପାଧ୍ୟକ୍ଷ ଆଇସାନ ଖାଁ,ବାଲେଶ୍ୱର ଉପ ନଗରପାଳ କୈଳାସ ସେଠୀ, ପୂର୍ବତନ ଉପନଗରପାଳ ମନୋଜ ରାଉତ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ଧୀରେନ ନାୟକ, ଗଙ୍ଗାଧର ମିଶ୍ର, ରାଧାଗୋବିନ୍ଦ ଖଟୁଆ, ସଂଯୁକ୍ତା ରାଉତ, ବିଦ୍ୟୁତଲତା ରାଉତ, ଜିଲ୍ଲାପରିଷଦ ସଭ୍ୟ ଅଭିମନ୍ୟୁ ଧାନ୍ଦା, ସୋନାଲି ବିଶ୍ୱାଳ, ବାଲେଶ୍ୱର ଟାଉନ ମହିଳା ସଭାପତି ମୀନା ମହାନ୍ତି ଓ କାଉସିଲର୍ ଅର୍ପିତା ପ୍ରିୟଦର୍ଶିନୀ ପଟ୍ଟନାୟକ ପ୍ରମୁଖ ଅଭିଭାଷଣ ପ୍ରଦାନ କରିଥିଲେ। ସଦର, ରେମୁଣା, ସିମୁଳିଆ ଓ ନୀଳଗିରିର ଶତାଧିକ ବିଜେଡି କର୍ମୀ, ବୁଦ୍ଧିଜୀବୀ, ସରପଞ୍ଚ, ସମିତିସଭ୍ୟ ଓ କାଉନସିଲର୍ ପ୍ରମୁଖ ସାମିଲ ହୋଇଥିଲେ। ମିଡ଼ିଆ ସଂଯୋଜକ ଧୀରେନ ନାୟକ ଧନ୍ୟବାଦ ଦେଇଥିଲେ।



**କେନ୍ଦୁଝର:** ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ବିଜେଡି ପକ୍ଷରୁ ସଦର ମହକୁମାରେ ଥିବା ସମସ୍ତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଥାନା ଛକ ନିକଟରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ପୂଜନ କରାଯାଇଥିଲା ଏବଂ ଶେଷରେ ପୁରୁଣାବଜାରସ୍ଥିତ ଭିନ୍ନକ୍ଷମ ବିଦ୍ୟାଳୟରେ ଫଳ ବଣ୍ଟା ଯାଇଥିଲା। ଜିଲ୍ଲା ଓକିଲ ସଂଘର ପୂର୍ବତନ ସଭାପତି ତଥା ଜିଲ୍ଲାପରିଷଦ ସଦସ୍ୟ ଆଶିଷ ଚକ୍ରବର୍ତ୍ତୀଙ୍କ ସଂଯୋଜନା ଓ ପରିଚାଳନାରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ସାଗରିକା ସାହୁ, କେନ୍ଦୁଝରଗଡ଼ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ଜିଲ୍ଲାପରିଷଦ ସଦସ୍ୟ ଅରୁଣ ବାରିକ, ରଥ ମୁଣ୍ଡା, କ୍ଷିରୋଦିନି ମହାକୁଡ, ଝୁମ୍ପୁରା ବ୍ଲକ୍ ଅଧ୍ୟକ୍ଷା ମାଳତୀ ନାଏକ, ବିଜେଡିର ଜିଲ୍ଲା ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ପୂର୍ବତନ ନଗରପାଳ ପ୍ରଭଞ୍ଜନ ପଟ୍ଟନାଏକ, ମୀନା ମାଝୀ, ସଦର ବ୍ଲକ୍ ସଭାପତି ଚକ୍ରଧର ପରିଡ଼ା, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଅନୁସୂଚିତ ଜାତି ସେଲ୍‌ର ଅଧ୍ୟକ୍ଷ ତଥା ବରିଷ୍ଠ ନେତା ଭରତ ଚନ୍ଦ୍ର ପାତ୍ର, ପୂର୍ବତନ ଉପନଗରପାଳ ସତ୍ୟନାରାୟଣ ପଣ୍ଡା, ଜିଲ୍ଲା ବିଜେଡି କୋଷାଧ୍ୟକ୍ଷ ରକ୍ଷାକର ସାହୁ, ଯୁବନେତା ଦେବୁ ପଟ୍ଟନାୟକ, ଆଶିଷ ଆଚାର୍ଯ୍ୟ ଓକେକି କାକଳି କୁମୁରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମ୍ପାଦନ କରିଥିଲେ।



**ଧାମନଗର:** ଧାମନଗର ବିଜେଡି ପକ୍ଷରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କର୍ମୀ ଓ ନେତା ଗାନ୍ଧିଘାଟ ନିକଟସ୍ଥ ବୈତରଣୀ ନଦୀରେ ତିଳ ତର୍ପଣ କରିବା ସହ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିରେ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଶୋକ ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ, ଭାରତ ବିଜୟ ଦଳାଇ, ବ୍ଲକ୍ ସଭାପତି ଉମେଶ ମହାନ୍ତି, ସେବା ସମବାୟ ସମିତି ସଭାପତି ସନ୍ଦିପ ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ସରପଞ୍ଚ ଅଜୟ ମଳିକ, ରାଜେନ୍ଦ୍ର ପଲାଇ ଓ ବିମ୍ବାଧର ବିଶ୍ୱାଳଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ପରେ ସମସ୍ତେ ଧୁଷୁରୀ ବଜାରରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରାଯାଇଥିଲା। ସେହିପରି ଧାମନଗର ସାନ ବଜାରରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ନଗର ସଭାପତି ସୁଶାନ୍ତ ରାଉତ, ପ୍ରତାପ ସାମଲ, ନିବେଦିତା ଜେନା, ଏମ୍ ଡି ନୁରାନି ଓ ଟୁନିବାଳା ବିଶ୍ୱାଳଙ୍କ ସମେତ ବହୁ କର୍ମୀ ସାମିଲ ହୋଇଥିଲେ।

# ମା’ ବଟମଙ୍ଗଳା ହେଲ୍ଥ ଫାଉଣ୍ଡେସନ୍ ପକ୍ଷରୁ ପଣା ଓ ଖାଦ୍ୟ ବଣ୍ଟନ



**ରାଜନଗର,୧୭।୪/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ଡେରା ପଞ୍ଚାୟତ ଗୋଖଣୀସ୍ଥିତ ମା’ ବଟମଙ୍ଗଳା ହେଲ୍ଥ ଫାଉଣ୍ଡେସନ୍ ପକ୍ଷରୁ ବାରଗାଁ ମା’ ମାଟିଆ ମଙ୍ଗଳାଙ୍କ ପୀଠରେ ପଣା ଓ ଖାଦ୍ୟ ବଣ୍ଟା ଯାଇଥିଲା। ଫାଉଣ୍ଡେସନ୍ ପକ୍ଷରୁ ଛବିଲତା ରାଉତ, ସତ୍ୟପ୍ରକାଶ ସୁତାର, ଅବିନାଶ ରାଉତ, ଅଶ୍ୱିନୀ ଦାସ, ଅମୀୟ ସୁତାର, ବିକାଶ ସୁତାର ଓ ସଂଗ୍ରାମ ଦାସଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ହେଲ୍ଥ ଫାଉଣ୍ଡେସନ୍‌ର କାର୍ଯ୍ୟକୁ ସାଧାରଣରେ ଭୂୟସୀ ପ୍ରଶଂସା କରାଯାଉଥିବା ପରିଲକ୍ଷିତ ହୋଇଥିଲା।

**AFFIDAVIT**

I, Swayana Subudhi age about 51, D/o Panchanan Swain At - Gambharikan, Po - Janakadeipur, Ps - Erasama, Dist - Jagatsinghpur to hereby declare that Aadhaar card bearing no 918337798692 my name and address is wrongly recorded as Soyab Subudhi, D/o Panchanan Swain. That correction of name as Swayana Subudhi D/o Panchanan Swain instead of Soyab Subudhi for all purpose.

**AFFIDAVIT**

I Jayant Kumar Singh S/o- Late Surya Narayan Singh, resident of Ward No.28, Raghunath Jew Lane, Telenga Bazar, Po- Telenga Bazar, Ps- Purighat, Dist- Cuttack,Pin - 753009 Odisha declare by this affidavit No - 3252, dtd- 15.04.2025 that now onwards I shall be known as **Jayanta Kumar Singh** for all future purposes.

**AFFIDAVIT**

I, Jharana Pradhan (New name), formerly called Jharana Ratikanta Das (Old name), W/o- Ratikanta Das, At/Po - Gadabishunpur, Ps- Erasama, Dist- Jagatsinghpur-754110, Odisha do hereby declare that I have changed my name from Jharana Ratikanta Das to Jharana Pradhan. Henceforth I shall be known as **Jharana Pradhan** for all purposes.

**AFFIDAVIT**

I, Ramesh Chandra Sahoo, S/o - Late Jagannath Sahu, resident of Sector-2/642, Niladri Vihar, Chandrasekharpur, Sailasheevihar, Bhubaneswar, Dist-Khordha, Pin- 751021 Odisha declare by this affidavit No. 165 dtd.-17/04/2025 that now onwards I shall be known as **RAMESH CHANDRA SAHU** for all future purposes.

**AFFIDAVIT**

By virtue of an affidavit sworn before Notary Public, Umerkote, dated 30.12.2024, I, Hemin Sahu. Address- At-Ingra, PO-Bakoda, PS-Umerkote, Dist.-Nabarangpur, Odisha, Pin-764073, declare that I have changed my name from Amini Bai Sahu to Hemin Sahu. Henceforth, I Shall be known as Hemin Sahu for all purposes.

**HEMIN SAHU**

E-23

**OFFICE OF THE SUPERINTENDENT**
**SCB MEDICAL COLLEGE HOSPITAL, CUTTACK**
E-mail : scbsuperintendent@gmail.com
No. 8458 Dt. 16.04.2025

**TENDER CALL NOTICE**

Sealed Tenders are invited from the interested reputed Firms / Suppliers having past experience for supply and installation of signage work in SCB Medical College & Hospital, Cuttack. The tender paper and details terms and conditions will be available at the website "www.scbmch.in" and also from the Central Store, SCB MCH, Cuttack in all working days on deposit Rs. 500/- (Rupees Five hundred) only in teh Accounts Section by cash / DD in favour of the 'Superintendent, SCB Medical College & Hospital, Cuttack' (Non refundable) from 18.04.2025. The tender paper should be reached in the office of the undersigned through Speed Post / Regd. Post only on or before 09.05.2025 by 5 P.M. The authority is not responsible for any delay / omission on part of the bidder. The authority reserves the right to cancel or reject any or all the tenders without assigning any reason thereof.

Sd/- Medical Superintendent
SCB Medical College Hospital, Cuttack

OIPR-10186/11/0029/2526

**AFFIDAVIT**

By virtue of an affidavit before Executive Magistrate, Puri, I, Sanjay Kumar Khatei, S/o- Banabihari Khatei, At/Po.- Sasan Damodarpur, Ps.- Puri Sadar, Dist- Puri state that, my son's actual and correct name is **Shrehansu Khatei** but in his Aadhar Card no. 3845 9138 6316 his name has been mentioned as Sai deep Khatei. Hence my son's correct name is **Shrehansu Khatei**, S/o- Sanjay Kumar Khatei (Father) & Saraswati Pradhan (Mother), **DOB.: 24/05/2016.**

**AFFIDAVIT**

I, Ananya Swain age about 15Year, W/o - Subhanarayan Swain At/Po - Janakadeipur , Ps - Erasama, Dist - Jagatsinghpur to hereby declare that Aadhaar card bearing no 349152681347 my name and address is wrongly recorded as Ananya Patra C/o Subhanarayan Swain. That correction of name as Ananya Swain D/o Subhanarayan Swain instead of Ananya Patra C/o Subhanarayan Swain for all purpose.

CAD-152

**ODISHA CONSTRUCTION CORPORATION LTD.**
(A Govt. of Odisha Undertaking)
OFFICE OF THE GENERAL MANAGER (MECH.),
ERECTION AND MAINTENANCE,
CENTRAL WORKSHOP, RASULGARH,
BHUBANESWAR -751010 (ODISHA)
Tel- 0674: 2580896,
E-mail: gmerectionocc@gmail.com
(GSTIN-21AAACO2571K2ZM)

e-Procurement Notice No. 02 /OCCL/2025-26 (on-line)

Type of work: "Erection of 1st stage embedded parts, 2nd stage embedded parts, Gate & its components by fixing of wheels & rubber seal etc., erection of trestle structure & hoisting platform, Rope drum & Central drive unit, Rope connection etc., Dogging arrangement, Ladders & hand railing, painting of gate & hoist structure, drilling and fixing of anchor bolts by chemical grouting, dismantling old construction sluice gate & platform etc. including 2nd stage concerting works for 02 nos. of Depletion Sluice Emergency Gates and 02 nos. Depletion Sluice Service Gates of size 1400mm X 2100mm each at Block No. 5 & 6 with trial, testing & commissioning of above gates and direction of the Engineer-in-Charge pertaining to Lower Suktel Irrigation Project on Turnkey basis."

Total No. of work : 01(one).
Period of completion : 120 (One hundred twenty) days.

| Tendering Officer | Bid Identification No. | Cost of Tender document (Including GST) through on-line transfer system | Availability of tender (On-line) | Submission of Bid (On-line) |
|---|---|---|---|---|
| General Manager (Mech.), Erection and Maintenance , OCC Ltd., Central Workshop, Rasulgarh, Bhubaneswar | OCCL-G.M./E&M/ 02/2025-26 | Rs.7,080/- (Non-refundable) | 17.04.2025 10.00AM to 28.04.2025 5.00PM | 17.04.2025 10.00AM to 28.04.2025 5.00PM |

Date of opening of Bid : 28.04.2025 at 11.30 A.M.
Further details can be seen from the Govt. website (www.tendersodisha.gov.in)
Amendment/corrigendum/cancellation, if any shall be posted on-line only.

General Manager (Mech.),
Erection and Maintenance
OCC Ltd., Bhubaneswar

OIPR-34163/11/0064/2526

ନିତିଦିନ NITIDIN



# ବିଜୁ ବାବୁଙ୍କ ତିରୋଧାନ ଦିବସ

**କାମାକ୍ଷାନଗର,୧୭।୪/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ନିର୍ବାଚନମଣ୍ଡଳୀ ତରଫରୁ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାମାକ୍ଷାନଗର ସହର ସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଛି । ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରୁ ଆସିଥିବା ଶତାଧିକ ବିଜୁପ୍ରେମୀଙ୍କ ଉପସ୍ଥିତରେ ପ୍ରଥମେ ପ୍ରବାଦପୁରୁଷଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରାଯାଇ ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ବିଜୁ ବାବୁଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରେ ସହରର ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏତଦବ୍ୟତୀତ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ନୀତି, ଆଦର୍ଶକୁ ମନେପକାଇ ସମସ୍ତେ ଏକହୋଇ ଆଗାମୀ ସମୟରେ ଏକ ସମୃଦ୍ଧ ଓ ଶସକ୍ତ ଓଡିଶା ଗଠନ କରିବା ନେଇ ପୂର୍ବତନ ବିଧାୟକ ପ୍ରଫୁଲ୍ଲ କୁମାର ମଲ୍ଲିକ ମତ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଧର୍ମାନନ୍ଦ ପରିଡା, କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଭୁବନ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ,କାମାକ୍ଷାନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ,



କାମାକ୍ଷାନଗର ବ୍ଲକ ବିଜେଡି ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ବରିଷ୍ଠ ବିଜେଡି ନେତା ଆଦିତ୍ୟ ଆଚାର୍ଯ୍ୟ, ନଗର ସଭାନେତ୍ରୀ ରଞ୍ଜିତା ବେହେରା ଓ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

## ପାଲଟିଛି କୁକୁର, ଗାଈଗୋରୁଙ୍କ ଆଶ୍ରୟସ୍ଥଳୀ

# ଭେଣ୍ଡିଂଜୋନ୍ କାହା ସ୍ୱାର୍ଥରେ !

**ତାଳଚେର,୧୭।୪/ଏନ୍‌ଏନ୍‌ଏସ୍:** ତାଳଚେର ପୌରପରିଷଦ ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ପକ୍ଷରୁ ସ୍ଥାନୀୟ ଲିଙ୍ଗରାଜ ରାସ୍ତା ପାର୍ଶ୍ୱରେ ଗତବର୍ଷ ଜାନୁଆରୀ ୨୮ ତାରିଖରେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ବିଧାୟକ ବ୍ରିଜ କିଶୋର ପ୍ରଧାନ, ନଗରପାଳ ପବିତ୍ର ଭୁତିଆ, ଉପନଗରପାଳ ସୁଶ୍ରୀ ଶୁଭଶ୍ରୀ ପ୍ରଧାନ, ୧୫ନମ୍ବର କାଉନସିଲର ସବିତା ପାଲ, ତତ୍କାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ବଳୟ ଦେହୁରୀଙ୍କ କରକମଳରେ ଭେଣ୍ଡିଂ ଜୋନ୍‌ର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନର ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହି ଭେଣ୍ଡିଂ ଜୋନ୍‌ରେ ଏବେ ଗାଈଗୋରୁ ଓ କୁକୁର ମାଙ୍କଡ଼ ସମେତ ସନ୍ଧ୍ୟା ହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଉକ୍ତ ଭେଣ୍ଡିଂ ଜୋନ୍ ଲକ୍ଷାଧିକ ଟଙ୍କା ବିନିଯୋଗରେ ନିର୍ମାଣ କରାଯାଇଥିଲେ ମଧ୍ୟ ଭେଣ୍ଡିଂ ଜୋନ୍‌ରେ ନବସି ରାସ୍ତା କଡ଼ରେ ଶହଶହ ବ୍ୟବସାୟୀ ବସି କାରବାର କରିବା ଫଳରେ ଉକ୍ତ ରାସ୍ତାଟି ଟ୍ରାଫିକ୍ ସମସ୍ୟା ସହ ଦୁର୍ଘଟଣା ମଧ୍ୟ ଘଟୁଛି। ଏ ସମ୍ପର୍କରେ ପରିବା ବ୍ୟବସାୟୀଙ୍କୁ ପଚାରିବାରୁ ସେ କହିଛନ୍ତି ଏହି ଗୃହ ଗୁଡ଼ିକ ଅତି ଛୋଟ ଓ ଟିଣଗୃହ ହୋଇଥିବାରୁ ସେଠାରେ ପନିପରିବା ରଖି କାରବାର କରିବା ଆଦୌ ସମ୍ଭବପର ନୁହଁ। କାରଣ ତାଳଚେରର ଜଳବାୟୁ ବର୍ତ୍ତମାନ ଯାହା ସେଥିରେ ପରିବା ପଚିଷଢ଼ି ନଷ୍ଟ ହେବା ସହ ବ୍ୟବସାୟରେ କ୍ଷତି ସହିବାକୁ ପଡ଼ିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ନିର୍ବାହୀଅଧିକାରୀଙ୍କୁ ଯୋଗଯୋଗ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରିନଥିଲା। ପ୍ରକାଶ, ଭେଣ୍ଡିଂ ଜୋନ୍ ନିର୍ମାଣ କରିବା ସମୟରେ ପୌରପରିଷଦ ସମସ୍ତ ବ୍ୟବସାୟୀଙ୍କୁ ନେଇ ଏକ ବୈଠକ କରାଯିବାପରେ ସେମାନଙ୍କ ମତାମତରେ ଯଦି ଏହା ନିର୍ମାଣ କରାଯାଇଥାନ୍ତା ତେବେ କୌଣସି ସମସ୍ୟା ଆଜି ଉପୁଜିନଥାନ୍ତା ବୋଲି ଚର୍ଚ୍ଚା ହେଉଛି। ଏହି ଗୃହ ଗୁଡ଼ିକ ପାଇଁ କିଛି ବ୍ୟବସାୟୀ ଆଜକୁ ୫ମାସ ହେବ ୫ହଜାର ଲେଖାଏ ଡ୍ରାଫ୍ଟ ମାଧ୍ୟମରେ ଦେଇଥିବା ବ୍ୟବସାୟୀଙ୍କ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ ଏହି ଗୃହ ନିର୍ମାଣର ଶେଷ ହେବାପରେ ମଧ୍ୟ ବ୍ୟବସାୟୀଙ୍କୁ ବଣ୍ଟନ କରାଯାଇ ନଥିବା ଜଣାପଡ଼ିଛି। ତେବେ ଏଥିପ୍ରତି ତୁରନ୍ତ ପୌରପରିଷଦ ନିର୍ବାହୀ ଅଧିକାରୀ ଦୃଷ୍ଟିଦେଇ ବ୍ୟବସାୟୀଙ୍କ ନିମନ୍ତେ ଭେଣ୍ଡିଂ ଜୋନ୍‌ର ପରିଚାଳନା ବ୍ୟବସ୍ଥା କରାଯାଇ ଟ୍ରାଫିକ୍ ସମସ୍ୟା ନିୟନ୍ତ୍ରଣ ଦିଗରେ ଧ୍ୟାନଦେବାକୁ ସାଧାରଣରେ ଦାବି ହେଉଛି।




# ସ୍କାଉଟ୍ ଗାଇଡ୍‌ଙ୍କ ଦ୍ୱାରା ଜଳଦାନ ଶିବିର

**ଯାଜପୁର,୧୭।୪/ଏନ୍‌ଏନ୍‌ଏସ୍:** ଜିଲ୍ଲା ଶିକ୍ଷାଧିକାରୀଙ୍କ ପରାମର୍ଶକ୍ରମେ ଆଜି ଆଦିକନ୍ଦ ବିଦ୍ୟୁଲତା ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ୍ ଗାଇଡ୍ ଓ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅକରପଡ଼ା ଠାରେ ସେବା ମନୋଭାବ ନେଇ ଗ୍ରୀଷ୍ମ ପ୍ରବାହରେ ପଥିକମାନଙ୍କୁ ଜଳଦାନ କରିଥିଲେ। ଏହି ଶିବିରକୁ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ତଥା ଜିଲ୍ଲା ଭାରତ ସ୍କାଉଟ୍ ଗାଇଡ୍‌ସର ସଂପାଦକ ଶମ୍ଭୁନାଥ ଦାଶ, ଜିଲ୍ଲା ଜୁନିଅର ରେଡକ୍ରସ୍ ଅଧିକାରୀ ଶଙ୍କର୍ଷଣ ବେହେରା, ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ମିହିର ରଞ୍ଜନ ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସବିତା ମହାନ୍ତି ଉଦ୍‌ଘାଟନ କରିଥିଲେ । ସ୍କାଉଟ୍‌ମାଷ୍ଟର ଦେବାଶିଷ ମିଶ୍ର ଓ ଗାଇଡ୍ କ୍ୟାପ୍‌ଟେନ ମମତା ପରିଡ଼ା ଏହାକୁ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଶିକ୍ଷକ ବିକାଶ କୁମାର ବାଇ, ଶିକ୍ଷୟିତ୍ରୀ ଶୁଭଶ୍ରୀ ମହାପାତ୍ର ଓ ଶିକ୍ଷାକର୍ମୀ ବ୍ରହ୍ମାନନ୍ଦ ନନ୍ଦ, ପ୍ରଦୀପ ଓଝା ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ସ୍ଥାନୀୟ ଜନସାଧାରଣ ସମସ୍ତଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ।





# ବାଣିଜ୍ୟର ପେଣ୍ଠସ୍ଥଳୀ ଥିଲା ଜମ୍ବୁଦ୍ୱୀପ : ସ୍ୱାସ୍ଥ୍ୟମନ୍ତ୍ରୀ

**କେନ୍ଦ୍ରାପଡ଼ା,୧୭।୪/ଏନ୍‌ଏନ୍‌ଏସ୍:** ଜମ୍ବୁଦ୍ୱୀପର ନୌବାଣିଜ୍ୟ ଇତିହାସ ଆମକୁ ବିକାଶ ଦିଗକୁ ଆଗେଇ ନେବ। ଓଡ଼ିଶା ରାଜ୍ୟର ବାଣିଜ୍ୟର ପେଣ୍ଠସ୍ଥଳୀ ଥିଲା ଜମ୍ବୁଦ୍ୱୀପ ।ସାଧବ ପୁଅମାନେ ଇଣ୍ଡୋନେସିଆ, ବାଲି, ସୁମାତ୍ରାକୁ ବ୍ୟବସାୟ କରିବାକୁ ଯାଉଥିଲେ। ମୁକସାକ୍ଷୀ ଭାବେ ରହିଛି ହୁକିଟୋଲା ଓ ବତିଘର ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ମତବ୍ୟକ୍ତ କରିଛନ୍ତି। ଦରିଆ ରାମଚଣ୍ଡୀଙ୍କ ପୀଠରେ ଜମ୍ବୁଦ୍ୱୀପ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାସ୍ଥ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ ଏହି ଜିଲ୍ଲାରେ ସ୍ୱାସ୍ଥ୍ୟମନ୍ତ୍ରୀ ଥିଲେ ମଧ୍ୟ କାହିଁକି ପୂର୍ବରୁ ମେଡିକାଲ କଲେଜ ପ୍ରତିଷ୍ଠା ହେଲା ନାହିଁ। ଦୁଇ ଦଶନ୍ଧି ଧରି ଯେଉଁ ନେତାମାନେ ଏହି ମାଟିରେ ଥିଲେ ସେମାନେ କ'ଣ କରୁଥିଲେ। ତଥାପି ଆମେ ଆନ୍ଦୋଳନକାରୀଙ୍କୁ ନିରାଶ କରିବୁ ନାହିଁ। ପ୍ରତ୍ୟେକ ଜିଲ୍ଲାରେ ମେଡିକାଲ କଲେଜ ହେବ। କେନ୍ଦ୍ରାପଡ଼ା ଜିଲ୍ଲାବାସୀ ମେଡିକାଲ କଲେଜ ପାଇବାରୁ କେବେବି ବଞ୍ଚିତ ହେବେ ନାହିଁ। ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆସିବ। ୩ କୋଟି ୫୦ ଲକ୍ଷ ଲୋକଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରାଯାଇଛି। ସବୁ ଜିଲ୍ଲାରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପ୍ରତିଷ୍ଠା ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟବକ୍ତା ଭାବେ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ଯୋଗଦେଇ କହିଥିଲେ ଜମ୍ବୁଦ୍ୱୀପର ଗାରିମାମୟ ଇତିହାସ ରହିଛି। ଷୋଡଶ ଶତାବ୍ଦିରେ କୁଜଙ୍ଗର ଷଣ୍ଢରାଜା ରାମଚଣ୍ଡୀ ମନ୍ଦିର ପ୍ରତିଷ୍ଠା କରିବାକୁ ଏହି ସ୍ଥାନକୁ ଆସିଥିଲେ। ଏହି ସ୍ଥାନରୁ ବିଶ୍ୱର ବିଭିନ୍ନ ଦେଶକୁ ସାବତ ପୁଅମାନେ ବାଣିଜ୍ୟ କରିବାକୁ ଯାଉଥିଲେ। ଓଡିଶାର ଇତିହାସକୁ ରୋମନ୍ଥନ କଲେ ସ୍ୱାଧୀନତା ସଂଗ୍ରାମରେ ଏହି ମାଟିର ଭୂମିକା ଅତୁଳନୀୟ ଥିଲା। କେନ୍ଦ୍ରାପଡ଼ା ମାଟି ଓଡ଼ିଶାର ସଂଗୀତ ଜଗତକୁ ଋଦ୍ଧିମନ୍ତ କରିଛି। ଏହି ମାଟି ବ୍ରିଟିଶ ମାନଙ୍କୁ ତଡିବାରେ ସହାୟକ ହୋଇଥିଲା। ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ୨ଶହ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ ହୋଇଛି। ଶିଳ୍ପମନ୍ତ୍ରୀ ଏହି ଜିଲ୍ଲାରେ ଥିଲେ କିନ୍ତୁ କାହିଁକି ଶିଳ୍ପ ପ୍ରତିଷ୍ଠା ହେଲାନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। ବିଜୁ ଜନତା ଦଳର ନେତାମାନେ ଅନ୍ୟ ଉପରେ ଦୋଷ ଲଦି ନିଜର ଦୋଷ ଦୁର୍ବଳତାକୁ ଲୁଚାଉଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲାରେ ସିଙ୍ଗାପୁରର ଏକ କମ୍ପାନୀ ୧୫ ହଜାର କୋଟି ପୁଞ୍ଜି ନିବେଶ କରିବ। ଫଳରେ ଜିଲ୍ଲା ଶିଳ୍ପ ସମୃଦ୍ଧ ହୋଇପାରିବ ବୋଲି ସେ କହିଥିଲେ। ମହାକାଳପଡ଼ା ବିଧାୟକ ଡା. ଦୁର୍ଗା ପ୍ରସନ୍ନ ନାୟକ କେନ୍ଦ୍ରାପଡ଼ା ଜିଲ୍ଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଶିଳ୍ପମନ୍ତ୍ରୀ ଓ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଜେପି ଓବିସି ମୋର୍ଚ୍ଚା ଅଧ୍ୟକ୍ଷ ସୁରଥ ବିଶ୍ୱାଳ, ସାଂସଦଙ୍କ ପ୍ରତିନିଧି କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ କଣ୍ଠର ଯାଦୁରେ ଦର୍ଶକମାନେ ବିଭୋର ହୋଇଉଠିଥିଲେ।



# ୨୪ ପ୍ରହର ନାମଯଜ୍ଞ

**ମାର୍ଶାଘାଇ,୧୭।୪/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ବ୍ଲକ ବେରୁହାଁ ପଞ୍ଚାୟତ ଅନ୍ତର୍ଗତ ହଳଦିଆସ୍ଥିତ ନୀଳକଣ୍ଠେଶ୍ୱର ଭାବନା ମଠ ମହାପୁରୁଷଙ୍କ ପୁଣ୍ୟ ପୀଠରେ ଚବିଶି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି ।ଏହି ଆଧାତ୍ମିକ କାର୍ଯ୍ୟକ୍ରମ ୫ ଦିନଧରି ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିବସରେ ଶୁଭାଧିବାସ, କଳ୍ପତରୁ ସଂଘ ଅଧିବେଶନ, ଚବିଶି ପ୍ରହର ବ୍ୟାପି ନାମଯଜ୍ଞ, କୀର୍ତ୍ତନ ଓ ସନ୍ଧ୍ୟା ହରି ହାଟ, ଶ୍ରୀ ନଗରକୀର୍ତ୍ତନ ଓ ମହୋତ୍ସବ କାର୍ଯ୍ୟକ୍ରମ ଭକ୍ତିପୂର୍ଣ୍ଣ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା।



# ମା'କୁତାମଚଣ୍ଡୀଙ୍କ ଝାମୁଯାତ୍ରା



**ନାଉଗାଁ,୧୭।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ସର୍ବପୁରାତନ ଶକ୍ତିପୀଠ ତଥା ଗଜରାଜପୁର ପଞ୍ଚାୟତ ସ୍ଥିତ ଦେବିଦୋଳ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କୁତାମଚଣ୍ଡୀଙ୍କ ପୀଠରେ ପବିତ୍ର ଝାମୁଯାତ୍ରାର ଶେଷ ପାଳୀଯାତ୍ରା ଅନୁଷ୍ଠିତ। ଦେବିନଦୀ କୂଳରେ ଏହି ଅଷ୍ଟଭୁଜା ଦେବୀ ମା'କୁତାମଚଣ୍ଡୀଙ୍କ ମନ୍ଦିର ଅବସ୍ଥିତ ରହିଥିବା ବେଳେ ଏଠାରେ ବାର ମାସରେ ତେର ପର୍ବ ପାଳିତ ହୋଇଥାଏ। ଏଥି ମଧ୍ୟରେ ମା'ଙ୍କର ସବୁଠାରୁ ବଡ଼ ପର୍ବ ଭାବରେ ଚୈତ୍ର ମାସର ପ୍ରଥମ ଗୁରୁବାର ଠାରୁ ପଞ୍ଚମ ଗୁରୁବାର ପର୍ଯ୍ୟନ୍ତ ଝାମୁଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ପାଞ୍ଚପାଳି ଗୁରୁବାର ମଧ୍ୟରେ ଶେଷ ପାଳି ଗୁରୁବାର ଅନୁଷ୍ଠିତ ହେଉଥିବା ଏହି ଯାତ୍ରାରେ ଝାମୁ ନିଆଁରେ ଘଣ୍ଟ ପାଟୁଆ ନାଚ ସାଙ୍ଗକୁ ଗୋପାଳ ଭାଇମାନଙ୍କ କାଠୀ ଲଉଡି ଖେଳ, ପାଲା, ଘୋଡ଼ାନାଚ ଆଦି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ ହେଉଥିବା ବେଳେ ମା' ଙ୍କ ଦର୍ଶନ ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଭକ୍ତମାନେ ମା'ଙ୍କ ପିଠକୁ ଆସୁଥିବା ଦେଖିବାକୁ ମିଳେ।

# ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ



**ପାରାଦୀପ,୧୭।୪/ଏନ୍‌ଏନ୍‌ଏସ୍:** ପ୍ରବାଦ ପୁରୁଷ ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ପାରାଦୀପ ନଗର ବିଜୁ ଜନତା ଦଳ ପକ୍ଷରୁ ମଙ୍ଗଳବାର ସକାଳେ ପାଳିତ ହୋଇଯାଇଛି । ଏହି ଅବସରରେ ଅଠରବାଙ୍କୀସ୍ଥିତ ବିଜୁ ଉଦ୍ୟାନ ପରିସରରେ ଏକ ସ୍ମୃତିସଭା ଆୟୋଜିତ ହୋଇଥିଲା । ଏହି ସଭାରେ ନଗରପାଳ ବସନ୍ତ ବିଶ୍ୱାଳ ପୌରହିତ୍ୟ କରିଥିଲେ। ପାରାଦୀପ ବନ୍ଦର ପ୍ରତିଷ୍ଠା ହେଉ, ଓଡିଏମ୍ କାରଖାନା ସବୁଥିରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ। ସ୍ୱାଧୀନତା ସଂଗ୍ରାମରେ ସ୍ୱାଧୀନତା ସଂଗ୍ରାମୀଙ୍କୁ ଯୋଗାଇବା ଆଦିରେ ବିଜୁ ବାବୁ ଥିଲେ ସର୍ବାଗ୍ରେ । ତାଙ୍କର ଅବଦାନ ଆଗାମୀ ଦିନରେ ଯୁବ ସମାଜ ପ୍ରତି ସ୍ମରଣୀୟ ହୋଇ ରହିବ ବୋଲି ଦଳୀୟ ନେତାମାନେ ମତବ୍ୟକ୍ତ କରିଥିଲେ । ନଗର ବିଜେଡି ସାଧାରଣ ସମ୍ପାଦକ ଶଙ୍କର ପ୍ରସାଦ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଯୁବ ବିଜେଡି ସଭାପତି ଆଲୋକ ମହାପାତ୍ର, ପୂର୍ବତନ ପାରିଷଦ ଅଜୟ ନାୟକ,ନଗେନ୍ଦ୍ର ରାଉତ,ଚପଳା ସ୍ୱାଇଁ ପ୍ରମୁଖ ବିଜୁ ବାବୁଙ୍କ ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ବଲାଙ୍ଗୀର ପାଟନାଗଡଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପୋଡି ଘଟଣାକୁ ଦଳୀୟ ନେତା ଓ କର୍ମୀମାନେ ନିନ୍ଦା କରିବା ସହିତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ । ଶେଷରେ ମହାନଦୀ ବଙ୍ଗୋପସାଗର ମିଳନସ୍ଥଳୀ ନେହେରୁ ବଙ୍ଗଳାଠାରେ ତିଳତର୍ପଣ କରାଯାଇଥିଲା।

## ୨୧ ଏପ୍ରିଲରେ କଂଗ୍ରେସ ପକ୍ଷରୁ

# 'ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ' ପଦଯାତ୍ରା

**ଜଗତସିଂହପୁର,୧୭।୪/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ସମେତ ରାଜ୍ୟ ତଥା ଦେଶରେ ସମ୍ବିଧାନ ଓ ସାମାଜିକ ବ୍ୟବସ୍ଥାର ବିପର୍ଯ୍ୟସ୍ତ, ନାରୀ ଅତ୍ୟାଚାର ଓ ନିର୍ଯ୍ୟାତନା ବୃଦ୍ଧି ପ୍ରତିବାଦରେ ଅଖିଳ ଭାରତ କଂଗ୍ରେସ କମିଟିର ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟର ଜଗତସିଂହପୁର ଜିଲ୍ଲାରେ ପ୍ରଥମ କରି "ଜୟ ବାପୁ, ଜୟ ଭୀମ, ଜୟ ସମ୍ବିଧାନ" ପଦଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଏପ୍ରିଲ ୨୧ ତାରିଖରେ ଏହି କର୍ଯ୍ୟକ୍ରମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳାଙ୍କ ପୀଠରୁ ଆରମ୍ଭ ହେବ ବୋଲି ଗୁରୁବାର ପୂର୍ବାହ୍ନ ସମୟରେ ସଦର ମହକୁମା ଅନ୍ତର୍ଗତ ଯୋଗଧାରୀ ସ୍ଥିତ ସର୍କିଟ୍ ହାଉସ ଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଡ. ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ସୁଚନା ଦେଇଛନ୍ତି। ଏହି ସମ୍ମିଳନୀରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ନଟବର ବାରିକ ଅଧକ୍ଷତା କରି ପଦଯାତ୍ରାର କାର୍ଯ୍ୟସୂଚୀ ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ। ଏହି ପଦଯାତ୍ରାରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ନେତୃତ୍ୱ ନେବେ। ୨୧ତାରିଖ ସକାଳେ ମା' ଶାରଳାଙ୍କ ଦର୍ଶନ କରି ଆର୍ଶୀବାଦ ଗ୍ରହଣ କରିବା ପରେ ସକାଳ ୮ଟା ସମୟରେ ମା' ଶାରଳାଙ୍କ ପୀଠରୁ ପଦଯାତ୍ରା ବାହାରିବ। ଏହି ଯାତ୍ରାରେ ସଂସଦୀୟ କଂଗ୍ରେସ ନେତା, ନେତ୍ରୀ, ଯୁବ ନେତା, ଛାତ୍ର ନେତା, କର୍ମୀମାନେ ଯୋଗଦେବେ। ପଦଯାତ୍ରା ୧୭ କିମି ଅତିକ୍ରମ କରିବା ପରେ ମଧ୍ୟାହ୍ନ ସମୟରେ ସ୍ଥାନୀୟ ଚର୍ଚ୍ଚିକା ବଜାର ଠାରେ ଖାଦ୍ୟ, ପାନୀୟ ଓ ବିଶ୍ରାମ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ବିଶ୍ରାମସ୍ଥଳୀରୁ ମଶାଲ ପଦଯାତ୍ରା ଆରମ୍ଭ ହୋଇ ସଦର ମହକୁମାର ଗାନ୍ଧୀ ଛକଠାରେ ଶେଷ ହେବ। ସେଠାରେ ରାଜ୍ୟରେ ଚାଲିଥିବା ଅଣ ସମ୍ବିଧାନ, ନାରୀ ନିର୍ଯ୍ୟାତନା ଇତ୍ୟାଦି ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଦାସ ଉଦ୍‌ବୋଧନ ଦେବାର କାର୍ଯ୍ୟକ୍ରମ ରହିଥିବା ସୁଚନା ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ ଯୋଗଦେଇ, ରଘୁନାଥପୁର ବ୍ଲକ ଅନ୍ତର୍ଗତ ତରିକୁନ୍ଦ ପଞ୍ଚାୟତରେ ଆୟୁଷ୍ମାନ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ବିଜେପି ଓବିସି ସେଲର ସଭାପତି ସୁବୋଧ ବାରିକ ଓ କିଛି କର୍ମକର୍ତ୍ତାଙ୍କ ଆକ୍ରମଣର ସୀକାର ହୋଇଥିବା କାର୍ଯ୍ୟରତ ମହିଳା କନିଷ୍ଠ ଯନ୍ତ୍ରୀ ଓ କର୍ମଚାରୀ ଘଟଣାକୁ କଂଗ୍ରେସ ଦଳ ପକ୍ଷରୁ ନିନ୍ଦା କରିବା ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଟକ ନିଆଳୀର ପୂର୍ବତନ ବିଧାୟକ ରବିନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା କଂଗ୍ରେସ ମୁଖପାତ୍ର ହେମନ୍ତ କୁମାର ରଥ, ବ୍ଲକ କଂଗ୍ରେସ ସଭାପତି ମାନସ ରଥ, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ସଂଖ୍ୟାଲଘୁ ସେଲର ଅଧକ୍ଷ ଇମ୍‌ତିୟାଜ ଅହମ୍ମଦ ଖାଁ, ଛାତ୍ର କଂଗ୍ରେସ ସମ୍ପାଦକ କୃଷ୍ଣ ଚନ୍ଦ୍ର ପ୍ରଧାନ, ନଗର କଂଗ୍ରେସ ସଭାପତି ପ୍ରମୁଖ ଯୋଗ ଦେଇଥିଲେ।




# ଘେରୀବନ୍ଧ ଓ ବାରଗାଁ ତଟସୁରକ୍ଷା ପରିଦର୍ଶନରେ ମୁଖ୍ୟଯନ୍ତ୍ରୀ



**ରାଜନଗର,୧୭।୪/ଏନ୍‌ଏନ୍‌ଏସ୍:** ରାଜନଗରର ଅନ୍ୟତମ ଜୀବନରେଖା ଭାବେ ପରିଚିତ ରାଜନଗର-ଗୋପାଳପୁର ଲୁଣା ଘେରୀବନ୍ଧ ଓ ବାରଗାଁ ତଟସୁରକ୍ଷା କାର୍ଯ୍ୟକୁ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଇଂ ବିଘ୍ନରାଜ ପୁରୋହିତ ପରିଦର୍ଶନ କରିଛନ୍ତି। ଆଳି ତଟବନ୍ଧ ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ଇଂ ସମ୍ବିତ କୁମାର ସାହୁ, ରାଜନଗର ତଟବନ୍ଧ ସବ୍‌ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଆଶିଷ କୁମାର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଇଂ ଭଞ୍ଜ କିଶୋର ରାଉତ ଓ ଇଂ ରବିନ୍ଦ୍ରନାଥ ସାମଲଙ୍କ ସହ ପ୍ରଥମେ ପେଣ୍ଠୁ ସମୁଦ୍ର ତଟରେ ପହଞ୍ଚି ଜିଓଟ୍ୟୁବ ପ୍ରାଚୀରର ସାମ୍ପ୍ରତିକ ସ୍ଥିତି ପରିଖିଥିଲେ । ନିର୍ମାଣାଧିନ ରାଜନଗର-ଗୋପାଳପୁର ଷ୍ଟଘଣ୍ଟଭର୍ତ୍ତ ଲୁଣାଘେରୀବନ୍ଧ କାର୍ଯ୍ୟ ବୁଲି ଦେଖିବା ସହ ବର୍ଷାଋତୁ ପୂର୍ବରୁ କାମ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବାରଗାଁରେ ପହଞ୍ଚି ବାରଗାଁ ତଟବନ୍ଧ ସୁରକ୍ଷା କାର୍ଯ୍ୟ(ପଥର ପ୍ୟାକିଂ)ର ସମୀକ୍ଷା କରିଥିଲେ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଯଥା ସମୟରେ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ଆଜିର ଇତିହାସ

- ୧୬୧୨-ମୋଗଲ ବାଦଶାହା ଶାହାଜାହାଁ, ମୁମତାଜଙ୍କ ସହିତ ନିକାହ କରିଥିଲେ।
- ୧୮୫୩-ଏସିଆର ପ୍ରଥମ ଟ୍ରେନ୍ ବମ୍ବେ ଠାରୁ ଥାନା ପର୍ଯ୍ୟନ୍ତ ଚାଲିଥିଲା।
- ୧୯୧୭-ଗାନ୍ଧିଜୀ ସତ୍ୟାଗ୍ରହ ପାଇଁ ବିହାରର ଚମ୍ପାରଣକୁ ଚୟନ କରିଥିଲେ।
- ୧୯୫୦-ବିନୋବା ଭାବେ ଆନ୍ଧ୍ରପ୍ରଦେଶର ପଚମପଲ୍ଲୀ ଠାରୁ ଭୂଦାନ ଆନ୍ଦୋଳନ ଆରମ୍ଭ କରିଥିଲେ।
- ୧୯୭୧-ସମ୍ରାଟ ଅଶୋକ ନାମକ ଦେଶର ପ୍ରଥମ ଜମ୍ବୋ ଜେଟ୍ ବିମାନ ମୁମ୍ବାଇ ଠାରେ ଓହ୍ଲାଇଥିଲା।
- ୧୯୯୧-କେରଳ ଦେଶର ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷିତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦

**ମେଷ** - ବଡ଼ ସମସ୍ୟାର ସମ୍ମୁଖୀନ ହେବେ। ବିବାଦକୁ ବଢ଼ିବାକୁ ଦିଅନ୍ତୁ ନାହିଁ। ଜୀବନସାଥିର ସହଯୋଗ ପ୍ରାପ୍ତ ହେବ। ବୌଦ୍ଧିକ କାର୍ଯ୍ୟ ସଫଳ ହେବ। ପାର୍ଟି କିମ୍ବା ପିକନିକ୍‌ର କାର୍ଯ୍ୟକ୍ରମ ହୋଇପାରେ। ସଙ୍ଗୀତ ଆଦିରେ ରୁଚି ରହିବ।

**ବୃଷ** - ଆଜି ଅଧିକ ବ୍ୟସ୍ତ ରହିବେ। ନେଣଦେଣ ମାମଲାରେ ଶୀଘ୍ରତା ନକଲେ ଭଲ। ଅନ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଉତ୍ସାହ ଓ ପ୍ରସନ୍ନତାର ଅଭାବ ରହିବ। ଆୟର ପ୍ରକ୍ରିୟା ଚାଲୁ ରହିବ। ମିତ୍ରଙ୍କ ସହଯୋଗ ପାଇବେ।

**ମିଥୁନ** - ସମ୍ପତ୍ତି ବୃଦ୍ଧି ଯୋଗ ଅଛି। କୌଣସି ବଡ଼ ସୌଦା ଲାଭ ଦେଇପାରେ। ବେରୋଜଗାରୀ ଦୂର କରିବା ପ୍ରୟାସ ସଫଳ ହେବ। ସୁଖର ସାଧନରେ ବ୍ୟୟ ହେବ।

**କର୍କଟ** - ଶାରୀରିକ କଷ୍ଟର ଆଶଙ୍କା ରହିଛି। ବ୍ୟବସାୟିକ ଯାତ୍ରା ଲାଭଦାୟକ ହେବ। ପ୍ରୟାସ ସଫଳ ରହିବ। ମିତ୍ର ଓ ସମ୍ପର୍କୀୟମାନେ ସହାୟତା କରିପାରନ୍ତି। ସାମାଜିକ ପ୍ରତିଷ୍ଠା ବୃଦ୍ଧି ହେବ।

**ସିଂହ** - ପୁରୁଣା ସାଙ୍ଗଙ୍କ ସହିତ ସାକ୍ଷାତ ହେବ। ଉତ୍ସାହବର୍ଦ୍ଧକ ସୂଚନା ପ୍ରାପ୍ତ ହେବ। ଆତ୍ମସମ୍ମାନ ବଜାୟ ରହିବ। ରିସ୍କ ଉଠେଇବା ପାଇଁ ସାହସ କରିପାରିବେ। ଅର୍ଥ ବ୍ୟୟ ହେବ। ମନୋରଞ୍ଜନର ଅବସର ପ୍ରାପ୍ତ ହୋଇପାରେ।

**କନ୍ୟା** - ଆଜି ରୋଜଗାର ପ୍ରାପ୍ତି ପାଇଁ ପ୍ରୟାସ ସଫଳ ରହିବ। ଉପହାର ପ୍ରାପ୍ତି ସମ୍ଭବ। ବ୍ୟବସାୟିକ ଯାତ୍ରା ସଫଳ ରହିବ। ଦାମୀ ବସ୍ତୁକୁ ସମ୍ଭାଳି ରଖନ୍ତୁ। ମନରେ ପ୍ରସନ୍ନତା ରହିବ। ସେୟାର ମାର୍କେଟ୍ ଆଦିରୁ ଲାଭ ପାଇବେ।

**ତୁଳା** - ସ୍ୱାସ୍ଥ୍ୟ ଦୃଷ୍ଟିରୁ ଦିନଟି ଦୁର୍ବଳ। ବିବାଦ ବଢ଼ିବାକୁ ଦିଅନ୍ତୁ ନାହିଁ। ଫାଲ୍‌ତୁ ଖର୍ଚ୍ଚ ନକଲେ ଭଲ। ମାନସିକ ବେଚୈନୀ ରହିବ। ଆୟ ନିଶ୍ଚିତତା ରହିବ। ଅତିରିକ୍ତ ଦାୟିତ୍ୱ ବଢ଼ିପାରେ।

**ବିଛା** - ଦୀର୍ଘ ଯାତ୍ରାର କାର୍ଯ୍ୟକ୍ରମ ହୋଇପାରେ। ନୂଆ କାମ ମିଳିପାରେ। ବୁଡ଼ି ଯାଇଥିବା ଧନ ପ୍ରାପ୍ତ ହେବ। ପାରିବାରିକ ସହଯୋଗ ପାଇବେ। ପୁରୁଣା ସମ୍ପର୍କ କାମରେ ଆସିପାରେ। ଧନ ପ୍ରାପ୍ତିର ରାସ୍ତା ସୁଗମ ହେବାର ଯୋଗ ରହିଛି।


**ଧନୁ** - ଆର୍ଥିକ ଉନ୍ନତି ପାଇଁ ପ୍ରୟାସ ସଫଳ ରହିବ। ନୂଆ ବିଚାର ମନକୁ ଆସିବ। ନୂଆ ଅନୁବନ୍ଧ ହୋଇପାରେ। ଯାତ୍ରା ଲାଭଦାୟକ ରହିବ। ପାର୍ଟନର୍‌ର ସହଯୋଗ ପାଇବେ। ଚାକିରି କ୍ଷେତ୍ରରେ ପ୍ରଭାବ ବଢ଼ିବ।

**ମକର** - କାନୁନୀ ପ୍ରତିବନ୍ଧ ଦୂର ହେବ। ସ୍ଥିତି ଅନୁକୂଳ ରହିବ। ପୂଜାପାଠରେ ମନ ଲାଗିବ। ଦୁଷ୍ଟଜନଙ୍କ ଠାରୁ ସାବଧାନ ରହିବେ। କାରବାରରେ ବୃଦ୍ଧି ହେବ। ଘର ଓ ବାହାରେ ପ୍ରସନ୍ନତାର ବାତାବରଣ ରହିବ।

**କୁମ୍ଭ** - ଦୁର୍ଘଟଣା ପାଇଁ ଶାରୀରିକ ହାନି ହୋଇପାରେ। ସାବଧାନ ରୁହନ୍ତୁ। କ୍ରୋଧ ଓ ଉତ୍ତେଜନା ଉପରେ ନିୟନ୍ତ୍ରଣ ରଖନ୍ତୁ। ରାଜକୀୟ ସହଯୋଗ ପ୍ରାପ୍ତ କରିବେ। ଅର୍ଥ ଆଗମନ ବଜାୟ ରହିବ।

**ମୀନ** - ପ୍ରେମ ପ୍ରସଙ୍ଗ ପାଇଁ ଦିନଟି ଅନୁକୂଳ। ଉପହାର ଦେବାକୁ ପଡ଼ିପାରେ। କାନୁନୀ ସମସ୍ୟା ଦୂର ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହଯୋଗ ପ୍ରାପ୍ତ ହୋଇପାରେ। ସ୍ୱାସ୍ଥ୍ୟର ଧ୍ୟାନ ରଖନ୍ତୁ। ବିବାଦ ବଢ଼ାନ୍ତୁ ନାହିଁ। କାରବାର ଖୁବ୍ ଭଲ ଚାଲିବ।

## ଶ୍ରୀମଦ୍ ଭଗବଦ୍‌ଗୀତା



**ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ।
ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ। (୯/୧୨)**

ଈଶ୍ୱରଙ୍କ ଅବତାରଙ୍କର ମଣିଷ ଦେହ ଦେଖି ମୂଢ଼ଲୋକଙ୍କର ଆଶା ବ୍ୟର୍ଥ, କର୍ମ ନିଷ୍ଫଳ, ଜ୍ଞାନ ନିରର୍ଥକ, ଚିତ୍ତ ବିକ୍ଷିପ୍ତ ହୋଇଥାଏ। ସେମାନେ ମୋହାତ୍ମକ ରାକ୍ଷସ ଏବଂ ଅସୁରସ୍ୱଭାବ ହେଇଥାନ୍ତି। ଏହାର ତାତ୍ପର୍ଯ୍ୟ ହେଲା - ଯେଉଁମାନେ ଭଗବତ୍‌ବିମୁଖ ସେମାନଙ୍କୁ ଅସୁର ଓ ରାକ୍ଷସ କୁହାଯାଏ। ଈଶ୍ୱରବିମୁଖ ହୋଇଥିବାରୁ ସେମାନଙ୍କର ଜାଗଯଜ୍ଞ, ଉପାସନା ଇତ୍ୟାଦି କର୍ମ ବ୍ୟର୍ଥ ହୁଏ, ଭଗବଦ୍‌ଭକ୍ତି ନ ଥିବାରୁ ସେମାନେ ଯେଉଁ ଶାସ୍ତ୍ରଜ୍ଞାନ ଲାଭ କରନ୍ତି ତାହା ବୃଥା ହୁଏ। ଏଭଳି ଲୋକଙ୍କୁ ରାଜସିକ ଓ ତାମସିକ ପ୍ରକୃତିବିଶିଷ୍ଟ କୁହାଯାଏ। ସେଥିପାଇଁ ସେମାନେ ଅବତାରମାନଙ୍କୁ ଚିହ୍ନି ନ ପାରି କଂସ, ରାବଣଙ୍କ ପରି ସେମାନଙ୍କ ସହିତ ଯୁଦ୍ଧ କରୁଥିଲେ।

# ତାତ୍ୟା ଟୋପେ



ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୁଦ୍ଧରେ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମରେ ଯେଉଁ କେତେ ଜଣ ଅଗ୍ରଣୀ ବୀର ସଂଘର୍ଷ ଆରମ୍ଭ କରିଥିଲେ ସେମାନଙ୍କ ମଧ୍ୟରେ ଅନ୍ୟତମ ଥିଲେ ରାମଚନ୍ଦ୍ର ପାଣ୍ଡୁରଙ୍ଗ ୟାୱାଲ୍‌କର। ପରବର୍ତ୍ତୀ ସମୟରେ ସେ ତାତ୍ୟା ଟୋପେ ନାମରେ ପରିଚିତ ହୋଇଥିଲେ। ଏହି ସେନାନାୟକ ତାଙ୍କର ବୀରତା ଓ ରଣନୀତି ପାଇଁ କେବଳ ଯେ ଦେଶ ମଧ୍ୟରେ ପ୍ରସିଦ୍ଧ ଥିଲେ ତାହା ନୁହେଁ ବିଦେଶରେ ମଧ୍ୟ ତାଙ୍କର ବେଶ୍ ସୁନାମ ଥିଲା। ୧୮୧୪ରେ ୟେଓଲାରେ ତାତ୍ୟା ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତା ବାଜିରାଓ, ପେଶୱାଙ୍କ ଧର୍ମଦାୟ ବିଭାଗର ପ୍ରମୁଖ ଭାବରେ କାର୍ଯ୍ୟ କରୁଥିଲେ। ତାତ୍ୟାଙ୍କ ବିଦ୍ୱାନତା ଏବଂ କର୍ତ୍ତବ୍ୟପରାୟଣତା ଦେଖି ବାଜିରାଓ ତାଙ୍କୁ ରାଜ୍ୟସଭାରେ ବହୁମୂଲ୍ୟ ନବରତ୍ନଙ୍କ ସହିଜ ଜଡ଼ିତ ଟୋପି ଦେଇ ସମ୍ମାନ ଜଣାଇଥିଲେ। ସେବେଠାରୁ ତାଙ୍କର ଉପନାମ 'ଟୋପେ' ରହିଗଲା। ପେଶୱାମାନଙ୍କ ଶାସନ ପରେ ବାଜିରାଓ ବ୍ରହ୍ମାବର୍ତ୍ତ ଚାଲିଗଲା ପରେ ତାତ୍ୟା ପେଶୱାମାନଙ୍କ ରାଜ୍ୟସଭା ପଦବୀ ଗ୍ରହଣ କଲେ। ୧୯୫୭ର କ୍ରାନ୍ତି ସମୟ ନିକଟତର ହେବା ପୂର୍ବରୁ ସେ ନାନାସାହେବ ପେଶୱାଙ୍କ ପ୍ରମୁଖ ପରାମର୍ଶଦାତା ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏପରିକି ୧୮୫୭ର କ୍ରାନ୍ତିରେ ଇଂରେଜମାନଙ୍କ ସହିତ ଏକାକୀ ସଫଳତାର ସହିତ ଲଢ଼ିଥିଲେ ତାତ୍ୟା ଟୋପେ। ୧୮ ଜୁନ୍, ୧୮୫୮ରେ ରାଣୀ ଲକ୍ଷ୍ମୀବାଈ ବୀରଗତି ପ୍ରାପ୍ତ କରିବା ପରେ ସେ ଆରମ୍ଭ କରିଥିଲେ ଗରିଲା ଯୁଦ୍ଧ। ୭ ଏପ୍ରିଲ, ୧୮୫୯ରେ ଶିବପୁରୀ-ଗୁନାର ଜଙ୍ଗଲରେ ଶୋଇଥିବା ଅବସ୍ଥାରେ ସେ ଧରା ପଡ଼ି ଯାଇଥିଲେ। ପରେ ଇଂରେଜମାନେ ଅତିଶୀଘ୍ର ମକଦ୍ଦମା ଚଳାଇ ଆଜିର ଦିନରେ ଦେଶଦ୍ରୋହ ଅଭିଯୋଗରେ ଗ୍ୱାଲିଅର ପାର୍ଶ୍ୱରେ ଥିବା ସିପ୍ରି ଦୁର୍ଗ ନିକଟରେ ଏହି କ୍ରାନ୍ତିବୀରଙ୍କୁ ଫାଶୀ ଦେଇଥିଲେ।


# ସ୍ୱାସ୍ଥ୍ୟକାରୀ ତେଲ



ଆଜିର ସମୟରେ ଲୋକମାନଙ୍କ ଜୀବନଶୈଳୀ ଓ ଖାଦ୍ୟପେୟ ଏପରି ହୋଇଗଲାଣି ଯେ ଅନେକ ରୋଗ ସେମାନଙ୍କୁ ନିଜ ନିୟନ୍ତ୍ରଣ ମଧ୍ୟକୁ ନେଇଯାଉଛନ୍ତି। ଏପରିକି ଯେଉଁ ଲୋକମାନେ ଘରେ ତିଆରି କରି ସ୍ୱାସ୍ଥ୍ୟକାରୀ ଖାଦ୍ୟ ଖାଉଛନ୍ତି ସେମାନେ ମଧ୍ୟ ଅନେକ ରୋଗର ଶିକାର ହେଉଛନ୍ତି। ଆମର ସ୍ୱାସ୍ଥ୍ୟ, ଆମର ଖାଦ୍ୟପେୟ ସହିତ ଅନେକ କ୍ଷେତ୍ରରେ ଯୋଡ଼ିହୋଇ ରହିଛି। ମୋଟାପଣ ଯାହା ଆଜିର ସମୟରେ ଏକ ସାଧାରଣ ସମସ୍ୟା ହୋଇଗଲାଣି ଏହାର କାରଣରୁ ଶରୀରରେ କୋଲେଷ୍ଟ୍ରୋଲ୍ ବୃଦ୍ଧି ପାଉଛି ଯାହାର ପ୍ରଭାବ ପଡୁଛି ଆମ ହାର୍ଟ ଉପରେ। ଏପରି ସ୍ଥଳେ ନିଜର ଖାଦ୍ୟପେୟ ଓ ବିଶେଷ କରି କେଉଁ ତେଲରେ ଆମେ ଖାଦ୍ୟ ପ୍ରସ୍ତୁତ କରୁଛନ୍ତି ତାହା ଉପରେ ଧ୍ୟାନ ଦେବା ବହୁତ ଜରୁରୀ। ଘରେ ଖାଦ୍ୟ ତିଆରି କରିବା ପାଇଁ ଆମେ ଅଲଗା ତେଲର ବ୍ୟବହାର କରିଥାନ୍ତି। ପ୍ରାୟତଃ ଯେଉଁ ତେଲକୁ ପ୍ରଥମେ ଆରମ୍ଭ କରିଥାନ୍ତି ପରବର୍ତ୍ତୀ ସମୟରେ ମଧ୍ୟ ସେହି ତେଲକୁ ନେଇ ଖାଦ୍ୟ ପ୍ରସ୍ତୁତ କରନ୍ତି। ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଡାକ୍ତରମାନଙ୍କ ଅନୁସାରେ ଧଳା ବଟର୍, ହଳଦିଆ ବଟର୍ ଠାରୁ ଭଲ। କାରଣ ହଳଦିଆ ବଟର୍ ପ୍ରୋସେସ୍‌ଡ ହୋଇ ପ୍ରସ୍ତୁତ ହୋଇଥାଏ। ସେହିପରି ବନସ୍ପତି ତେଲ ଅର୍ଥାତ ଡାଲ୍‌ଡାକୁ ବହୁତ ଖରାପ ତେଲ ବୋଲି କହନ୍ତି। ଲିକ୍ୱିଡ୍ ଫ୍ୟାଟ୍, ସଲିଡ୍ ଫ୍ୟାଟ୍ ଠାରୁ ଖୁବ୍ ଭଲ। ଯେଉଁ ଲୋକମାନେ ମେଡିଟେରାନିୟନ୍ ଡାଏଟ୍‌କୁ ଫଲୋ କରୁଛନ୍ତି ସେମାନଙ୍କୁ ହାର୍ଟ ଆଟାକ୍‌ର ବିପଦ ସବୁଠାରୁ କମ୍ ଥାଏ। ତେଣୁ ସେମାନଙ୍କ ଖାଦ୍ୟକୁ ଅଲିଭ୍ ଅଏଲ୍‌ରେ ତିଆରି କରିବା ସବୁଠାରୁ ଭଲ। ସନ୍‌ଫ୍ଲାୱାର ଅଏଲ୍, ରାଇସ୍ ଅଏଲ୍, ମଷ୍ଟାର୍ଡ ଅଏଲ୍ ହେଉ ଅବା ଅଲିଭ୍ ଅଏଲ୍‌ରେ ଖାଦ୍ୟ ତିଆରି କରିବା ଉଚିତ। ତେବେ ସମୟ ସମୟରେ ଖାଇବା ତେଲକୁ ପରିବର୍ତ୍ତନ କରିବା ଆବଶ୍ୟକ। କାଶ୍ମୀର ଓ ପଶ୍ଚିମବଙ୍ଗରେ ହୃଦୟଜନିତ ମାମଲାଗୁଡ଼ିକ ଅଧିକ ଘଟୁଥିବାରୁ ଏହି ଦୁଇଟି ରାଜ୍ୟରେ ସୋରିଷ ତେଲର ବ୍ୟବହାର ଅଧିକ ହୁଏ।

# ଗୁଡ୍ ଫ୍ରାଇଡେ

ଖ୍ରୀଷ୍ଟିଆନ୍ ଧର୍ମର ଲୋକମାନଙ୍କ ପାଇଁ ଗୁଡ୍ ଫ୍ରାଇଡେ ଏକ ଦୁଃଖଦାୟକ ଦିନ। କିନ୍ତୁ ଏହି ଦିନଟି ପ୍ରଭୁ ଯୀଶୁ ମସୀହଙ୍କ ପ୍ରେମ ଓ ବଳିଦାନକୁ ସ୍ମରଣ କରାଇଥାଏ। ପ୍ରଭୁ ଈସା ମସୀହ ଲୋକମାନଙ୍କୁ ମାନବତାର ସନ୍ଦେଶ ଦେଉଥିଲେ। କିନ୍ତୁ ସେ ସମୟରେ ଯେତେବେଳେ ନିରଙ୍କୁଶ ଶାସକମାନଙ୍କୁ ଏ ସମ୍ପର୍କରେ ଜଣାପଡ଼ିଲା ସେତେବେଳେ ତାଙ୍କର ଶାସନ ଉପରକୁ ବିପଦ ଆସିଥିଲା। ନିରଙ୍କୁଶ ଶାସକମାନେ ଈସା ମସୀହଙ୍କ ଉପରେ ଦେଶଦ୍ରୋହର ଆରୋପ ଲଗାଇ ତାଙ୍କୁ ଯାତନା ଦେଇଥିଲେ। ଶାରୀରିକ ଓ ମାନସିକ ଯାତନା କାରଣରୁ ପ୍ରଭୁ ଈସା ମସୀହଙ୍କର ମୃତ୍ୟୁ ହୋଇଥିଲା। ଯେଉଁଦିନ ତାଙ୍କର ମୃତ୍ୟୁ ହୋଇଥିଲା ସେହି ଦିନଟି ଥିଲା ଶୁକ୍ରବାର। ଏହି ଶୁକ୍ରବାରକୁ କୁହାଯାଉଥିଲା ଗୁଡ୍ ଫ୍ରାଇଡେ। ଏକ ଭଲ କାମ ପାଇଁ ସେ ବଳିଦାନ ଦେଇଥିଲେ। ଗୁଡ୍ ଫ୍ରାଇଡେକୁ ହୋଲି ଫ୍ରାଇଡେ, ବ୍ଲାକ୍ ଫ୍ରାଇଡେ ବା ଗ୍ରେଟ୍ ଫ୍ରାଇଡେ ମଧ୍ୟ କୁହାଯାଏ। ଏହି ଦିନ ଲୋକମାନେ ଚର୍ଚ୍ଚଗୁଡ଼ିକରେ ଘଣ୍ଟି ବଜାନ୍ତି ନାହିଁ। ଏହା ବଦଳରେ କାଠନିର୍ମିତ ବାକ୍ସକୁ ବଜାଇ ଥାଆନ୍ତି। ଗୁଡ୍ ଫ୍ରାଇଡେ ପ୍ରଭୁ ଯୀଶୁ ମସୀହଙ୍କ ଦୁଃଖ ଓ ମୃତ୍ୟୁର ପ୍ରତୀକର ଦିନ। ବାଇବେଲ ଅନୁସାରେ ଯେତେବେଳେ ଯୀଶୁ ମସୀହଙ୍କୁ କ୍ରସ୍ ଉପରେ ଚଢ଼ାଯାଉଥିଲା ସେ କହୁଥିଲେ- 'ପ୍ରଭୁ ଏହି ଲୋକମାନଙ୍କୁ କ୍ଷମା କରିଦେବେ କାରଣ ଏମାନେ ଜାଣୁନାହାନ୍ତି ଯେ ଏମାନେ କ'ଣ କରୁଛନ୍ତି।' ଇସାଇ ଧର୍ମରେ ପ୍ରଭୁ ଈସା ମସୀହଙ୍କ ଦୟାଳୁତାକୁ ସ୍ମରଣ କରାଯାଏ। ପ୍ରଭୁ ଦୁନିଆରୁ ବିଦାୟ ନେବାବେଳେ ନିଜ ହୃଦୟରେ ଦୟାଳୁ ମନୋଭାବକୁ ଜୀବିତ ରଖିବା ପାଇଁ ସନ୍ଦେଶ ଦେଇ ଯାଇଛନ୍ତି। ତେବେ ପ୍ରାରମ୍ଭିକ ଦିନଗୁଡ଼ିକରୁ ଇସାଇ ଧର୍ମରେ ଗୁଡ୍ ଫ୍ରାଇଡେକୁ ଦୁଃଖ, ତପସ୍ୟା ଓ ଉପବାସର ଦିନ ଭାବରେ ପାଳନ କରାଯାଉଛି।





# ବିଶ୍ୱ ଐତିହ୍ୟ ଦିବସ









ସବୁ ଦେଶର ଇତିହାସ, ସଂସ୍କୃତି ଓ କଳାର ପ୍ରମାଣଗୁଡ଼ିକୁ ଜୀବିତ ରଖୁଥିବା ସ୍ଥଳଗୁଡ଼ିକୁ ଐତିହ୍ୟ ସ୍ଥଳ ବୋଲି କୁହାଯାଏ। ଏଗୁଡ଼ିକର ସଂରକ୍ଷଣ ଓ ପ୍ରଚାର, ପ୍ରସାର ପାଇଁ ଆଜିର ଦିନରେ ପାଳନ କରାଯାଏ ବିଶ୍ୱ ଐତିହ୍ୟ ଦିବସ। କୌଣସି ଦେଶ ପାଇଁ ତା'ର ଐତିହ୍ୟ ବା ବିରାସତ ସେହି ଦେଶର ଅତୀତ ଓ ଗୌରବ ଗାଥାକୁ ବର୍ଣ୍ଣନା କରିଥାଏ। ତତ୍କାଳୀନ ସମୟର ସ୍ମାରକ ଓ ସ୍ଥଳଗୁଡ଼ିକ ଅତୀତର କାହାଣୀକୁ ଆଜି ସମାହିତ କରି ରଖିଛନ୍ତି। ଯୁଦ୍ଧ, ମହାପୁରୁଷ, କଳା ଓ ସଂସ୍କୃତି ଆଦିକୁ ଇତିହାସ ପୃଷ୍ଠାରେ ସାମିଲ କରିବା ସହିତ ସେଗୁଡ଼ିକର ଗୌରବ ଗାଥାକୁ ବର୍ଣ୍ଣନା କରାଯାଇଥାଏ। ତେଣୁ ଇତିହାସ ପୃଷ୍ଠାରେ ଏପରି ବିଷୟବସ୍ତୁକୁ ସାମିଲ କରିବା ସହିତ ସେଗୁଡ଼ିକର ପ୍ରମାଣ ଭାବରେ ଏହି ସ୍ମାରକ ଓ ସ୍ଥଳଗୁଡ଼ିକୁ ସଦୈବ ଜୀବିତ ରଖିବା ବହୁତ ଜରୁରୀ। ଏହି କାରଣରୁ ବିଶ୍ୱ ଐତିହ୍ୟ ଦିବସ ପାଳନ କରିବାର ଆବଶ୍ୟକତା ରହିଛି। ଏଗୁଡ଼ିକର ସଂରକ୍ଷଣ ଓ ପ୍ରଚାର ପ୍ରସାର କରିବା ଏହି ଦିବସର ଉଦ୍ଦେଶ୍ୟ। ୧୯୬୮ରେ ଏକ ଅନ୍ତଃରାଷ୍ଟ୍ରୀୟ ସଂଗଠନ ବିଶ୍ୱର ସବୁ ପ୍ରସିଦ୍ଧ ଓ ପ୍ରାକୃତିକ ସ୍ଥଳଗୁଡ଼ିକର ସୁରକ୍ଷା ପାଇଁ ଏକ ପ୍ରସ୍ତାବ ରଖିଥିଲା ଯାହାକୁ ଷ୍ଟକ୍‌ହୋମ୍‌ରେ ଏକ ଅନ୍ତଃରାଷ୍ଟ୍ରୀୟ ସମ୍ମିଳନୀରେ ପାରିତ କରାଯାଇଥିଲା। ପରେ ଯେତେବେଳେ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳର ସ୍ଥାପନା କଲା ୧୮ ଏପ୍ରିଲ, ୧୯୭୮ରେ ବିଶ୍ୱ ସ୍ମାରକ ଦିବସ ପାଳନ କରିବା ଆରମ୍ଭ ହେଲା। ସେ ସମୟରେ କେବଳ ୧୨ଟି ସ୍ଥଳକୁ ବିଶ୍ୱ ସ୍ମାରକ ସ୍ଥଳର ସୂଚୀରେ ସାମିଲ କରାଯାଇଥିଲା। ଏହାର ଚାରି ବର୍ଷ ପରେ ଟ୍ୟୁନିସିଆରେ ଇଣ୍ଟରନ୍ୟାସନାଲ୍ କାଉନସିଲ୍ ଅଫ୍ ମୋନୁମେଣ୍ଟ୍‌ସ ଆଣ୍ଡ ସାଇଟ୍ସ ପ୍ରଥମେ ବିଶ୍ୱ ଐତିହ୍ୟ ଦିବସ ପାଳନ କରିଥିଲା।

# ମାର୍ବଲ୍ ଦିବସ

ପ୍ରତିବର୍ଷ ଗୁଡ୍ ଫ୍ରାଇଡେ ଦିନ ପାଳନ କରାଯାଏ ମାର୍ବଲ୍ ଦିବସ। ୧୫୮୮ରେ ଇଂଲଣ୍ଡରେ ହୋଇଥିବା ବ୍ରିଟିଶ ମାର୍ବଲ ଚାମ୍ପିଅନସିପ୍‌ର ଗଠନ ବିଷୟକୁ ଏହି ଦିବସ ସ୍ମରଣ କରାଇଦିଏ। ଟିନ୍ସଲେ ଗ୍ରୀନ୍‌ରେ ଜଣେ କ୍ଷୀର ବିକାଳି ଝିଅକୁ ଭଲପାଉଥିବା ଦୁଇ ଜଣ ଯୁବକ କିଏ ଝିଅଟିକୁ ନିଜର କରିବ ବୋଲି ମାର୍ବଲ୍ସ ପ୍ରତିଯୋଗିତା କରିଥିଲେ। ସେବେଠାରୁ ମାର୍ବଲ୍ସ ଖେଳ ଏକ ବାର୍ଷିକ ଚାମ୍ପିଅନସିପ୍‌ରେ ପରିବର୍ତ୍ତିତ ହୋଇଥିଲା ଯାହା କେତେ ଶତାବ୍ଦୀ ପରେ ଇଂଲଣ୍ଡର ଟିନ୍ସଲେ ଗ୍ରୀନ୍‌ରେ ଏବେ ବି ଆୟୋଜିତ କରାଯାଉଛି। ଏବେ ମଧ୍ୟ ବିଶ୍ୱର ଅନ୍ୟ ଦଳଗୁଡ଼ିକ ଖେଳରେ ଭାଗ ନେବା ପାଇଁ ଇଂଲଣ୍ଡକୁ ଯାଉଛନ୍ତି। ଏହାପରେ ୧୭୦୦ ଦଶକ ପର୍ଯ୍ୟନ୍ତ ଟିନ୍ସଲେ ଗ୍ରୀନ୍‌ରେ ମାର୍ବଲ୍ସ ଟୁର୍ଣ୍ଣାମେଣ୍ଟର ଆୟୋଜନ କରାଯାଇଥିଲା। ୧୯୦୦ ଆଖପାଖରେ ଏହି ଖେଳର ଲୋକପ୍ରିୟତା ହ୍ରାସ ପାଇଥିଲା କିନ୍ତୁ ୧୯୩୨ରେ ପୁଣି ଥରେ ଏହି ଖେଳକୁ ପୁନର୍ଜୀବିତ କରାଯାଇଥିଲା। ଏହାପରେ ୧୯୩୮ରେ ଏହାର ନାମ ବ୍ରିଟିଶ ମାର୍ବଲ୍ସ ଚାମ୍ପିଅନସିପ୍ ପରିବର୍ତ୍ତେ ବ୍ରିଟିଶ ଓ ୱାର୍ଲଡ୍ ମାର୍ବଲ୍ସ ଚାମ୍ପିଅନସିପ୍ ରଖାଯାଇଥିଲା। ଏହାକୁ ରିଙ୍ଗର୍ ବା ରିଙ୍ଗ୍ ଟା ବୋଲି ମଧ୍ୟ କୁହାଯାଏ। କାରଣ ଏହି ଖେଳ ଏକ ରିଙ୍ଗ୍ ଭିତରେ ୪୯ଟି ମାର୍ବଲ୍ସ ସହିତ ଖେଳାଯାଏ। ଛଅ ଜଣ ଖେଳାଳିଙ୍କୁ ନେଇ ତିଆରି ହୋଇଥିବା ଦୁଇଟି ଦଳ ପାଳି କରି ବଡ଼ ମାର୍ବଲ୍ସର ବ୍ୟବହାର କରନ୍ତି ଯେଉଁମାନଙ୍କୁ ସୁଟର୍ସ ବୋଲି କୁହାଯାଏ ଓ ଅନ୍ୟ ମାର୍ବଲ୍ସକୁ ରିଙ୍ଗ୍ ବାହାରକୁ ପକାଇ ଥାଆନ୍ତି। ଯେଉଁ ଦଳ ଅଧିକ ମାର୍ବଲ୍ସକୁ ସଫଳତାପୂର୍ବକ ବାହାରକୁ ପକାଏ ସେହି ଦଳ ହିଁ ବିଜେତା ହୋଇଥାଏ। ୧୯୬୨ ପର୍ଯ୍ୟନ୍ତ ମାଟିରେ ତିଆରି ମାର୍ବଲ୍ସର ବ୍ୟବହାର କରାଯାଉଥିଲା କିନ୍ତୁ କାଚର ମାର୍ବଲ୍ସର ବ୍ୟବହାର ପରେ କରାଯାଇଥିଲା। ଏହା କୌଣସି ଔପଚାରିକ ଅବକାଶ ବା ଉତ୍ସବ ନୁହେଁ।



# ରାକେଶ ମାରିଆଙ୍କ ଉପରେ ଏନ୍‌କାଉଣ୍ଟର

ବଲିଉଡ୍‌ର ଷ୍ଟାର୍ ଫିଲ୍ମ ନିର୍ମାତା ରୋହିତ ସେଟ୍ଟି ତାଙ୍କର କପ୍ ୟୁନିଭର୍ସରେ ଏବେ ବାସ୍ତବ ଜୀବନର ସ୍ପର୍ଶ ଦେବାକୁ ଚାହୁଁଛନ୍ତି। ଅଜୟ ଦେବଗନଙ୍କ ଠାରୁ ଆରମ୍ଭ କରି ସିଦ୍ଧାର୍ଥ ମାଲହୋତ୍ରାଙ୍କ ପର୍ଯ୍ୟନ୍ତ 'ସିଂଘମ୍' ୟୁନିଭର୍ସର ଅଂଶବିଶେଷ ହେବା ପରେ ରୋହିତ ଏବେ ମୁମ୍ବାଇର ପୁଲିସ୍ କମିଶନର ରାକେଶ ମାରିଆଙ୍କ ବାୟୋପିକ୍‌ର ନିର୍ମାଣ କରିବାକୁ ଯାଉଛନ୍ତି। ଫିଲ୍ମର ଷ୍ଟାର୍‌କାଷ୍ଟ କଥା କହିବାକୁ ଗଲେ ଜନ୍ ଆବ୍ରାହମ୍‌ଙ୍କୁ ଏଥିପାଇଁ ଫାଇନାଲ୍ କରାଯାଇଛି। ତେବେ ରାକେଶ ମାରିଆଙ୍କ ବାୟୋପିକ୍ ତାଙ୍କର ଅଟୋବାୟୋଗ୍ରାଫି 'ଲେଟ୍ ମି ସେ ଇଟ୍ ନାଓ' ଉପରେ ଆଧାରିତ। ଏଥିରେ ବାନ୍ଦ୍ରାର ଜଣେ ଯୁବକ କିପରି ଜଣେ ସାଧାରଣ ମଣିଷରୁ ସିନିୟର୍ ପୁଲିସ୍ ଅଫିସର୍ ହେବା ପର୍ଯ୍ୟନ୍ତ ଯାତ୍ରା କରୁଛି ତାହା ଦେଖିବାକୁ ମିଳିବ। ଏହାମଧ୍ୟରେ ସେ ମୁମ୍ବାଇ ବିସ୍ଫୋରଣରୁ ଆରମ୍ଭ କରି ୨୬/୧୧ର ଆତଙ୍କୀ ଆକ୍ରମଣର ମାମଲାଗୁଡ଼ିକରେ ଯାଞ୍ଚ କରୁଥିଲେ। ଏହା ବ୍ୟତୀତ ଅନେକ ମହତ୍ତ୍ୱପୂର୍ଣ୍ଣ ଘଟଣାଗୁଡ଼ିକର ମାମଲା ତାଙ୍କ ପେସାଗତ ଜୀବନର ଅଂଶବିଶେଷ ହୋଇ ରହିଛି। ରୋହିତ ପୂର୍ବରୁ ସତ୍ୟ ଘଟଣା ଉପରେ ଆଧାରିତ ହୋଇଥିବା ଏହିପରି ଏକ ଫିଲ୍ମର ନିର୍ମାଣ କରିବାକୁ ଚାହୁଁଥିଲେ। ରାକେଶ ମାରିଆଙ୍କ ଜୀବନୀ ରୋମାଞ୍ଚରେ ଭରି ରହିଛି। ଫିଲ୍ମରେ ତାଙ୍କ ସାମ୍ନାକୁ ଆସୁଥିବା ସମସ୍ତ କ୍ରିମିନାଲ୍ କେସ୍‌ଗୁଡ଼ିକର ଯାଞ୍ଚ ଓ ସେମାନଙ୍କ ଜୀବନରେ ହୋଇଥିବା ଆହ୍ୱାନକୁ ଦେଖିବାକୁ ମିଳିବ। ଫିଲ୍ମରେ ଅନେକ ହାଇ ପଏଣ୍ଟ ରହିବ ଯେଉଁଥିରେ ୧୯୯୩ର ବୋମା ବିସ୍ଫୋରଣ ଓ ୨୬/୧୧ର ଆତଙ୍କବାଦୀ ଆକ୍ରମଣ ସାମିଲ ଅଛି। ଏବେ ଫିଲ୍ମ ଉପରେ କାମ ଆରମ୍ଭ ହୋଇଗଲାଣି ଓ ମୁମ୍ବାଇର ୪୦ଟି ଲୋକେସନ୍ସ ଉପରେ କାମ ଚାଲିଛି। ଏଥିରେ ଛତ୍ରପତି ମହାରାଜ ଟର୍ମିନାଲ୍ ଓ ତାଜ୍‌ମହଲ ପ୍ୟାଲେସ୍ ହୋଟେଲ୍ ମଧ୍ୟ ସାମିଲ ଅଛି। ରୋହିତଙ୍କର ଶେଷ ଫିଲ୍ମ ଥିଲା 'ସିଂଘମ୍ ଏଗେନ୍'।



### ପ୍ରବାଦ ପୁରୁଷଙ୍କ ତିରୋଧାନ ଦିବସ

# 'ଯୁଗଜନ୍ମା ବ୍ୟକ୍ତିଙ୍କ ମଧ୍ୟରେ ବିଜୁ ପଟ୍ଟନାୟକ ଅନ୍ୟତମ'



**ବାରିପଦା,୧୭।୪/ଏନ୍ଏନ୍ଏସ୍:** ନୂତନ ଓଡ଼ିଶାର ସ୍ରଷ୍ଟା ତଥା ମହାନ ଜନନାୟକ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୮ତମ ତିରୋଧାନ ଦିବସ ବିଜେଡି ପକ୍ଷରୁ ପାଳିତ ହୋଇଯାଇଛି। ଗୁରୁବାର ସକାଳୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଗୋଲେଇସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ବିଜୁ ଭବନରେ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସରୋଜ ବୋଷ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ବିଜୁ ବାବୁଙ୍କ ଓଡ଼ିଶା ପ୍ରତି ଅବଦାନ ବାବଦରେ ସମସ୍ତ ଉପସ୍ଥିତ ନେତୃମଣ୍ଡଳୀ ଆଲୋକପାତ କରିଥିଲେ। ଏକ ଉନ୍ନତ ଓ ବିକଶିତ ଓଡ଼ିଶା ଗଠନ କରିବାରେ ବିଜୁ ପଟ୍ଟନାୟକଙ୍କ ବିସ୍ତୃତ ନକ୍ସା ଆଜି ସଫଳ ରୂପାୟନ ହୋଇଛି। ଲୋକ କଲ୍ୟାଣ ଓ ଉନ୍ନତ ଯୋଜନା ପାଇଁ ପ୍ରତିଟି ଗ୍ରାମ ବିକାଶ ହୋଇଛି। ଏହାସହ ତ୍ରିସ୍ତରୀୟ ପଞ୍ଚାୟତରାଜ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଛି। ସେ ଓଡ଼ିଆ ଜାତି ପାଇଁ ସ୍ୱାଭିମାନ ଓ ଗୌରବ। ଯୁଗଜନ୍ମା ବ୍ୟକ୍ତିଙ୍କ ମଧ୍ୟରେ ବିଜୁ ବାବୁ ଅନ୍ୟତମ। ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରରେ ଅଗ୍ରଣୀ ହୋଇଛି। କିନ୍ତୁ ରାଜ୍ୟର ବିଜେପି ସରକାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନିତ କରିବା ପାଇଁ ଚକ୍ରାନ୍ତ କରୁଛନ୍ତି। ବିଜେପି ସରକାର ପ୍ରଥମେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ମାର୍ଚ୍ଚ ୫କୁ ପଞ୍ଚାୟତରାଜ ଦିବସ ଭାବେ ପାଳନ କରିବାକୁ ପ୍ରତ୍ୟାହାର କରିଥିଲେ। ପରେ ମାହାଙ୍ଗାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ଭାଙ୍ଗିବା ଏବଂ କଟକରେ ବିଜୁ ପ୍ରତିମୂର୍ତ୍ତିର ରଙ୍ଗ ପରିବର୍ତ୍ତନ କରିଥିଲେ, ଏବେ ବଲାଙ୍ଗୀର ଜିଲ୍ଲାର ପାଟଣାଗଡ଼ରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିକୁ ଦିନ ଦ୍ୱିପ୍ରହରରେ ନିଆଁରେ ପୋଡ଼ାଯାଇଛି। ରାଜ୍ୟର ଆଇନ ଶୃଙ୍ଖଳା ଭୁଶୁଡ଼ି ପଡ଼ିଛି। ମାତ୍ର ବିଜେପି ସେଥିରେ ସୁଧାର କରିବା ପରିବର୍ତ୍ତେ ହୀନ ରାଜନୀତି କରିବାରେ ବ୍ୟସ୍ତ ରହିଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବିଧାୟକ ରାଜକିଶୋର ଦାସ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଏମ୍‌ସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ବିଜୁ ଯୁବ ଜନତା ଦଳ ସଭାପତି ଅରୁଣ ବରାଡ଼, ବିଜୁ ଛାତ୍ର ଜନତା ଦଳ ସଭାପତି ସୁନୀଲ ନାୟକ, ପ୍ରଭାତ ମହାନ୍ତି, ଅନନ୍ତ ଦାସ, କୃଷ୍ଣଚନ୍ଦ୍ର ଦାସ, ଅମର ସେଠୀ, ସୁକେସିନୀ ସେଠୀ, ନିରୋଜ ଦାସ, ପ୍ରଶାନ୍ତ ବେହେରା, ମୂର୍ଚ୍ଛନା ମହାନ୍ତି, ପ୍ରଭାତୀ ପୃଷ୍ଟି, ମହେଶ ଭଞ୍ଜଦେଓ, ଶ୍ରୀନାଥ ମୁର୍ମୁ, ବିବେକାନନ୍ଦ ନାୟକ, ଦିଗବିଜୟୀ ହାଁସଦା, କୁମାର ମୁଖୀ, ସୁଧୀର ବାରିକ, ତ୍ରୈଲକେଶ ପଣ୍ଡା, ଦେବାଶିଷ ପାତ୍ର, ବିଜୟଲକ୍ଷ୍ମୀ ନାୟକ, ଜିତା ସିଂ, ଆଶୀର୍ବାଦ ଦାସ, ଶ୍ରାବଣୀ ଦାସ, ସବିତା ବେହେରା ଓ ମମତା ମହାନ୍ତଙ୍କ ସମେତ ବାରିପଦା ପୌରପାଳିକାର ସମସ୍ତ ୱାର୍ଡ କାଉନସିଲର୍ ଓ ବହୁ ସଂଖ୍ୟକ ବିଜେଡି କର୍ମକର୍ତ୍ତା ସାମିଲ ହୋଇଥିଲେ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ରାହୁଲ ଓ ସୋନିଆଙ୍କ କୁଶପୁତ୍ତଳିକା ଦାହ



**ସୋର,୧୭।୪/ଏନ୍ଏନ୍ଏସ୍:** କଂଗେସର ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀ ନ୍ୟାସନାଲ୍ ହେରାଲ୍ଡ ଦୁର୍ନୀତିରେ ସଂପୃକ୍ତ ହୋଇ ୨ ହଜାର କୋଟିରୁ ଅଧିକ ଟଙ୍କା ହଡ଼ପ କରିବା ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ପକ୍ଷରୁ ଚାର୍ଜସିଟ୍ ଦାଖଲ କରାଯାଇଛି। ଏନେଇ ସୋରରେ ବିଜେପି ଯୁବମୋର୍ଚ୍ଚା ନେତୃତ୍ୱରେ ଉଭୟ ରାହୁଲ ଓ ସୋନିଆ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରାଯିବା ସହ ବିଶାଳ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏକ ବିଶାଳ ଶୋଭାଯାତ୍ରା ଲକ୍ଷ୍ମୀନାରାୟଣ ମନ୍ଦିରରୁ ବାହାରି ସହର ପରିକ୍ରମା କରିବା ସହିତ ଅନନ୍ତପୁର ଛକ ନିକଟସ୍ଥ ରାଧନାଥଙ୍କ ପ୍ରତିମୂର୍ତ୍ତି ନିକଟରେ ସମାପ୍ତ ହୋଇଥିଲା। ଏହି ସମୟରେ ନାରାବାଜି କରିବା ସହ ଉଭୟଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ପର୍ଶୁରାମ ଧଡ଼ା ଓ ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଶଶିକାନ୍ତ ମିଶ୍ର ଯୋଗଦେଇ ଗାନ୍ଧୀ ପରିବାରର ଦୁର୍ନୀତି ବିରୋଧରେ ଅଭିଭାଷଣ ଦେବାସହ ଉଭୟ ରାହୁଲ ଓ ସୋନିଆ ସ୍ୱାଧୀନତା ସଂଗ୍ରାମୀଙ୍କ ଅର୍ଥ ଓ ଭାରତର ସାଧାରଣ ଜନସାଧାରଣଙ୍କ କୋଟି କୋଟି ଟଙ୍କା ହଡ଼ପ କରିଥିବାରୁ ତୁରନ୍ତ ଜେଲ୍‌ରେ ଭର୍ତ୍ତି କରିବା ପାଇଁ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସନ୍ତୋଷ ସାହୁ, ଲାରା ତରାଇ, ପାରିଷଦ ପୂଜା ତରାଇ, ତାରକ ଦାଦା, ଜୟନ୍ତ ପାଣିଗ୍ରାହୀ ମନୋରଞ୍ଜନ ବେହେରା, ଉତ୍ତମ କୁମାର ମହାନ୍ତି ଓ ସଞ୍ଜୀବ ରାଉଳ ପ୍ରମୁଖଙ୍କ ସମେତ ଶତାଧିକ ବିଜେପି କର୍ମୀ ଯୋଗ ଦେଇଥିଲେ।

### ପାଟୁଆ ଯାତ୍ରାରେ ଅଘଟଣ

## ଡିଜେ ପାଇଁ ୨ ଜୀବନ ଯିବା ଘଟଣାରେ ୨ ଗିରଫ




**ତିହିଡ଼ି,୧୭।୪/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ନୂଆନନ୍ଦ ମଙ୍ଗଳା ପାଟୁଆ ଶୋଭାଯାତ୍ରା ଆସୁଥିବାବେଳେ ଡିଜେ ଗାଡ଼ି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୨ ଜଣଙ୍କ ଜୀବନ ଯାଇଥିଲା। ଏହି ଘଟଣାରେ ଗ୍ରାମରେ ଡିଜେ ବାଜିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଉକ୍ତ ଘଟଣାରେ ପୁଲିସ ପକ୍ଷରୁ ଏଏସ୍ଆଇ ଲକ୍ଷ୍ମଣ ମାରାଣ୍ଡିଙ୍କ ଏତଲାମୂଳେ ଏକ ମାମଲା ରୁଜୁ କରାଯାଇ ହାଟୁଆରୀ ଗ୍ରାମର ରଜତ କୁମାର ମହାଳିକ (୨୫) ଓ ପାଗଳ ମହାଳିକ (୨୫)ଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ପ୍ରକାଶଥାଉକି ପଣା ସଂକ୍ରାନ୍ତିରେ ହାଟୁଆରୀ ଗ୍ରାମରୁ ଡିଜେ ବଜାଇ ପାଟୁଆ ଶୋଭାଯାତ୍ରା ଆସୁଥିଲା। ହାଟୁଆରୀ ଛକ ନିକଟରେ ଡିଜେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା। ଫଳରେ ଶୋଭାଯାତ୍ରାରେ ଯାଉଥିବା ୯ଜଣ ପୁରୁଷ ଓ ମହିଳା ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲା। ସେମାନଙ୍କ ମଧ୍ୟରୁ ହାଟୁଆରି ଗ୍ରାମର ମାନସ ମଲିକ(୩୨) ଓ ଆରସା ଗ୍ରାମର ଶରତ ମହାଳିକଙ୍କ ମୃତ୍ୟୁ ଘଟିଥିଲା। ପାଟୁଆ କମିଟିର ମୁଖ୍ୟଙ୍କ କଥାକୁ ନମାନି ଡିଜେ ଆଣି ଶୋଭାଯାତ୍ରା କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ ହୋଇଛି।

## କାଳବୈଶାଖୀ ବେଳେ ଆକାଶରୁ ପଡ଼ିଲା ଲୁହାଖଣ୍ଡ



**ବାଲେଶ୍ୱର,୧୭।୪/ଏନ୍ଏନ୍ଏସ୍:** ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ବଡ଼ପାଳ ପଞ୍ଚାୟତ ଅନ୍ତର୍ଗତ ମହାନ୍ତିପଡ଼ା ଗ୍ରାମରେ କାଳବୈଶାଖୀ ବେଳେ ଆକାଶରୁ ଲୁହାଖଣ୍ଡ ପଡ଼ିବା ଭଳି ଘଟଣା ଦେଖିବାକୁ ମିଳିଛି । ଗୁରୁବାର ଅପରାହ୍ନରେ ରେମୁଣା ଅଞ୍ଚଳରେ କାଳବୈଶାଖୀ ଝଡ଼ ସହ କୁଆପଥର ବର୍ଷା ହୋଇଥିଲା। ଏହି ସମୟରେ ବଡ଼ପାଳ ପଞ୍ଚାୟତ ମହାନ୍ତିପଡ଼ା ଗ୍ରାମରେ ଆକାଶରୁ ଲୁହାଖଣ୍ଡ ପଡ଼ିଥିଲା ଯାହାକି କିଛି ଯନ୍ତ୍ରାଂଶର ଅଂଶ ବୋଲି ଜଣାପଡୁଛି। ଏପରିକି ଗ୍ରାମର ଶ୍ରୀନାଥ ମହାନ୍ତିଙ୍କ ଆଜବେଷ୍ଟେସ୍ ବାରଣ୍ଡାରେ ଲୁହାଖଣ୍ଡ ପଡ଼ି ଛପର କଣା ହୋଇଯାଇଥିବା ଦେଖିବାକୁ ମିଳିଛି।

### ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

## ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା କମାଇବା ପାଇଁ ପଦକ୍ଷେପ ନେବାକୁ ପରାମର୍ଶ



**କେନ୍ଦ୍ରାପଡ଼ା,୧୭।୪/ଏନ୍ଏନ୍ଏସ୍:** ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଞ୍ଚଳିକ ପରିବହନ ଅଧିକାରୀ ଧୀରେନ କୁମାର ନାୟକ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୁରଜ ବିଶ୍ୱାଳ, ଜାତୀୟ ରାଜପଥର ଅମିତ କୁମାର ରାଉତ, ଜିଲ୍ଲା ଶିକ୍ଷା ଅଧିକାରୀ ବି କେ ନାୟକ, ରାସ୍ତା ଓ କୋଠାବାଡ଼ି ବିଭାଗ-୧ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ କୃପାସିନ୍ଧୁ ଧଳ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, କେନ୍ଦ୍ରାପଡ଼ାର ରାସ୍ତା ଓ କୋଠାବାଡ଼ି ବିଭାଗ-୨ର ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ପ୍ରସନ୍ନ କୁମାର ରାଜଗୁରୁ, ଏନ୍ଆଇସିର କର୍ମକର୍ତ୍ତା, ଘରୋଇ ବସ୍ ମାଲିକ ସଂଘ କର୍ମକର୍ତ୍ତା ଓ ପରିବହନ ବିଭାଗ, ରାସ୍ତା ଓ କୋଠାବାଡ଼ି ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ପ୍ରକାଶଥାଉକି ଗତ ବର୍ଷ ୧୪୭ଟି ଦୁର୍ଘଟଣାରେ ୮୫ ଜଣ ମୃତ୍ୟୁବରଣ କରିଥିବାବେଳେ ଚଳିତ ବର୍ଷ ଜାନୁଆରୀ ୧ରୁ ମାର୍ଚ୍ଚ ୩୧ ତାରିଖ ମଧ୍ୟରେ ୧୬ଟି ଦୁର୍ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ହୋଇଛି ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସୂଚନା ଦେଇଛନ୍ତି। ଦୁର୍ଘଟଣାକୁ କମାଇବା ସହ ମୃତ୍ୟୁସଂଖ୍ୟାକୁ ଶୂନ୍ୟ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। କଲେଜ ଓ ସ୍କୁଲ୍‌ର ଛାତ୍ରଛାତ୍ରୀ ଯେଉଁମାନଙ୍କ ବୟସ ୧୮ ବର୍ଷରୁ କମ୍ ସେମାନଙ୍କୁ ଗାଡ଼ି ନଚଳାଇବା ଓ ଗାଡ଼ି ଚଳାଇବା ବେଳେ ହେଲ୍‌ମେଟ୍ ପରିଧାନ କରିବା ସହ ଗାଡ଼ି ଚାଳନାର ନିୟମ ଗୁଡ଼ିକୁ ମାନିବାକୁ ସଚେତନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଦୁର୍ଘଟଣା ପ୍ରବଣ ସ୍ଥାନରେ ହମ୍ପସ୍ ନିର୍ମାଣ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଥିଲେ।

## ବିଭିନ୍ନ ଦାବି ନେଇ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଦାବିପତ୍ର



**ଭଦ୍ରକ,୧୭।୪/ଏନ୍ଏନ୍ଏସ୍:** ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ଏକ ପ୍ରତିନିଧି ଦଳ ଓ ଏବିଭିପି ଭଦ୍ରକ ନଗରର ସମ୍ପାଦକ ତଥା ଭଦ୍ରକ କଲେଜର ଛାତ୍ର ନେତା ଓଁକାର ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଭେଟିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରଙ୍କ ପକ୍ଷରୁ ଭିନ୍ନକ୍ଷମ ବିଦ୍ୟାର୍ଥୀଙ୍କୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ବିଶେଷକରି ହଷ୍ଟେଲ ଆଡ଼ମିଶନ ଫି' ଛାଡ଼, ସେମାନଙ୍କ ପାଇଁ ବିଶେଷ ଭାବେ ପ୍ରସ୍ତୁତ ହୋଇଥିବା ବହି ଲାଇବ୍ରେରୀରେ ମହଜୁଦ ରହିବା, ହୁଇଲ୍‌ଚେୟାର ଓ ଭିନ୍ନକ୍ଷମ ଟୟଲେଟ ଆଦି ଅନେକ ବ୍ୟବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବି ମଧ୍ୟରେ ହଷ୍ଟେଲ ଫି' ଛାଡ଼କୁ ନେଇ ଜିଲ୍ଲାପାଳ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ଉଚ୍ଚଶିକ୍ଷା ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଏହି ସମସ୍ୟାର ତ୍ୱରିତ ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଭଦ୍ରକ କଲେଜର ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ମଧ୍ୟରେ ହରେକୃଷ୍ଣ ସାହୁ, ଅଜୟ କୁମାର ପ୍ରଧାନ, ପ୍ରଭାକର ନାୟକ, ମାନସ ଘୋଡ଼େଇ ଏବଂ ଏବିଭିପି ଭଦ୍ରକ ଜିଲ୍ଲାର ମୁଖ୍ୟ ସ୍ୱାଧୀନ ସୁନ୍ଦର ଦାସ, ଜ୍ୟୋତିପ୍ରକାଶ ସାହୁ, ଶୁଭମ୍ ରାଉତ, ଗୋପୀକ୍ରିଷ୍ଣା ବାରିକ, କାହ୍ନା ପ୍ରସାଦ ଖୁଣ୍ଟିଆ, ସାଇ ସିଦ୍ଧାର୍ଥ ମହାନ୍ତି, କାହ୍ନା ଜେନା, ମନୋରଞ୍ଜନ ମହାନ୍ତି ଓ ପ୍ରସନ୍ନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ମଦ୍ୟପ ଡ୍ରାଇଭର୍‌ର ବେପରୁଆ ଗାଡ଼ିଚାଳନା

### ଦୋକାନ ଭିତରକୁ ମାଡ଼ିଗଲା ଟ୍ରାକ୍ଟର୍, ଜଣେ ମୃତ

**ଢେଙ୍କାନାଳ,୧୭।୪/ଏନ୍ଏନ୍ଏସ୍:** ମଦ୍ୟପ ଡ୍ରାଇଭର୍‌ର ବେପରୁଆ ଗାଡ଼ିଚାଳନା ଯୋଗୁ ଅଭାବନୀୟ ଘଟଣା ଘଟିଛି। ଢେଙ୍କାନାଳ ସହରର ଜବାହାର ଚୌକ ଛକରେ ଏକ ଟ୍ରାକ୍ଟର୍ ଗୋଟିଏ ଦୋକାନ ଉପରକୁ ମାଡ଼ି ଯାଇଥିଲା। ଫଳରେ ଦୋକାନରୁ ସଉଦା କିଣୁଥିବା ଜଣେ ଯୁବକ ଏହି ଟ୍ରାକ୍ଟର୍ ଚକା ତଳେ ଚାପି ହୋଇ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ଯୁବକ ଜଣଙ୍କ ହେଲେ ସ୍ଥାନୀୟ ମିନା ବଜାର ଅଞ୍ଚଳରେ ଭଡ଼ାଘରେ ରହୁଥିବା ହ୍ରିତିକ୍ ତନ୍ନା (୨୫)। ସେ ଲକ୍ଷ୍ମୀବଜାର ସୁପର ମାର୍କେଟ୍‌ରେ ଚାଟ୍ ଦୋକାନ କରିଥିଲେ। ଅନ୍ୟପଟେ ନିଶାଶକ୍ତ ଟ୍ରାକ୍ଟର ଡ୍ରାଇଭର୍‌କୁ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ଏହି ଦୁର୍ଘଟଣାରେ ଦୋକାନ ସମ୍ମୁଖରେ ଥିବା ୩ଟି ସାଇକେଲ୍ ଭାଙ୍ଗି ଚୁରମାର୍ ହୋଇଥିବାବେଳେ ଏକ ଚପଲ୍ ଦୋକାନର ସୋ-କେଶ୍ ଓ କିଛି ସାମଗ୍ରୀ ନଷ୍ଟ ହୋଇଯାଇଥିବା ଦେଖାଯାଇଛି। ତେବେ ଏହି ଦୁର୍ଘଟଣାରେ ଦୋକାନୀ ଜଣଙ୍କର କୌଣସି କ୍ଷତି ଘଟି ନାହିଁ। ଉକ୍ତ ଘଟଣା ପରେ ସ୍ଥାନୀୟ ବଜାରବାସୀଙ୍କ ପକ୍ଷରୁ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ସ୍ଥାନୀୟ ଯୁବକମାନେ ସହରର ମୁଖ୍ୟରାସ୍ତାକୁ ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଟାଉନ ପୁଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲା। ମୃତକଙ୍କ ପରିବାରକୁ ରେଡକ୍ରସ୍ ପାଣ୍ଠିରୁ ୨୦ହଜାର ଟଙ୍କା ଅନୁକମ୍ପାମୂଳକ ଟଙ୍କା ପ୍ରଦାନ ପରେ ଉତ୍ୟକ୍ତ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଟ୍ରାକ୍ଟର୍‌କୁ ଜବତ କରି ଏକ ମାମଲା ରୁଜୁ କରିଛି।

## ନାବାଳିକା ଅପହରଣ ଅଭିଯୋଗ

### ମାସେ ପୂରିବ, ପୁଲିସର ହାତ ଖାଲି

**ରାଜନଗର,୧୭।୪/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍ ସାତଭାୟା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ କରାଯାଇଥିବା ନେଇ ଗତ ମାର୍ଚ୍ଚ ୨୦ ତାରିଖରେ ବାପା ରାଜନଗର ଥାନାରେ ଅଭିଯୋଗ କରିଥିଲେ। ସେହି ଅଞ୍ଚଳର ଶିଶିର ଦଳାଇଙ୍କ ପୁଅ ରଞ୍ଜନ ଦଳାଇ ତାଙ୍କ ଝିଅକୁ ମାର୍ଚ୍ଚ ୧୩ ତାରିଖ ସନ୍ଧ୍ୟା ୭ଟାରେ ଅପହରଣ କରିଥିବା ନେଇ ଅଭିଯୋଗରେ ଦର୍ଶାଇଥିଲେ ମଧ୍ୟ ଏଯାବତ୍ ପୁଲିସ ଅପହରଣକାରୀକୁ ଧରିବାରେ ବିଫଳ ହୋଇଛି। ଅଭିଯୋଗକୁ ୧୫ ଦିନ ବିତିବା ପରେ ବି ଝିଅ ନଫେରିବାରୁ ଏପ୍ରିଲ୍ ୩ ତାରିଖରେ ନାବାଳିକାର ବାପା ଥାନାଧିକାରୀଙ୍କୁ ଭେଟିଥିଲେ। ଥାନାଧିକାରୀ ନାବାଳିକାର ବାପାଙ୍କୁ ବାରମ୍ବାର ଥାନାକୁ ନଆସିବା ସହ ଅନ୍ୟ କାହାର ସହଯୋଗ ନନେବା ପାଇଁ ତାଗିଦ୍ କରିଥିଲେ। ଉପାୟ ନପାଇ ନାବାଳିକାର ବାପା କେନ୍ଦ୍ରାପଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଝିଅକୁ ଉଦ୍ଧାର କରିବା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପଟେ ରାଜନଗର ପୁଲିସ ଏକ ମାମଲା ରୁଜୁ କରିଥିବା ନେଇ ସୂଚନା ମିଳିଛି। ଏ ସମ୍ପର୍କରେ ରାଜନଗର ଥାନାଧିକାରୀ ନରେଶ କୁମାର ସାହୁଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇ ତଦନ୍ତ ଜାରୀ ରହିଛି ବୋଲି କହିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



**ମାର୍ଶାଘାଇ,୧୭।୪/ଏନ୍ଏନ୍ଏସ୍:** ମାର୍ଶାଘାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତି ସଭାପତି ମଧୁସୂଧନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଧାୟକ ଡ଼. ଦୁର୍ଗାପ୍ରସନ୍ନ ନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେଇଥିଲେ। ସରସ୍ୱତୀ ଶିଶୁ ମନ୍ଦିର ଗୌରବମୟ ଗୁରୁ ପରମ୍ପରା ଭାରତୀୟ ଐତିହ୍ୟ ବିମଣ୍ଡିତ ଆଧାରରେ ଗଢ଼ାଯାଇଛି। ବୋଲି ବିଧାୟକ କହିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଜିଲ୍ଲା ମୁଖ୍ୟ କପିଳ ଚରଣ ମିଶ୍ର ଓ ସମ୍ମାନିତ ଅତିଥିଭାବେ ବ୍ଲକ୍ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ସମ୍ପାଦକ ଶିକ୍ଷାବିତ୍ ଚନ୍ଦ୍ରମଣି ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନଆଚାର୍ଯ୍ୟ ରମାକାନ୍ତ ବେଉରାଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ଶେଷରେ ପିଲାଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ପୁଣି ରାସ୍ତା ପାଇଁ ନିଜସ୍ୱ ଜମିଦେଲେ ଗ୍ରାମବାସୀ



**ଟିଟିଲାଗଡ଼,୧୭।୪/ଏନ୍ଏନ୍ଏସ୍:** ବର୍ତ୍ତମାନ ସମୟରେ ରାସ୍ତା ଓ ସ୍କୁଲ୍ ଭଳି ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ନେଇ ସଂଘର୍ଷ ଘଟଣା ତଥା ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ସାମାନ୍ୟ ହୋଇଛି। ଏଭଳି ସ୍ଥଳେ ଟିଟିଲାଗଡ଼ ବ୍ଲକ୍ ସିହିନୀ ପଞ୍ଚାୟତବାସୀ ପୁଣି ଏକ ଇତିହାସ ସୃଷ୍ଟି କରିଛନ୍ତି। ସିହିନୀ ପଞ୍ଚାୟତ ଅନ୍ତର୍ଗତ ବଛାଯୁଖି ଗ୍ରାମ ଭିତରେ ରାସ୍ତା ନିର୍ମାଣ ପାଇଁ ନିଜେ ନିଜର ରୟତି ଜମିରେ ଥିବା ଗୃହ ଭାଙ୍ଗି ଗ୍ରାମବାସୀ ସମାଜ ପାଇଁ ବିରାଟ ଉଦାହରଣ ସୃଷ୍ଟି କରିଛନ୍ତି। ଗ୍ରାମ ମଧ୍ୟରେ ପ୍ରଶସ୍ତ ରାସ୍ତା ନିର୍ମାଣ ପାଇଁ ସରକାରଙ୍କ ଯୋଜନା ପରିପ୍ରେକ୍ଷୀରେ ରାସ୍ତାକଡ଼ ଗୃହ ଅନ୍ତରାୟ ସାଜିଥିବା ନେଇ ସିହିନୀ ସରପଞ୍ଚ ବୀରବର ସାହୁ, ୱାର୍ଡ ମେମ୍ବର ଧରଣୀ ଜାନି, କୈଳାସ ଖର୍ସେଲ, ଗୁଣ ଖର୍ସେଲ, କୁନୁ ଖର୍ସେଲ, ଜିତେନ୍ ଖର୍ସେଲ, ଡମ୍ବରୁ ଖର୍ସେଲ, ଦାମୁ ନାଗ, ଲବନା ନାଗ, ଖିରସିନ୍ଧୁ ନାଗ ଓ ସଜମନ ଜାନି ପ୍ରମୁଖ ଗ୍ରାମବାସୀ ସହ ଏକ ବୈଠକ କରି ସର୍ବସମ୍ମତିକ୍ରମେ ରାସ୍ତା ନିର୍ମାଣ ପାଇଁ ସହଯୋଗ ନିଷ୍ପତ୍ତି ନେଇଥିଲେ। ଫଳସ୍ୱରୂପ ରାସ୍ତା ନିର୍ମାଣ ପାଇଁ ନିଜେ ନିଜର ଯାହା ଜମି ଦରକାର ହେବ ଦେବୁ ବୋଲି ସମସ୍ତେ କହିଥିଲେ। ଏନେଇ ଗୁରୁବାର ସକାଳୁ ଜେସିବି ମେସିନ୍ ସାହାଯ୍ୟରେ ଗ୍ରାମବାସୀ ନିଜ ନିଜ ନିର୍ମାଣ କରିଥିବା ଘରକୁ ଭାଙ୍ଗି ଦେଇଛନ୍ତି। ଗ୍ରାମର ତାରାଚନ୍ଦ ଜାନି, ଦିବାକର ବଛା, ବିଭୀଷଣ ନାଗ, ବୈଭ ଖର୍ସେଲ, ଦାସ ନାଗ, ବୁଦୁ ପରାଭୋଇ, ଗିରିଧାରୀ ଖରସେଲ, ଗୁଣ ଖରସେଲ, ନରଶିଙ୍ଗ ଖରସେଲ, ମାୟାଧର ଖରସେଲ, ଦିବାକର ବଛା, ଅହଲିୟା ନାଗ, ଛତର ନାଗ, ଲୁଦେନ ଖରସେଲ, ଶ୍ରବଣ ବଛା, ଟିଟି ନାଗ ଓ ଦେବୀନ ବଛା ପ୍ରମୁଖ ନିଜର ବାପ ଅଜା ପିଢ଼ିରୁ ରହି ଆସୁଥିବା ଘର ଭାଙ୍ଗିଛନ୍ତି। କିଛି ଲୋକ ନିଜ ଇଚ୍ଛାରେ ଜମି ଦେଇଥିଲେ ମଧ୍ୟ ମୁଣ୍ଡ ଗୁଞ୍ଜିବା ପାଇଁ ଆଉ କୌଣସି ସ୍ଥାନ ନାହିଁ। ସେଥିପାଇଁ ସରକାରୀସ୍ତରରେ ସହାୟତା ପ୍ରଦାନ ପାଇଁ ସ୍ଥାନୀୟ ସରପଞ୍ଚ ଶ୍ରୀ ସାହୁ ଦାବି ଜଣାଇଛନ୍ତି। ପୂର୍ବରୁ ସରପଞ୍ଚ ଶ୍ରୀ ସାହୁଙ୍କ ଉଦ୍ୟମକ୍ରମେ ସିହିନୀ ଗ୍ରାମବାସୀ ରାସ୍ତା ନିର୍ମାଣ ପାଇଁ ସ୍ୱତଃ ନିଜ ଘର ଭାଙ୍ଗିଥିବା ନେଇ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ୱିଟ୍ କରି ପ୍ରଶଂସା କରିଥିଲେ।



**ଆଜିର ମ୍ୟାଚ୍**
ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ପଞ୍ଜାବ କିଙ୍ଗ୍ସ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ବେଙ୍ଗାଲୁରୁ
ପ୍ରସାରଣ: ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ

ନିତିଦିନ NITIDIN

## ଆଇପିଏଲ୍ ୨୦୨୫ ପଏଣ୍ଟ ଟେବଲ୍

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|
| ଦିଲ୍ଲୀ | ୬ | ୫ | ୧ | ୧୦ | +୦.୭୪୪ |
| ଗୁଜରାଟ | ୬ | ୪ | ୨ | ୮ | +୧.୦୮୧ |
| ବେଙ୍ଗାଲୁରୁ | ୬ | ୪ | ୨ | ୮ | +୦.୬୭୨ |
| ପଞ୍ଜାବ | ୬ | ୪ | ୨ | ୮ | +୦.୧୭୨ |
| ଲକ୍ଷ୍ନୌ | ୭ | ୪ | ୩ | ୮ | +୦.୦୮୬ |
| କୋଲ୍‌କାତା | ୭ | ୩ | ୪ | ୬ | +୦.୫୪୭ |
| ମୁମ୍ବାଇ | ୭ | ୩ | ୪ | ୬ | +୦.୨୩୯ |
| ରାଜସ୍ଥାନ | ୭ | ୨ | ୫ | ୪ | -୦.୭୧୪ |
| ହାଇଦ୍ରାବାଦ | ୭ | ୨ | ୫ | ୪ | -୧.୨୧୭ |
| ଚେନ୍ନାଇ | ୭ | ୨ | ୫ | ୪ | -୧.୨୭୬ |

## ୱିଲ୍ ଜ୍ୟାକ୍ସଙ୍କ ଅଲ୍‌ରାଉଣ୍ଡ୍ ପ୍ରଦର୍ଶନ: ୪ ୱିକେଟ୍‌ରେ ହାଇଦ୍ରାବାଦ ପରାଜିତ

# ମୁମ୍ବାଇ ଇଣ୍ଡିଆନ୍ସର ତୃତୀୟ ବିଜୟ

**ମୁମ୍ବାଇ,୧୭।୪/ଏଜେନ୍ସି:** ଗୁରୁବାର ଚଳିତ ଆଇପିଏଲ୍‌ର ୩୩ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୪ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ହରାଇ ଦେଇଛି। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ହାଇଦ୍ରାବାଦ ପ୍ରଥମେ ୫ ୱିକେଟ୍ ହରାଇ ୧୬୨ ରନ୍ କରିଥିଲା। ଜବାବରେ ମୁମ୍ବାଇ ୧୮.୧ ଓଭର୍‌ରେ ୬ ୱିକେଟ୍ ବିନିମୟରେ ୧୬୬ ରନ୍ କରି ବିଜୟୀ ହୋଇଛି।

ଲକ୍ଷ୍ୟର ପିଛା କରୁଥିବା ମୁମ୍ବାଇ ସତର୍କତାର ସହ ଆରମ୍ଭ କରିଥିଲା। ଇମ୍ପାକ୍ଟ ପ୍ଲେୟର୍ ରୋହିତ ଶର୍ମା ଓ ର୍ୟାନ୍ ରିକେଲ୍ଟନ୍ ୩.୫ ଓଭର୍‌ରେ ୨ ରନ୍ ଯୋଡ଼ିଥିଲେ। ରୋହିତ ଲୟରେ ଥିଲେ ମଧ୍ୟ ବଡ଼ ଇନିଂସ୍ ଖେଳିପାରି ନଥିଲେ। ୩ ଛକା ସହାୟତାରେ ୧୬ ବଲ୍‌ରୁ ୨୬ ରନ୍ କରିଥିବା ବେଳେ ପ୍ୟାଟ୍ କମିନ୍ସଙ୍କ ଶିକାର ହୋଇଥିଲେ। ରିକେଲ୍ଟନ୍ ବିସ୍ଫୋରକ ଇନିଂସ୍ ଖେଳିଥିଲେ ମଧ୍ୟ ୨୩ ବଲ୍‌ରେ ୫ ଚୌକା ସହାୟତାରେ ୩୧ ରନ୍ କରିଥିବା ବେଳେ ହର୍ଷଲ୍ ପଟେଲ୍‌ଙ୍କ ବଲ୍‌ରେ ହେଡ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ପରେ ୱିଲ୍ ଜ୍ୟାକ୍ସଙ୍କ ସହ ଯୋଗ ଦେଇଥିବା ସୂର୍ଯ୍ୟକୁମାର ଯାଦବ ଇନିଂସ୍‌କୁ ଆଗେଇ ନେଇ ୫୨ ରନ୍‌ର ପାର୍ଟନର୍‌ଶିପ୍ କରିଥିଲେ। ସୂର୍ଯ୍ୟକୁ ଆଉଟ୍ କରି କମିନ୍ସ ଏହି ଯୋଡ଼ିରେ ବ୍ରେକ୍ ଲଗାଇଥିଲେ। ସୂର୍ଯ୍ୟ ୧୫ ବଲ୍‌ରେ ୨ଟି ଲେଖାଏ ଛକା ଓ ଚୌକା ସହାୟତାରେ ୨୬ ରନ୍ କରିଥିଲେ। ସୂର୍ଯ୍ୟଙ୍କ ପରେ ଜ୍ୟାକ୍ସ ୩୬ ରନ୍‌ରେ କମିନ୍ସଙ୍କ ତୃତୀୟ ଶିକାର ହୋଇଥିଲେ। ସେ ୨୬ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୩୬ ରନ୍‌ର ଉପଯୋଗୀ ଇନିଂସ୍ ଖେଳିଥିଲେ। ବିଜୟ ପାଇଁ ମୁମ୍ବାଇକୁ ଗୋଟିଏ ରନ୍‌ର ଆବଶ୍ୟକତା ଥିବାବେଳେ ଈଶାନ୍ ମାଲିଙ୍ଗା ୧୮ତମ ଓଭର୍‌ର ଦ୍ୱିତୀୟ ବଲ୍‌ରେ ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ପଞ୍ଚମ ବଲ୍‌ରେ ନମନ ଧୀର (୦)ଙ୍କୁ ଆଉଟ୍ କରି ଟିମ୍‌ର ବିଜୟକୁ ବିଳମ୍ବିତ କରିଥିଲେ। ପାଣ୍ଡ୍ୟା ହାର୍ଦ୍ଦିକ ପାଣ୍ଡ୍ୟା ୯ ବଲ୍‌ରେ ୩ ଚୌକା ଓ ଗୋଟିଏ ଛକା ସହାୟତାରେ ୨୧ ରନ୍ କରିଥିଲେ। ୧୯ତମ ଓଭର ବୋଲିଂ କରୁଥିବା ଜିଶାନ୍ ଅନ୍‌ସାରୀଙ୍କ ପ୍ରଥମ ବଲ୍‌ରେ ଚୌକା ମାରି ତିଳକ ବର୍ମା ଟିମ୍‌କୁ ବିଜୟୀ କରାଇଥିଲେ। ତିଳକ ୧୭ ବଲ୍‌ରେ ଦୁଇଟି ଚୌକା ସହାୟତାରେ ୨୧ ରନ୍ କରି ମିଚେଲ୍ ସାଣ୍ଟନର୍ (୦)ଙ୍କ ସହ ଅପରାଜିତ ଫେରିଥିଲେ। ହାଇଦ୍ରାବାଦ ପକ୍ଷରୁ ପ୍ୟାଟ୍ କମିନ୍ସ ୩ଟି, ଈଶାନ୍ ମାଲିଙ୍ଗା ୨ଟି ଏବଂ ହର୍ଷଲ୍ ପଟେଲ୍ ଗୋଟିଏ ୱିକେଟ୍ ନେଇଥିଲେ।



ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ ପକ୍ଷରୁ ଅଭିଷେକ ଶର୍ମା ଓ ଟ୍ରାଭିସ୍ ହେଡ୍ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ୱିକେଟ୍ ପାଇଁ ୫୯ ରନ୍ ଯୋଡ଼ିଥିଲେ। ତେବେ ଅଭିଷେକଙ୍କୁ ଆଉଟ୍ କରି ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇକୁ ପ୍ରଥମ ସଫଳତା ଦେଇଥିଲେ। ପ୍ରଥମ ବଲ୍‌ରେ ଜୀବନ ଦାନ ପାଇଥିବା ଅଭିଷେକ ୭ ଚୌକା ସହାୟତାରେ ୨୮ ବଲ୍‌ରୁ ସର୍ବାଧିକ ୪୦ ରନ୍ କରିଥିଲେ। ଈଶାନ୍ କିଶନ୍ (୨)ଙ୍କୁ ଶସ୍ତାରେ ପ୍ୟାଭିଲିୟନ୍ ଫେରାଇବା ପରେ ୱିଲ୍ ଜ୍ୟାକ୍ସ ଟ୍ରାଭିସ୍ ହେଡ୍‌ଙ୍କୁ ସାଣ୍ଟନର୍‌ଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ କରାଇଥିଲେ। ହେଡ୍ ୨୯ ବଲ୍‌ରୁ ୩ ଚୌକା ସହାୟତାରେ ୨୮ ରନ୍ କରିଥିଲେ। ନୀତୀଶ ରେଡ୍ଡୀ (୧୯)ଙ୍କୁ ତିଳକ ବର୍ମାଙ୍କ ହାତରେ କ୍ୟାଚ୍ କରାଇ ଟ୍ରେଣ୍ଟ୍ ବୋଲ୍ଟ ମୁମ୍ବାଇକୁ ଚତୁର୍ଥ ସଫଳତା ଦେଇଥିଲେ। କ୍ଲାସେନ୍ ୨୮ ବଲ୍‌ରେ ୩ ଚୌକା ଓ ୨ ଛକା ସହାୟତାରେ ୩୭ ରନ୍ କରିଥିବା ବେଳେ ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ଦ୍ୱାରା ବୋଲ୍ଡ ଆଉଟ୍ ହୋଇଥିଲେ। ଅନିକେଶ୍ ବର୍ମା ବିସ୍ଫୋରକ ଇନିଂସ୍ ଖେଳି ୮ ବଲ୍‌ରୁ ଦୁଇଟି ଛକା ସହାୟତାରେ ଅପରାଜିତ ୧୮ ରନ୍ ଏବଂ କ୍ୟାପ୍‌ଟେନ୍ ପ୍ୟାଟ୍ କମିନ୍ସ ୪ ବଲ୍‌ରେ ଗୋଟିଏ ଛକା ସହାୟତାରେ ଅପରାଜିତ ୮ ରନ୍ କରି ଟିମ୍‌କୁ ୧୬୨ ରନ୍‌ର ସମ୍ମାନଜନକ ସ୍କୋର୍‌ରେ ପହଞ୍ଚାଇଥିଲେ। ମୁମ୍ବାଇ ପକ୍ଷରୁ ୱିଲ୍ ଜ୍ୟାକ୍ସ ଦୁଇଟି ୱିକେଟ୍ ନେଇଥିବା ବେଳେ ବୋଲ୍ଟ, ବୁମ୍‌ରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧-୧ ସଫଳତା ମିଳିଥିଲା।

## ଦିଲ୍ଲୀ କ୍ୟାପିଟାଲ୍ସ ବୋଲିଂ କୋଚ୍ ମୁନାଫ୍ ପଟେଲ୍ ଦଣ୍ଡିତ



**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ଚଳିତ ଆଇପିଏଲ୍‌ରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯାଇଥିବା ରୋମାଞ୍ଚକର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ସୁପର୍ ଓଭର୍‌ରେ ବିଜୟୀ ହୋଇଛି। ଏହି ବିଜୟ ପରେ ବିସିସିଆଇ ଦିଲ୍ଲୀ ବୋଲିଂ କୋଚ୍ ମୁନାଫ୍ ପଟେଲ୍‌ରେ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ତାଙ୍କୁ ଜୋରିମାନା କରିଛି। ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍ ଅବସରରେ ମୁନାଫ୍ ଏକ ନିଷ୍ପତ୍ତିକୁ ନେଇ ଚତୁର୍ଥ ଅମ୍ପାୟାର୍‌ଙ୍କ ସହ ଯୁକ୍ତିତର୍କ କରିଥିଲେ। ଏହା ଆଇପିଏଲ୍ ଆଚାର ସଂହିତା ଉଲ୍ଲଂଘନ ହୋଇଥିବା ବେଳେ ବିସିସିଆଇ ତାଙ୍କୁ ମ୍ୟାଚ୍ ଫି'ର ୨୫ ପ୍ରତିଶତ ଜୋରିମାନା କରିଛି। ଏହା ସହିତ ତାଙ୍କ ଖାତାରେ ଗୋଟିଏ ଡିମେରିଟ୍ ପଏଣ୍ଟ ମଧ୍ୟ ଯୋଡ଼ାଯାଇଛି। ସେ ଅନୁଚ୍ଛେଦ ୨.୨୦ ଅଧୀନରେ ଲେଭେଲ୍ ୧ ଅପରାଧକୁ ସ୍ୱୀକାର କରିଛନ୍ତି। ଲେଭେଲ୍-୧ ଅପରାଧରେ ଖେଳ ଭାବନା ବିପରୀତ ଆଚରଣ ସାମିଲ ଥିବାବେଳେ ଏହାର ଉଲ୍ଲଂଘନରେ ମ୍ୟାଚ୍ ରେଫରିଙ୍କ ନିଷ୍ପତ୍ତି ଅନ୍ତିମ ଏବଂ ଅନିବାର୍ଯ୍ୟ ହୋଇଥାଏ।

## ଜିଟିରେ ସାମିଲ ହେବେ ଦସୁନ୍ ଶନାକା !

**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ଶ୍ରୀଲଙ୍କାର ପୂର୍ବତନ କ୍ୟାପ୍‌ଟେନ୍ ଦସୁନ୍ ଶନାକା ଚଳିତ ଆଇପିଏଲ୍‌ର ବାକି ମ୍ୟାଚ୍ ପାଇଁ ଗୁଜରାଟ ଟାଇଟନ୍ସ (ଜିଟି)ରେ ଯୋଗ ଦେଇପାରନ୍ତି। ଏକ ରିପୋର୍ଟ ଅନୁସାରେ କ୍ରିକେଟ୍ ଶ୍ରୀଲଙ୍କା ନିଜର ବୟାନରେ ଏହି ଖୁଲାସା କରିଛି। ଗୁଜରାଟ ଟାଇଟନ୍ସ ପକ୍ଷରୁ ଆଇପିଏଲ୍ ଡେବ୍ୟୁ କରିଥିବା ଶନାକା ଟିମ୍‌ରେ ଆହତ ଗ୍ଲେନ୍ ଫିଲିପ୍ସଙ୍କ ସ୍ଥାନ ନେବେ। ଏ ସମ୍ପର୍କରେ ଫ୍ରାଞ୍ଚାଇଜି ପକ୍ଷରୁ ଶୀଘ୍ର ଘୋଷଣା କରାଯିବାର ସମ୍ଭାବନା ରହିଛି। ଶନାକା ବର୍ତ୍ତମାନ ସୁଦ୍ଧା ଆଇପିଏଲ୍‌ରେ ତିନିଟି ମ୍ୟାଚ୍ ଖେଳି ୧୩ ହାରାହାରିରେ ମୋଟ ୨୬ ରନ୍ କରିଛନ୍ତି। ଆଇପିଏଲ୍ ୨୦୨୫ ସିଜନ୍‌ରେ ଗୁଜରାଟ ଟାଇଟନ୍ସର ଆରମ୍ଭ ଭଲ ନଥିଲା। ଟିମ୍‌କୁ ନିଜର ପ୍ରଥମ ମ୍ୟାଚ୍‌ରେ ପରାଜିତ ହେବାକୁ ପଡ଼ିଥିଲା। ତେବେ ଏହାପରେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ଟିମ୍ ୫ ମ୍ୟାଚ୍‌ରୁ ୪ଟିରେ ବିଜୟୀ ହୋଇ ପଏଣ୍ଟ ଟେବଲ୍‌ର ଦ୍ୱିତୀୟ ସ୍ଥାନରେ ରହିଛି। ଚଳିତ ସିଜନ୍‌ରେ ଟିମ୍ ନିଜର ପରବର୍ତ୍ତୀ ମ୍ୟାଚ୍ ଏପ୍ରିଲ୍ ୧୯ରେ ଟେବଲ୍ ଟପର୍ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ନିଜର ହୋମ୍ ଗ୍ରାଉଣ୍ଡରେ ଖେଳିବ।



## ଆଇପିଏଲ୍‌ରେ ଟ୍ରାଭିସ୍ ହେଡ୍‌ଙ୍କ କୀର୍ତ୍ତିମାନ



**ମୁମ୍ବାଇ,୧୭।୪/ଏଜେନ୍ସି:** ସନ୍‌ରାଇଜର୍ସ ହାଇଦ୍ରାବାଦ ବ୍ୟାଟର୍ ଟ୍ରାଭିସ୍ ହେଡ୍ ମୁମ୍ବାଇ ବିପକ୍ଷ ଆଇପିଏଲ୍ ମ୍ୟାଚ୍‌ରେ ଏକ କୀର୍ତ୍ତିମାନର ଅଧିକାରୀ ହୋଇଛନ୍ତି। ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଗୁରୁବାର ଅନୁଷ୍ଠିତ ମ୍ୟାଚ୍‌ରେ ହେଡ୍ ଆଇପିଏଲ୍‌ରେ ଏକ ହଜାର ରନ୍ ପୂରଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଦ୍ରୁତ ଏକ ହଜାର ରନ୍ କରିବାରେ ଦ୍ୱିତୀୟ ବ୍ୟାଟର୍ ହୋଇଛନ୍ତି। ବଲ୍ ହିସାବରେ ଆଇପିଏଲ୍‌ରେ ଦ୍ରୁତ ଏକ ହଜାର ରନ୍ ସଂଗ୍ରହରେ ଆନ୍ଦ୍ରେ ରସେଲ୍ ପ୍ରଥମ ସ୍ଥାନରେ ରହିଛନ୍ତି। ସେ ଟୁର୍ଣ୍ଣାମେଣ୍ଟରେ ୫୪୫ ବଲ୍ ଖେଳି ୧୦୦୦ ରନ୍ ପୂରଣ କରିଥିଲେ। ଅନ୍ୟପକ୍ଷରେ ହେଡ୍ ୫୭୪ ବଲ୍‌ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ହେଡ୍ ଏହି ମାମଲାରେ ହେନ୍‌ରିକ୍ କ୍ଲାସେନ୍‌ଙ୍କୁ ପଛରେ ପକାଇଛନ୍ତି। କ୍ଲାସେନ୍ ୫୯୪ ବଲ୍ ଖେଳି ଏକ ହଜାର ରନ୍ ପୂରଣ କରିଥିଲେ। ଏହି ସୂଚୀର ଚତୁର୍ଥ ସ୍ଥାନରେ ବୀରେନ୍ଦ୍ର ସେହ୍ୱାଗ୍ ରହିଛନ୍ତି। ସେ ୬୦୪ ବଲ୍‌ରେ ଏହି ଉପଲବ୍ଧି ହାସଲ କରିଥିଲେ। ତାଙ୍କ ପଛକୁ ଗ୍ଲେନ୍ ମାକ୍ସୱେଲ୍ (୬୧୦), ସୁନୀଲ୍ ନରେନ୍ ଓ ୟୁସୁଫ୍ ପଠାନ୍ (ପ୍ରତ୍ୟେକ ୬୧୭ ବଲ୍) ରହିଛନ୍ତି।

## କୋଚିଂ ଷ୍ଟାଫ୍ ଉପରେ ବିସିସିଆଇର ହଣ୍ଟର୍

# ଅଭିଷେକଙ୍କ ସମେତ ହଟିଲେ ତିନି ସଦସ୍ୟ

**ମୁମ୍ବାଇ,୧୭।୪/ଏଜେନ୍ସି:** ବର୍ଡର୍-ଗାଭାସ୍କର ଟ୍ରଫି (ବିଜିଟି)ରେ ଅଷ୍ଟ୍ରେଲିଆ ନିକଟରୁ ଟିମ୍ ଇଣ୍ଡିଆର ୧-୩ରେ ପରାଜୟ ଏବଂ ଡ୍ରେସିଂ ରୁମ୍‌ର କଥାବାର୍ତ୍ତା ଲିକ୍‌କୁ ନେଇ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ (ବିସିସିଆଇ) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ବୋର୍ଡ ଗୌତମ ଗମ୍ଭୀରଙ୍କ ନେତୃତ୍ୱାଧୀନ କୋଚିଂ ଷ୍ଟାଫ୍‌ର ତିନିଜଣ ସଦସ୍ୟଙ୍କୁ ହଟାଇ ଦେଇଛି। ଏଥିରେ ସହାୟକ କୋଚ୍ ଅଭିଷେକ ନାୟର୍‌ଙ୍କ ବ୍ୟତୀତ ଫିଲ୍ଡିଂ କୋଚ୍ ଟି. ଦିଲୀପ୍ ଓ ଟ୍ରେନର୍ ସୋହମ ଦେସାଇ ସାମିଲ। ଅବଶ୍ୟ ବିସିସିଆଇ ପକ୍ଷରୁ ଆଧିକାରିକ ଭାବେ ଏହା ସ୍ପଷ୍ଟ କରାଯାଇ ନାହିଁ। ମିଡିଆ ରିପୋର୍ଟ ଅନୁସାରେ ବ୍ୟାଟିଂ କୋଚ୍ ଭାବେ ସୀତାଂଶୁ କୋଟକ୍ ପୂର୍ବରୁ ଟିମ୍ ଇଣ୍ଡିଆରେ ଯୋଗ ଦେଇଥିବାରୁ ନାୟର୍‌ଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯିବ ନାହିଁ। ସେହିପରି ଦିଲୀପ୍‌ଙ୍କ କାମ ସହାୟକ କୋଚ୍ ରେୟାନ୍ ଟେନ୍ ଡୋଏଷ୍ଟେଟ୍ ଦେଖାଶୁଣା କରିବେ।

ଟ୍ରେନର୍ ସୋହମ୍ ଦେସାଇଙ୍କ ସ୍ଥାନ ଆଡ୍ରିଆନ୍ ଲି ରୁ ନେବେ। ସେ ଏବେ ଆଇପିଏଲ୍ ଫ୍ରାଞ୍ଚାଇଜି ପଞ୍ଜାବ କିଙ୍ଗ୍ସ ସହିତ କାମ କରୁଛନ୍ତି। ଏହା ପୂର୍ବରୁ ସେ ୨୦୦୮ରୁ ୨୦୧୯ ପର୍ଯ୍ୟନ୍ତ କେକେଆର୍ ସହିତ ମଧ୍ୟ ଥିଲେ। ୨୦୦୨ରୁ ୨୦୦୩ ପର୍ଯ୍ୟନ୍ତ ସେ ଟିମ୍ ଇଣ୍ଡିଆ ସହିତ ମଧ୍ୟ କାମ କରିଥିଲେ। ଏବେ ବିସିସିଆଇ ସହିତ ତାଙ୍କର ଚୁକ୍ତି ହୋଇସାରିଛି।



ଦିଲୀପ ଓ ସୋହମଙ୍କର ଭାରତୀୟ ଟିମ୍‌ରେ ତିନିବର୍ଷରୁ ଅଧିକ ସମୟ ହୋଇସାରିଥିବା ବେଳେ ଅଭିଷେକ ନାୟର୍ ୮ ମାସ ତଳେ ଟିମ୍ ଇଣ୍ଡିଆ ସପୋର୍ଟ ଷ୍ଟାଫ୍‌ରେ ଯୋଗ ଦେଇଥିଲେ।

ବିଜିଟି ଅବସରରେ ମେଲ୍‌ବର୍ଣ୍ଣ ଟେଷ୍ଟରେ ପରାଜୟ ପରେ ଭାରତୀୟ ଟିମ୍‌ର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଖେଳାଳିଙ୍କ ପ୍ରଦର୍ଶନକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଗମ୍ଭୀର ଖେଳାଳିଙ୍କ ଭୁଲ ଶଟ୍ ଚୟନକୁ ନେଇ ଅସନ୍ତୁଷ୍ଟ ଥିଲେ। ଡ୍ରେସିଂ ରୁମ୍‌କୁ ଫେରିବା ତୁରନ୍ତ ପରେ ପୂରା ଟିମ୍‌କୁ କହିଥିଲେ, ଏବେ ବହୁତ ହୋଇଗଲା। ଏହି ଅବସରରେ କାହାରି ନାମ ନନେଇ ସେ କହିଥିଲେ, ନାଚୁରାଲ୍ ଗେମ୍ ଖେଳିବା ବାହାନା କରୁଥିବା ଖେଳାଳିଙ୍କୁ ପରିସ୍ଥିତି ହିସାବରେ ଖେଳିବାକୁ ହେବ। ତେବେ ଗମ୍ଭୀରଙ୍କ ଏହି କଥା ଲିକ୍ ହୋଇଯାଇଥିଲା। ଏହାପରେ ଗମ୍ଭୀର କହିଥିଲେ, ଖେଳାଳି ଏବଂ କୋଚ୍‌ଙ୍କ ମଧ୍ୟରେ କଥାବାର୍ତ୍ତା ଡ୍ରେସିଂ ରୁମ୍ ମଧ୍ୟରେ ସୀମିତ ରହିବା ଉଚିତ। ଏହା ବାହାରକୁ ଆସିବା ଉଚିତ ନୁହେଁ। ଡ୍ରେସିଂ ରୁମ୍‌ରେ ଅଶାନ୍ତିର ଖବରକୁ କମ୍ କରିବା ଉଦ୍ଦେଶ୍ୟରେ ଏହାକୁ ଖଣ୍ଡନ କରିବା ସହିତ ଏଥିରେ କୌଣସି ସତ୍ୟତା ନାହିଁ, ଏହା କେବଳ ଏକ ଉଡ଼ା ଖବର ବୋଲି ଗମ୍ଭୀର କହିଥିଲେ।

## ଫ୍ରେଞ୍ଚ୍ ଓପନ୍‌ରେ ସମ୍ମାନିତ ହେବେ ନାଡାଲ୍

**ପ୍ୟାରିସ୍,୧୭।୪/ଏଜେନ୍ସି:** ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ୍ ଉଦ୍‌ଘାଟନୀ ଦିବସରେ ସ୍ପେନ୍‌ର ମହାନ୍ ଟେନିସ୍ ତାରକା ରାଫେଲ୍ ନାଡାଲ୍‌ଙ୍କୁ ସମ୍ମାନିତ କରାଯିବ। ଟୁର୍ଣ୍ଣାମେଣ୍ଟ ଆୟୋଜକ ଗୁରୁବାର ଏହି ଘୋଷଣା କରିଛନ୍ତି। ୩୮ ବର୍ଷୀୟ ନାଡାଲ୍ ତାଙ୍କ ୨୨ ମେଜର୍ ଟାଇଟଲ୍ ମଧ୍ୟରୁ ରେକର୍ଡ ୧୪ଟି ପ୍ୟାରିସ୍‌ର ରୋଲାଣ୍ଡ ଗାରୋସ୍‌ରେ ହିଁ ଜିତିଛନ୍ତି। କିନ୍ତୁ ଗତ ଥର ଆଲେକ୍‌ଜାଣ୍ଡର୍ ଜ୍ୱେରେଭ୍‌ଙ୍କଠାରୁ ହାରି ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ଯଦିଓ ସେତେବେଳେ ଏହା ପ୍ୟାରିସ୍‌ରେ ତାଙ୍କର ଶେଷ ମ୍ୟାଚ୍ ଥିଲା ବୋଲି କହିନଥିଲେ, ମାତ୍ର ନଭେମ୍ବରରେ ଡେଭିସ୍ କପ୍ ଫାଇନାଲ୍ ପରେ ସେ ପେସାର ଟେନିସ୍‌ରୁ ସନ୍ନ୍ୟାସ ଘୋଷଣା କରିଥିଲେ। ଚଳିତ ବର୍ଷର ଫ୍ରେଞ୍ଚ୍ ଓପନ୍ ମେ ୨୫ରୁ ଜୁନ୍ ୮ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ଅବସରରେ ମେରୀ ପିଅର୍ସ ଓ ରିଚାର୍ଡ ଗାସ୍କେଟ୍‌ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ୨୫ ବର୍ଷ ପୂର୍ବେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ୍ ଜିତିଥିବା ପିଅର୍ସଙ୍କୁ ଜୁନ୍ ୫ର ମହିଳା ସେମିଫାଇନାଲ୍ ଅବସରରେ ସେଣ୍ଟର କୋର୍ଟରେ ସମ୍ମାନିତ କରାଯିବ। ୨୦୧୯ରେ ଅନ୍ତର୍ଜାତୀୟ ଟେନିସ୍ ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଥିବା ୫୦ ବର୍ଷୀୟା ଫରାସୀ ମହିଳା ଖେଳାଳିଙ୍କୁ ଏକ ପ୍ରସିଦ୍ଧ ମୁଦି ମଧ୍ୟ ପ୍ରଦାନ କରାଯିବ। ୩୮ ବର୍ଷୀୟ ଗାସ୍କେଟ୍ ଚଳିତ ସିଜନ୍ ପରେ ଅବସର ନେବାକୁ ଯାଉଛନ୍ତି ଏବଂ ଏହା ପ୍ୟାରିସ୍‌ରେ ଘରୋଇ ସ୍ଲାମ୍‌ରେ ତାଙ୍କର ୨୨ତମ ଏବଂ ଶେଷ ପଦାର୍ପଣ ହେବ। କ୍ଲେ କୋର୍ଟରେ ତାଙ୍କ କ୍ୟାରିୟର୍‌ର ଅନ୍ତିମ ମ୍ୟାଚ୍ ପରେ ଏକ ଉତ୍ସବରେ ତାଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି।



## ସ୍ୱର୍ଣ୍ଣ ସହ ନୀରଜଙ୍କ ସିଜନ୍ ଆରମ୍ଭ





**ନୂଆଦିଲ୍ଲୀ,୧୭।୪/ଏଜେନ୍ସି:** ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ସାଉଥ୍ ଆଫ୍ରିକାର ପୋଚେଫ୍‌ଷ୍ଟ୍ରୁମ୍ ଇନ୍‌ଭିଟେସନାଲ୍ ଟ୍ରାକ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଚମତ୍କାର ଢଙ୍ଗରେ ୨୦୨୫ ସିଜନ୍ ଆରମ୍ଭ କରିଛନ୍ତି। ବୁଧବାର ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍ ଚ୍ୟାଲେଞ୍ଜର୍ ପ୍ରତିଯୋଗିତାରେ ନୀରଜ ୮୪.୫୨ ମିଟର ଦୂରକୁ ଜାଭେଲିନ୍ ଫିଙ୍ଗି ୬ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ଭାରତୀୟ ଷ୍ଟାର୍ ସାଉଥ୍ ଆଫ୍ରିକାର ୨୫ ବର୍ଷୀୟ ଡୋଉ ସ୍ମିଟ୍‌ଙ୍କଠାରୁ ବହୁ ଆଗରେ ରହିଥିଲେ। ସ୍ମିଟ୍ ବ୍ୟକ୍ତିଗତ ଶ୍ରେଷ୍ଠ ଥ୍ରୋ ୮୨.୪୪ ମିଟର ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ନୀରଜଙ୍କ ପ୍ରଦର୍ଶନ ତାଙ୍କ ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ୮୯.୯୪ ମିଟର ଠାରୁ କମ୍ ରହିଥିବା ବେଳେ ସ୍ମିଟ୍ ନିଜ ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ୮୩.୨୯ ମିଟରର ନିକଟବର୍ତ୍ତୀ ହୋଇଥିଲେ। ଏହି ପ୍ରତିଯୋଗିତାରେ କେବଳ ଦୁଇଜଣ ଆଥ୍‌ଲେଟ୍ ନୀରଜ ଓ ସ୍ମିଟ୍ ୮୦ ମିଟର୍ ଦୂର ପାର କରିଥିଲେ। ସାଉଥ୍ ଆଫ୍ରିକାର ଅନ୍ୟ ଜଣେ ଖେଳାଳି ଡଙ୍କନ୍ ରବର୍ଟ୍ସ ୭୧.୨୨ ମିଟର ପ୍ରୟାସ ସହ ତୃତୀୟ ସ୍ଥାନରେ ରହିଥିଲେ।

ମେ ୧୬ ତାରିଖରେ ହେବାକୁ ଥିବା ଦୋହା ଡାଏମଣ୍ଡ ଲିଗ୍ ନୀରଜଙ୍କ ପରବର୍ତ୍ତୀ ମେଜର୍ ଇଭେଣ୍ଟ ହେବ। ସେଠାରେ ସେ କଡ଼ା ପ୍ରତିଦ୍ୱନ୍ଦ୍ୱିତାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ନୀରଜ ୮୯.୪୫ ମିଟର ଥ୍ରୋ ସହିତ ରୌପ୍ୟ ପଦକ ଜିତିଥିବା ବେଳେ ପାକିସ୍ତାନର ଅର୍ଶଦ୍ ନଦୀମ୍ ୯୨.୯୭ ମିଟରର ନୂଆ ଅଲିମ୍ପିକ୍ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ଜିତିଥିଲେ। ନୀରଜ ଚଳିତ ସିଜନ୍‌ରେ ନଦିମ୍‌ଙ୍କ ଏହି ରେକର୍ଡ ଭଙ୍ଗ କରିପାରିବେ କି ନାହିଁ ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍

## ସୁରୁଚି-ସୌରଭଙ୍କୁ ମିକ୍ସଡ୍ ଟିମ୍ ସ୍ୱର୍ଣ୍ଣ




**ଲିମା,୧୭।୪/ଏଜେନ୍ସି:** ପେରୁ ରାଜଧାନୀ ଲିମାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ବିଶ୍ୱକପ୍‌ର ୧୦ ମିଟର ଏୟାର ପିସ୍ତଲ୍ ମିକ୍ସଡ୍ ଟିମ୍ ଇଭେଣ୍ଟରେ ଭାରତୀୟ ଶୁଟର୍ ସୁରୁଚି ଇନ୍ଦର ସିଂହ ଓ ସୌରଭ ଚୌଧୁରୀ ବୁଧବାର ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ଭାରତୀୟ ଯୋଡ଼ି ୧୭ ଶଟ୍ ସହ ଶୀର୍ଷସ୍ଥାନ ଅଧିକାର କରିଥିବା ବେଳେ ଚୀନ୍‌ର କିଆନ୍‌ସୁନ୍ ୟାଓ ଏବଂ କାଇ ହୁ ୯ ଶଟ୍ ସହ ଦ୍ୱିତୀୟ ହୋଇଛନ୍ତି। ବ୍ରୋଞ୍ଜ୍ ପଦକ ମ୍ୟାଚ୍‌ରେ ଭାରତର ମନୁ ଭାକର ଓ ରବିନ୍ଦର ସିଂହ (୬) କ୍ୱିଆଙ୍କେ ମା ଓ ୟୁଫାନ୍ ଝାଙ୍ଗ୍ (୧୬)ଙ୍କ ଚୀନ୍ ଯୋଡ଼ିଠାରୁ ହାରିଯାଇଛନ୍ତି। ସୁରୁଚି ଓ ସୌରଭଙ୍କ ଯୋଡ଼ି କ୍ୱାଲିଫିକେସନ୍‌ରେ ମିଳିତ ଭାବେ ୫୮୦ ପଏଣ୍ଟ ସ୍କୋର୍ ସହ ଦ୍ୱିତୀୟ ସ୍ଥାନରେ ରହି ଲାସ୍ ପାମାସ୍ ରେଞ୍ଜ୍‌ରେ ଅନୁଷ୍ଠିତ ସ୍ୱର୍ଣ୍ଣ ପଦକ ମ୍ୟାଚ୍‌ରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ଚୀନା ଯୋଡ଼ି ୫୮୫ ପଏଣ୍ଟ ସହ କ୍ୱାଲିଫିକେସନ୍‌ରେ ଶୀର୍ଷ ରହିଥିଲା।

ମଙ୍ଗଳବାର ୧୮ ବର୍ଷୀୟା ସୁରୁଚି ଡବଲ୍ ଅଲିମ୍ପିକ୍ ପଦକ ବିଜେତା ନିଜ ଦେଶର ମନୁ ଭାକର୍‌ଙ୍କୁ ହରାଇ ମହିଳା ୧୦ ମିଟର ଏୟାର୍ ପିସ୍ତଲ୍ ଇଭେଣ୍ଟର ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ସୌରଭ ପୁରୁଷ ୧୦ ମିଟର ଏୟାର୍ ପିସ୍ତଲ ଇଭେଣ୍ଟରେ ବ୍ରୋଞ୍ଜ୍ ପଦକ ଜିତିଥିଲେ।

## ବିସିସିଆଇ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟକୁ ନେଇ ପ୍ରସ୍ତୁତି

# ଅଭିଷେକ, ନୀତୀଶ ଓ ହର୍ଷିତଙ୍କୁ ମିଳିବ ସୁଯୋଗ !

**ମୁମ୍ବାଇ,୧୭।୪/ଏଜେନ୍ସି:** ଟିମ୍ ଇଣ୍ଡିଆ ଖେଳାଳିଙ୍କ ପାଇଁ ବିସିସିଆଇର ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟ ଖୁବ୍‌ଶୀଘ୍ର ଘୋଷଣା ହୋଇପାରେ। ଏଥିପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ତେବେ ଏଥିରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ତେବେ ଏକ ରିପୋର୍ଟରୁ ଜଣାପଡ଼ିଛି ତିନିଜଣ ଯୁବ ଖେଳାଳି ଅଭିଷେକ ଶର୍ମା, ନୀତୀଶ ରେଡ୍ଡୀ ଏବଂ ହର୍ଷିତ ରାଣାଙ୍କୁ ପ୍ରଥମ ଥର ପାଇଁ ଏଥିରେ ସାମିଲ କରାଯାଇପାରେ। ଅଭିଷେକ ଶର୍ମାଙ୍କୁ ସି' ଗ୍ରେଡ୍‌ରେ ସାମିଲ କରାଯାଇପାରେ ବୋଲି କୁହାଯାଇଛି। ବିସିସିଆଇ ନିୟମ ଅନୁସାରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଅତିକମ୍‌ରେ ତିନି ଟେଷ୍ଟ/ଆଠ ଦିନିକିଆ କିମ୍ବା ୧୦ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଜଣେ ଖେଳାଳିଙ୍କୁ ଲିଷ୍ଟର ଗ୍ରେଡ୍-ସି'ରେ ସ୍ଥାନ ମିଳିପାରିବ। ଅଭିଷେକ ଏହି ନିୟମକୁ ପାଳନ କରୁଛନ୍ତି। ସେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ୧୨ ଟି-୨୦ ଅନ୍ତର୍ଜାତୀୟ ଖେଳିସାରିଛନ୍ତି। ସେହିପରି ନୀତୀଶ କୁମାର ରେଡ୍ଡୀ ଭାରତ ପକ୍ଷରୁ ପାଞ୍ଚ ଟେଷ୍ଟ ଏବଂ ଚାରି ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଅର୍ଥାତ୍ ତାଙ୍କ ସ୍ଥାନକୁ ନେଇ ବିଶେଷ ପ୍ରଶ୍ନ ଉଠିବା ଉଚିତ ନୁହେଁ। ଏହା ବ୍ୟତୀତ ହର୍ଷିତଙ୍କ ପାଇଁ ରାସ୍ତା ମଧ୍ୟ ପରିଷ୍କାର ଅଛି। ସେ ଭାରତ ପାଇଁ ବର୍ତ୍ତମାନ ସୁଦ୍ଧା ଦୁଇଟି ଟେଷ୍ଟ, ପାଞ୍ଚ ଦିନିକିଆ ଏବଂ ଗୋଟିଏ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଯଦିଓ ସେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପର୍ଯ୍ୟାପ୍ତ ମ୍ୟାଚ୍ ଖେଳିନାହାନ୍ତି, ତେବେ ସମସ୍ତ ଫର୍ମାଟ୍‌ରେ ଖେଳିସାରିଥିବାରୁ ତାଙ୍କ ପାଇଁ ଏଥିରେ ସ୍ଥାନ ପାଇବା କଷ୍ଟକର ହେବନାହିଁ। ଏହା ବ୍ୟତୀତ ଭାରତ ପକ୍ଷରୁ ଚାରି ଦିନିକିଆ ଓ ୧୮ ଟି-୨୦ ମ୍ୟାଚ୍ ଖେଳିସାରିଥିବା ବରୁଣ ଚକ୍ରବର୍ତ୍ତୀ ମଧ୍ୟ ଦାବିଦାର ଲିଷ୍ଟରେ ରହିଛନ୍ତି।




ତେବେ ସେଣ୍ଟ୍ରାଲ୍ କଣ୍ଟ୍ରାକ୍ଟକୁ ନେଇ ବଡ଼ ଖବର ହେଉଛି ଶ୍ରେୟସ୍ ଆୟର୍ ପ୍ରତ୍ୟାବର୍ତ୍ତନ। ଶ୍ରେୟସ୍‌ଙ୍କୁ ଗତବର୍ଷ ଘରୋଇ ମ୍ୟାଚ୍ ଖେଳିନଥିବା କାରଣରୁ ଏହି ଲିଷ୍ଟରୁ ବାଦ୍ ଦିଆଯାଇଥିଲା। ଶ୍ରେୟସ୍ ଚାମ୍ପିଅନ୍ସ ଟ୍ରଫିରେ ଭାରତ ପକ୍ଷରୁ ଖେଳି ସର୍ବାଧିକ ରନ୍ ସଂଗ୍ରହ କରିଥିଲେ। ନିକଟରେ ଆଇସିସି ତାଙ୍କୁ ମାର୍ଚ୍ଚ ମାସ ପାଇଁ ଶ୍ରେଷ୍ଠ ଖେଳାଳି ଚୟନ କରିଥିଲା। ଫଳରେ ତାଙ୍କ ପ୍ରତ୍ୟାବର୍ତ୍ତନ ପ୍ରାୟତଃ ପକ୍କା। ବର୍ତ୍ତମାନ ରୋହିତ ଶର୍ମା, ବିରାଟ କୋହଲି, ଜସ୍‌ପ୍ରୀତ୍ ବୁମ୍‌ରା ଏବଂ ରବୀନ୍ଦ୍ର ଜାଡ଼େଜା ଏ+ କାଗାଗୋରୀରେ ରହିଛନ୍ତି। ଇତିମଧ୍ୟରେ ରୋହିତ, ବିରାଟ ଓ ଜାଡ଼େଜା ଟି-୨୦ରୁ ଅବସର ନେଇସାରିଥିଲେ ମଧ୍ୟ ସେମାନଙ୍କୁ ପରବର୍ତ୍ତୀ କଣ୍ଟ୍ରାକ୍ଟର ଏ+ କାଟାଗୋରୀରେ ବଜାୟ ରଖାଯିବାର ବହୁ ସମ୍ଭାବନା ରହିଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.
ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra